RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ

## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-155 ◆MONDAY ◆1 DECEMBER 2025 ◆PAGE-16 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୫୫ ◆ସୋମବାର ◆୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦






UP TO ₹600 OFF* per gram on gold jewellery | UP TO 20% OFF* On diamond value | FLAT 0% DEDUCTION* ON EXCHANGE of old gold of any karat from any jeweller

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152

# ସପ୍ତାହେ ବଢ଼ିଲା ଏସ୍ଆଇଆର୍ ଅବଧି

**ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ ୧୨ ରାଜ୍ୟରେ ଭୋଟର ସଂଶୋଧନ**

**ଫେବୃଆରୀ ୧୪ରେ ଜାରି ହେବ ଅନ୍ତିମ ତାଲିକା**

**ଦୁଇଗୁଣା ହେବ ବିଏଲ୍ଓଙ୍କ ଦରମା**

ନୂଆଦିଲ୍ଲୀ,୩୦ ।୧୧(ଏଜେନ୍ସି):

ନିର୍ବାଚନ କମିଶନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ୱେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍ଆଇଆର୍)ର ସମୟ ସୀମାକୁ ଆଉ ଗୋଟିଏ ସପ୍ତାହ ବୃଦ୍ଧି କରିଛନ୍ତି । ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୧୪ ଜାରି କରାଯିବ ବୋଲି କମିଶନ କହିଛନ୍ତି । ଏବେ ଭୋଟର ସଂଶୋଧନ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ । ପୂର୍ବରୁ ଏହା ଡିସେମ୍ବର ୪ ପର୍ଯ୍ୟନ୍ତ ଚାଲିବାର ଥିଲା । ପ୍ରଥମେ ଡ୍ରାଫ୍ଟ ତାଲିକା ଡିସେମ୍ବର ୯ରେ ଜାରି ହେବାର କାର୍ଯ୍ୟକ୍ରମ ଥିଲା । ଏବେ ଏହା ଡିସେମ୍ବର ୧୬ରେ ଜାରି ହେବ ବୋଲି କୁହାଯାଇଛି । ବିହାର ପରେ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍ଆଇଆର ଅକ୍ଟୋବର ୨୮ରେ ଆରମ୍ଭ ହୋଇଥିଲା । ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂଶୋଧନ ହେବାର କାର୍ଯ୍ୟକ୍ରମ ଥିଲା । ଏଥିରେ ନୂଆ ଭୋଟରଙ୍କ ନାମ ସାମିଲ କରାଯିବା ସହ ତାଲିକାରେ ଥିବା ତ୍ରୁଟି ସୁଧାର କରାଯିବ । ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି । ତେଣୁ ଏହି ରାଜ୍ୟରେ ଚାଲିଥିବା ଏସ୍ଆଇଆର୍ ପ୍ରକ୍ରିୟା ନେଇ ଚର୍ଚ୍ଚା ଚାଲିଛି । ତେବେ ଆସାମରେ ଏସ୍ଆଇଆର୍ ଆରମ୍ଭ କରାଯାଇ ନାହିଁ । ଆସାମରେ ନାଗରିକତା ନେଇ ନିୟମ ଭିନ୍ନ । ତେଣୁ ଏହି ରାଜ୍ୟରେ ଏସ୍ଆଇଆର୍‌ର ପ୍ରକ୍ରିୟା ମଧ୍ୟ ଭିନ୍ନ ହେବ ଓ ପରେ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି ।

ନିର୍ବାଚନ କମିସନ ବୁଥ ଲେଭୁଲ ଅଫିସର (ବିଏଲ୍ଓ)ଙ୍କ ଦରମା ଦୁଇଗୁଣା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ଫଳରେ ବିଏଲ୍ଓଙ୍କ ଦରମା ୬,୦୦୦ରୁ ବୃଦ୍ଧି ପାଇଁ ୧୨,୦୦୦ ହେବ ବୋଲି କୁହାଯାଇଛି । ଏହାକୁ ବାଦ ଦେଲେ ରୋଲ ପ୍ରସ୍ତୁତ କରୁଥିବା ଓ ଏଥିରେ ପରିବର୍ତ୍ତନ କରୁଥିବା ବିଏଲ୍ଓ ସୁପର ଭାଇଜରଙ୍କ ଦରମା ୧୨ ହଜାରରୁ ୧୮ ହଜାରକୁ ବୃଦ୍ଧି କରାଯାଇଛି । ଯେଉଁ ସରକାରୀ କର୍ମଚାରୀଙ୍କୁ ବିଏଲ୍ଓର ଦାୟିତ୍ୱ ଦିଆଯାଇଛି ସେମାନଙ୍କୁ ଦରମା ବ୍ୟତୀତ ଏହି ପାଉଣା ଅଲଗା ଦିଆଯିବ ବୋଲି କୁହାଯାଇଛି । ଶନିବାର ନିର୍ବାଚନ କମିଶନ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ୨୦୧୫ରେ ଏଭଳି ପରିବର୍ତ୍ତନ କରାଯାଇଥିଲା ବୋଲି ଉଲ୍ଲେଖ କରିଛନ୍ତି । ପ୍ରଥମଥର ପାଇଁ ଇଲେକ୍ଟୋରାଲ ଅଫିସର୍ସ (ଇଆରଓଏସ୍) ଓ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର୍ସ (ଏଇଆରଓଏସ୍)ଙ୍କୁ ମଧ୍ୟ ପାରିଶ୍ରମିକ ତଥା ବେତନ ଦିଆଯିବାକୁ ଘୋଷଣା କରାଯାଇଛି । ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲୁଥିବା ଏସ୍ଆଇଆର୍ ପ୍ରକ୍ରିୟାରେ ମୋଟ୍ ୫.୩୨ ଲକ୍ଷ ବିଏଲ୍ଓ କାର୍ଯ୍ୟ କରୁଛନ୍ତି । ପ୍ରତ୍ୟେକ ବିଏଲ୍ଓଙ୍କୁ ପାଖାପାଖି ୯୫୬ ଭୋଟରଙ୍କ ତାଲିକାର ରିଭିଜନ କରିବା ନେଇ ଦାୟିତ୍ୱ ଦିଆଯାଇଛି ।

## ରାଜ୍ ଭବନ ଏବେ ହେବ ଲୋକ ଭବନ

ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ଉପନିବେଶ କାଳର ସଙ୍କେତକୁ ହଟାଇବା ପାଇଁ କେନ୍ଦ୍ର ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ରାଜ୍ ଭବନ ଗୁଡ଼ିକର ନାମ ବଦଳାଇ ଏବେ ଲୋକ ଭବନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟପାଳଙ୍କ ଭବନକୁ 'ଲୋକ ଭବନ' ଏବଂ ଉପ-ରାଜ୍ୟପାଳଙ୍କ ବାସଭବନକୁ 'ଲୋକ ନିବାସ' କରିବାକୁ କୁହାଯାଇଛି । ଗତ ବର୍ଷ ଅଗଷ୍ଟ ୨ରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ରାଜ୍ୟପାଳମାନଙ୍କ ସମ୍ମିଳନୀରେ ଏହି ନାମ ବଦଳାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତାମିଲନାଡୁ ରାଜ୍ୟପାଳ ଆରଏନ ରବିଙ୍କ ନେତୃତ୍ୱରେ ଏହି ପ୍ରସ୍ତାବର ସମୀକ୍ଷା କରି ଚୂଡ଼ାନ୍ତ କରାଯାଇଥିଲା । ସେ ହିଁ ଉପନିବେଶ କାଳର ନାମକୁ ହଟାଇବାକୁ ପ୍ରସ୍ତାବ ଦେଇଥିଲେ ।

## ଭାରୋତ୍ତୋଳକଙ୍କୁ ହତ୍ୟା

ରୋହତକ, ୩୦।୧୧ (ଏଜେନ୍ସି): ହରିୟାଣା ରୋହତକର ଜାତୀୟସ୍ତରର ଜଣେ ପାରା ଆଥଲେଟଙ୍କୁ ପିଟି ପିଟି ହତ୍ୟା କରାଯାଇଛି । ମୃତକଙ୍କ ନାମ ରୋହିତ ଧନକର (୨୮) । ଦୁଇ ଦିନ ତଳେ ସେ ବନ୍ଧୁ ଜତିନଙ୍କ ସହ ସମ୍ପର୍କୀୟଙ୍କ ବିବାହରେ ଯୋଗ ଦେବା ପାଇଁ ରେୱାରି-ଖେରା ଯାଇଥିଲେ । ଏଠାରେ ସେ ବର ପକ୍ଷର କିଛି ଲୋକଙ୍କ ଖରାପ ବ୍ୟବହାରକୁ ବିରୋଧ କରିଥିଲେ । ଏହାକୁ ନେଇ ତାଙ୍କ ସହ ଧନକରଙ୍କ କଥା କଟାକଟି ହୋଇଥିଲା । ବିବାହରେ ସାମିଲ ହୋଇ ରୋହତକ ଫେରୁଥିବାବେଳେ ୧୫ରୁ ୨୦ ଜଣ ବ୍ୟକ୍ତି ପିଛା କରି ପଛ ପଟୁ ତାଙ୍କ କାର୍‌କୁ ଧକ୍କା ଦେଇଥିଲେ । ଏହା ପରେ ଲୁହାଛଡ଼ ଏବଂ ହକି ଷ୍ଟିକ୍‌ରେ ମାଡ଼ ମାରି ଚାଲି ଯାଇଥିଲେ । ଗୁରୁତର ଅବସ୍ଥାରେ ଧନକରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମାତ୍ର ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ପୁଲିସ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି ।

## ଜନ୍ମଦିନରେ ଗୁଳିକାଣ୍ଡ, ୪ ମୃତ

ୱାସିଂଟନ,୩୦ ।୧୧(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଷ୍ଟକଟନର ଲୁସିଲ ଆଭେନ୍ୟୁର ବ୍ୟାନକ୍ୱେଟ ହଲ୍‌ରେ ଏକ ଶିଶୁ ଜନ୍ମଦିନ ପାର୍ଟିରେ ଗୁଳିକାଣ୍ଡ ଘଟିଛି । ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ମୋଟ ଉପରେ ୧୪ ଜଣଙ୍କୁ ଗୁଳି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି । ଆହତଙ୍କୁ ତରୁନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପ୍ରଥମେ ବାଣ ଫୁଟାଯାଉ ଥିବା ଭାବିଥିଲୁ ବୋଲି ଘଟଣାସ୍ଥଳରେ ଉପସ୍ଥିତ ଥିବା ବ୍ୟକ୍ତିମାନେ କହିଛନ୍ତି । କିନ୍ତୁ ପରେ ଏହା ଗୁଳିକାଣ୍ଡ ଥିଲା ବୋଲି ଜଣାପଡିଥିଲା । ସାନ ଫ୍ରାନସିସ୍କୋ ପୂର୍ବକୁ ୫୦ ମାଇଲ ଦୂରରେ ଏହି କାଣ୍ଡ ଘଟିଛି । ଆକ୍ରମଣକାରୀ ମାନେ ହଲ୍ ଭିତରକୁ ପସି ଗୁଳ ଚଳାଇଥିଲେ ।

## ପ୍ରେମିକର ହତ୍ୟା ପରେ ମୃତଦେହକୁ ବାହାହେଲେ ପ୍ରେମିକା



**ପ୍ରେମ ଆଗରେ ହାର ମାନିଲା ଜାତିପ୍ରଥା**

ନୂଆଦିଲ୍ଲୀ,୩୦ ।୧୧(ଏଜେନ୍ସି): ମହାରାଷ୍ଟ୍ରର ନାନ୍ଦେଡରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଜଣେ ଯୁବତୀ ନିଜ ପ୍ରେମିକଙ୍କ ଶବ ସହ ବିବାହ କରିଛନ୍ତି । ପ୍ରେମିକ ଅନ୍ୟ ଜାତିର ହୋଇଥିବାରୁ ପ୍ରେମିକାର ପରିବାର ଲୋକେ ତାଙ୍କୁ ହତ୍ୟା କରିଥିଲେ । ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଓ ପ୍ରମିକଙ୍କ ମୃତଦେହ ସହ ବିବାହ କରିବାକୁ ଇଚ୍ଛା ଜାହିର କରିଥିଲେ । ପରିବାର ବିରୋଧ ସତ୍ତ୍ୱେ ଯୁବତୀ ଜଣକ ମୃତଦେହ ସହ ବିବାହ କରିଥିଲେ ଓ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସଂକଳ୍ପ ନେଇଥିଲେ । ଏହି ଘଟଣା ଆମ ଦେଶରେ ଥିବା କ୍ରୁର ଜାତିଗତ ଭେଦଭାବର ବାସ୍ତବିକତାକୁ ଦର୍ଶାଉଛି । ଏହି ଘଟଣା ନେଇ ପୂରା ମହାରାଷ୍ଟ୍ରରେ ଚର୍ଚ୍ଚା ଚାଲିଛି ।

ଅନ୍ୟ ଜାତିର ଝିଅକୁ ପ୍ରେମ କରିବା କାରଣରୁ ଜଣେ ୨୦ ବର୍ଷର ଯୁବକ ସକ୍ଷମ ଟେଟେଙ୍କୁ ମହଙ୍ଗା ପଡିଛି ଓ ଶେଷରେ ତାଙ୍କୁ ଜୀବନ ଦେବାକୁ ହୋଇଛି । ପ୍ରେମିକା ଆଞ୍ଚଲଙ୍କ ବାପା ଓ ଭାଇମାନେ ଯୁବକଙ୍କୁ ବାଡେଇବା ପରେ ଗୁଳି ମାରିଥିଲେ । ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ । ମୃତ୍ୟୁପରେ ଯୁବକଙ୍କ ଅନ୍ତିମ ସଂସ୍କାରରେ ଆଞ୍ଚଲ ନିଜ ମଥାରେ ସିନ୍ଦୂର ଲଗାଇଥିଲେ ଓ ତାଙ୍କ ଘରେ ବୋହୂ ହୋଇ ରହିବେ ବୋଲି ପ୍ରତିଜ୍ଞା କରିଥିଲେ । ୩ ବର୍ଷ ତଳେ ନିଜ ଭାଇଙ୍କ ଜରିଆରେ ସକ୍ଷମଙ୍କୁ ଭେଟିଥିଲେ ଆଞ୍ଚଲ । ତାଙ୍କ ଘରକୁ ବରାବର ଯିବା ଫଳରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିନ୍ତୁ ଦୁହିଁଙ୍କ ଜାତି ଅଲଗା ହୋଇଥିବାରୁ ଏହି ସମ୍ପର୍କକୁ ଆଞ୍ଚଲଙ୍କ ପରିବାର ବିରୋଧ କରିଥିଲେ । ବାରମ୍ବାର ଧମକ ସତ୍ତ୍ୱେ ଆଞ୍ଚଲ ନିଜର ପ୍ରେମ ସମ୍ପର୍କ ଜାରି ରଖିଥିଲେ । ଯେତେବେଳେ ଆଞ୍ଚଲ ବିବାହ କରିବାକୁ ଯାଉଥିବା କଥା ଜାଣିଲେ, ସେତେବେଳେ ତାଙ୍କ ପରିବାର ଲୋକ ସକ୍ଷମଙ୍କୁ ହତ୍ୟା କରିଥିଲେ । ସକ୍ଷମଙ୍କ ଅନ୍ତିମ ସଂସ୍କାର ବେଳେ ଆଞ୍ଚଲ ତାଙ୍କ ଘରକୁ ଯାଇ ନିଜ ଶରୀରରେ ହଳଦୀ ଲଗାଇବା ସହ ମଥାରେ ସିନ୍ଦୂର ପିନ୍ଧିଥିଲେ ଓ ତାଙ୍କ ମର ଶରୀରକୁ ବିବାହ କରିଥିଲେ । ବାକି ଜୀବନ ସକ୍ଷମଙ୍କ ଘରେ ବିତାଇବାକୁ ସେ କହିଥିଲେ । ଆମ ପ୍ରେମର ବିଜୟ ହେଲା ଓ ମୋ ବାପା ଓ ଭାଇମାନେ ହାରିଯାଇଛନ୍ତି ବୋଲି ଆଞ୍ଚଲ କହିଛନ୍ତି । ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ନ୍ୟାସନାଲ ହେରାଲ୍ଡ ମାମଲା: ସୋନିଆ, ରାହୁଲଙ୍କ ବିରୋଧରେ ଏତଲା

**ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ: କଂଗ୍ରେସ**

ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ନୂଆ ଏତଲା ରୁଜୁ କରାଯାଇଛି । ଏହି ଏତଲାରେ ସାମ ପିଟ୍ରୋଦା, ସୁମନ ଦୁବେ, ସୁନୀଲ ଭଣ୍ଡାରୀ ଏବଂ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ସହିତ ତିନି କମ୍ପାନୀ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ), ଡୋଟେକ୍ସ ମର୍ଚେଣ୍ଡାଇଜ ପ୍ରାଇଭେଟ ଲିମିଟେଡ ଏବଂ ୟଙ୍ଗ ଇଣ୍ଡିଆନର ନାମ ରହିଛି । ଏମାନେ ସମସ୍ତେ ମିଶି ଜାଲିଆତି କରି ଏଜିଏଲ ହାସଲ କରିଥିବା ପୁଲିସ ଏହାର ଏତଲାରେ ଅଭିଯୋଗ କରିଛି । ଅଭିଯୋଗ ଅନୁଯାୟୀ, ୨୦୧୦ରେ ଏଜିଏଲ ପାଖରେ ପ୍ରାୟ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ଥିଲା । ଏହି ସମୟରେ ୟଙ୍ଗ ଇଣ୍ଡିଆନକୁ କୋଲାକାତାର ଡୋଟେକ୍ସ ମର୍ଚେଣ୍ଡାଇଜ କୋଟିଏ ଟଙ୍କା ଦେଇଥିଲା । ପରେ କଂଗ୍ରେସକୁ ୫୦ ଲକ୍ଷ ଟଙ୍କା ପରିଶୋଧ କରି ୟଙ୍ଗ ଇଣ୍ଡିଆନ କମ୍ପାନୀ ଏଜିଏଲକୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲା । ୟଙ୍ଗ ଇଣ୍ଡିଆନ କମ୍ପାନୀରେ ରାହୁଲ ଏବଂ ସୋନିଆଙ୍କ ୭୬ ପ୍ରତିଶତ ଅଂଶଧନ ଥିଲା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ହେଡକ୍ୱାର୍ଟର୍ସ ଇନଭେଷ୍ଟିଗେସନ ୟୁନିଟ (ଏଚଆଇୟୁ) ର ଅଭିଯୋଗ କ୍ରମେ ଅକ୍ଟୋବର ୩ ତାରିଖରେ ଏହି ମାମଲାରେ ଏତଲା ରୁଜୁ କରାଯାଇଥିଲା । ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ରାଜନୈତିକ ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ କହିଛି । ବିରୋଧୀଙ୍କୁ ଦବାଇବା ପାଇଁ ଏପରି କରାଯାଉଛି । ଏତଲା ବିଷୟରେ କୌଣସି ସୂଚନା ନ ଥିବା କୁହାଯାଇଛି । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ମୋଦୀ-ଶାହା ଯୋଡ଼ି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କ ବିରୋଧରେ ଉତ୍ପୀଡ଼ନ, ଧମକ ଏବଂ ପ୍ରତିଶୋଧ ପରାୟଣର ରାଜନୀତି କରୁଛନ୍ତି ।









‘ବିରାଟ’ ଶତକ
▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-155 ♦MONDAY ♦1 DECEMBER 2025 ♦PAGE-16 ♦₹ 6.00
♦ବର୍ଷ-୪୩ ♦ସଂଖ୍ୟା-୧୫୫ ♦ସୋମବାର ♦୧ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୬ ♦ଟ.୬.୦୦


## ସ୍ୱନକ୍ଷତ୍ରର ସଂକଳ୍ପ

॥ ମାନସ ମଙ୍ଗରାଜ ॥

କୋଭିଡ଼ ମହାମାରୀର ଭୟଙ୍କର ସମୟ। ଯେଉଁ ସମୟରେ ପାଠକମାନଙ୍କ ପାଇଁ ଏକପ୍ରକାର ଅଛୁଆଁ ହୋଇ ଯାଇଥିଲା ସମ୍ବାଦପତ୍ର। ସେହି କଷ୍ଟକର ସମୟରେ ଆତ୍ମପ୍ରକାଶ କରିଥିଲା ‘ସକାଳ’। ଭବିଷ୍ୟତରେ ଓଡ଼ିଆ ସମ୍ବାଦପତ୍ରର ଇତିହାସ ଲେଖାଯିବାବେଳେ ଅତ୍ୟନ୍ତ ପ୍ରତିକୂଳ ସମୟରେ ‘ସକାଳ’ର ଆତ୍ମପ୍ରକାଶ ହୁଏତ ଅବିଶ୍ୱାସ୍ୟ ମନେ ହୋଇପାରେ; ମାତ୍ର ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ଶେଷ ଭାଗରେ ‘ସକାଳ’ର ଆବିର୍ଭାବ ରକ୍ତିମ ରେଖାଙ୍କିତ ହୋଇ ରହିବ ନିଶ୍ଚୟ।

କେହି ସ୍ୱୀକାର କରୁ ବା ନ କରୁ ପକ୍ଷପାତ ଏକ ଚରମ ବାସ୍ତବତା। ବର୍ତ୍ତମାନ ସମୟରେ ଏହି ପକ୍ଷପାତ ମୁଖ୍ୟଧାର ଗଣମାଧ୍ୟମ ପ୍ରତି ପାଠକଙ୍କର ବିଶ୍ୱସନୀୟତା ହ୍ରାସ କରିଛି। ଅନୁରୂପ ଭାବରେ ସାମାଜିକ ଗଣମାଧ୍ୟମର ପ୍ରଭାବ ମୁଦ୍ରିତ ଗଣମାଧ୍ୟମ ପ୍ରତି ସୃଷ୍ଟି କରିଛି ସଙ୍କଟ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ବିଭାଜନ ରେଖା ସାଧାରଣ ପାଠକଙ୍କୁ ମୁଦ୍ରିତ ଗଣମାଧ୍ୟମଠାରୁ ଦୂରେଇ ନେଉଛି। ଖବର ପ୍ରସାରର ଦ୍ରୁତ ମାଧ୍ୟମ ଏବେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶିତ ଖବରକୁ ଆଉ ତଟକା ରଖିପାରୁନି। ଏପରି ସମୟରେ ସମ୍ବାଦପତ୍ରଗୁଡ଼ିକୁ ନିଜର ସ୍ଥିତି ପାଇଁ ସଂଗ୍ରାମ କରିବାକୁ ପଡ଼ୁଛି। ନ୍ୟୁଜ ପ୍ରିଣ୍ଟ, ମୁଦ୍ରଣରେ ବ୍ୟବହୃତ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ସବୁ ଖବରକାଗଜକୁ ସଂଘର୍ଷ କରିବାକୁ ବାଧ କରିଛି। ‘ସକାଳ’ ବି ଏଥିରୁ ବାଦ ପଡ଼ିନାହିଁ।

ଏହି ସମୟରେ ସମ୍ବାଦପତ୍ରଗୁଡ଼ିକ ପାଇଁ ସରକାରୀ ପୃଷ୍ଠପୋଷକତା ଏକ ଅନିବାର୍ଯ୍ୟ ଆବଶ୍ୟକତା। ମାତ୍ର ବିଡ଼ମ୍ବନା; ‘ସକାଳ’ ଏଥିରୁ ଏକପ୍ରକାର ବଞ୍ଚିତ। ‘ସକାଳ’ କାହିଁକି ଏହି ପୃଷ୍ଠପୋଷକତାରୁ ବଞ୍ଚିତ, ତାହାର ଉତ୍ତର ଆମ ପାଖରେ ନାହିଁ ଓ ଆମକୁ ଏହାର ଉତ୍ତର ଦେବାକୁ କେହି ଉଚିତ ମଣୁନାହାନ୍ତି । ଏହା ସତ୍ତ୍ୱେ ଆମେ ଆମର ଧର୍ମରୁ ବିଚ୍ୟୁତ ହୋଇନାହୁଁ, ପାଠକଙ୍କ ସ୍ୱାର୍ଥରେ ସାଲିସ କରିନାହୁଁ, ଖବରକୁ ମୋଡ଼ି ମକଚି କାହାକୁ ନିଶାଣ କରିନାହୁଁ। ଭଲକୁ ଭଲ, ଖରାପକୁ ଖରାପ କହିବାର ସାମର୍ଥ୍ୟ ରଖିଛୁ। ତଥ୍ୟ ଓ ପ୍ରସଙ୍ଗକୁ ଯଥାସମ୍ଭବ ବସ୍ତୁନିଷ୍ଠ ଓ ନିରପେକ୍ଷ ଭାବରେ ପ୍ରକାଶ କରିବାକୁ ଉଦ୍ୟମ କରି ଆସିଛୁ ଓ ଏହି ନୀତିରେ ଅଟଳ ରହିବାକୁ ସଂକଳ୍ପ ମଧ୍ୟ ନେଇଛୁ। ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ପାଠକମାନଙ୍କର ଆଦର, ଶ୍ରଦ୍ଧା, ଉତ୍ସାହ ଓ ସହଯୋଗ ଆମକୁ ଆମର ମୂଲ୍ୟାୟନ କରିବାକୁ ସୁଯୋଗ ଦେଇଛି। ଆମ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଛି।

ଆଦ୍ୟ ଶୈଶବ ଅତିକ୍ରମ କରି ମଧ୍ୟ ଶୈଶବରେ ପ୍ରବେଶ କରିଛି ‘ସକାଳ’। ପାଞ୍ଚ ପୂରି ଛଅ ବର୍ଷରେ ପାଦ ଦେଇଛି। ଆପଣାଛାଏଁ ଚାଲିବା ଆରମ୍ଭ କରିଛି। ସତକୁ ଅବିକଳ ସତ ଓ ମିଛକୁ ଅବିକଳ ମିଛ ଭାବରେ ପ୍ରକାଶ କରିବୁ ବୋଲି ପ୍ରଥମ ପ୍ରକାଶ ଦିନଠାରୁ ‘ସକାଳ’ ନେଇଥିବା ସଂକଳ୍ପରେ ଅଟଳ ରହିଛି। ପଞ୍ଚମ ସ୍ୱନକ୍ଷତ୍ରରେ ଅନୁଚିନ୍ତା ନୁହେଁ, ଆମେ ଆମର ସଂକଳ୍ପକୁ ଦୋହରାଉଛୁ। ଏହି ସମୟ ମଧ୍ୟରେ ‘ସକାଳ’କୁ କୋଳେଇ କାଖେଇ ଚାଲିବା ଶିଖାଇଥିବା ଆମର ସହୃଦୟ ପାଠକ, ପୃଷ୍ଠପୋଷକ, ବିଜ୍ଞାପନଦାତାଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛୁ। ସବୁ ବାଧାବିଘ୍ନ ଓ ଘାତ ପ୍ରତିଘାତ ଭିତରେ ଯେଉଁ ବିତରକ ଭାଇମାନେ ‘ସକାଳ’କୁ ପ୍ରତି ଘରେ ପହଞ୍ଚାଇ ଆମକୁ ପରିଚୟ ଦେଇଛନ୍ତି, ସେମାନଙ୍କ ନିକଟରେ ଆମେ ନତମସ୍ତକ। ଆପଣମାନେ ଗତ ୫ ବର୍ଷ ହେଲା ଆମକୁ ଦେଇଥିବା ଅଶେଷ ସ୍ନେହ, ଅସୁମାରୀ ଶ୍ରଦ୍ଧାକୁ ଆମେ ପାଶୋରି ନାହୁଁ କି ପାଶୋରି ପାରିବୁ ନାହିଁ। କୃତଜ୍ଞତା ସର୍ବଦା ଶବ୍ଦହୀନ, କୃତଜ୍ଞତା ଜ୍ଞାପନ ସର୍ବଦା ଭାଷାରୁ ଊର୍ଦ୍ଧ୍ୱରେ। ତଥାପି ଆମେ ଅନ୍ତରରୁ ଆପଣମାନଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରୁଛୁ। ବିଗତ ବର୍ଷମାନଙ୍କ ପରି ଆଗାମୀ ବର୍ଷଗୁଡ଼ିକରେ ବି ଆପଣମାନଙ୍କ ଶ୍ରଦ୍ଧା ଓ ସହଯୋଗ ଆମ ପ୍ରତି ଅତୁଟ ରହୁ ବୋଲି କାମନା କରୁଛୁ।

ସାଂସଦ, ରାଜ୍ୟସଭା

### ଆଜିଠାରୁ ସଂସଦର ଶୀତକାଳୀନ ଅଧିବେଶନ

# ବିରୋଧୀଙ୍କ ହାତରେ ‘ଏସ୍‌ଆଇଆର୍’ ଅସ୍ତ୍ର

**ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ଦାବି**

**ଏସ୍‌ଆଇଆର ଉପରେ ଆଲୋଚନା ହେଉ**

**ପ୍ରତିଶ୍ରୁତି ଦେବାକୁ ମନାକଲେ ସରକାର**



■ ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ଶୀତକାଳୀନ ଅଧିବେଶନ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ କୁ ନେଇ ସଂସଦରେ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇପାରେ। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ସୂଚନା ମିଳିଛି। ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ଏସ୍‌ଆଇଆର୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ପ୍ରବଳ କାମ ଚାପ ଯୋଗୁଁ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଓ ଆତ୍ମହତ୍ୟା ଘଟଣାକୁ ନେଇ ବିରୋଧୀ ଦଳମାନେ ଉଦବେଗ ପ୍ରକାଶ କରିଛନ୍ତି। ନିର୍ବାଚନ କମିସନ କାହିଁକି ତରବରିଆ ଭାବେ ଏସ୍‌ଆଇଆର୍ ପ୍ରକ୍ରିୟା ଆଗେଇ ନେବାକୁ ଉଦ୍ୟମ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେଣୁ ଏହା ଉପରେ ବିସ୍ତୃତ ଆଲୋଚନା କରିବାକୁ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ସରକାର ଏହା ଉପରେ କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ▶ପୃଷ୍ଠା-୧୧

## ସ୍ୱର ଶାଣିତ କରିବ ବିଜେଡି

■ ଭୁବନେଶ୍ୱର, ୩୦।୧୧ (ସମିସ): ଆସନ୍ତାକାଲିଠାରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ସ୍ୱରରେ ଉପସ୍ଥାପନ କରିବ ବିଜେଡି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ବୃଦ୍ଧି ପାଉଥବା ମହିଳା ଓ ଶିଶୁ ବିରୋଧୀ ହିଂସା, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି, କୋଇଲା ରାଜଭାଗରେ ସଂଶୋଧନ ପରି ପ୍ରସଙ୍ଗକୁ ବିଜେଡି ଦୃଢ଼ତାର ସହ ଉତ୍ଥାପନ କରିବ। ଅଧିବେଶନରେ ନୂଆପଡ଼ା ଉପନିର୍ବାଚନରେ କିପରି ପ୍ରବଳ ଜାଲିଆତି ହୋଇଛି, ସେନେଇ ମଧ୍ୟ ▶ପୃଷ୍ଠା-୧୧

# ଆଡ଼ବାୟା ପ୍ରଶାସନ

## ଭଡ଼ା ଘରେ ଅଙ୍ଗନବାଡ଼ି, ନିର୍ମାଣ ହେବ ପାଚେରୀ !

**୨୦୧୫୦ ଅଙ୍ଗନବାଡି କେନ୍ଦ୍ରର ନାହିଁ ନିଜସ୍ୱ ଘର**

**ମାସକରେ କେମିତି କାର୍ଯ୍ୟକାରୀ ହେବ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨୯।୧୧ (ସମିସ): ଅଙ୍ଗନବାଡ଼ି ଶିଶୁ ଙ୍କୁ ବୁଲା କୁକୁର ଓ ଗାଇ ଗୋରୁ ଆକ୍ରମଣ ଭୟ ରହୁଛି। ଏହିକ୍ରମରେ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ସବୁ ଅଙ୍ଗନବାଡି କେନ୍ଦ୍ରରେ ପାଚେରୀ ଓ ଫାଟକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସବୁ ଜିଲ୍ଲାପାଳଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରେ ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ; ଏପରିକି ଘର ପାଇଁ ଜମି ଆବଣ୍ଟନ ହୋଇନାହିଁ। ଅଧିକାଂଶ ସ୍ଥାନରେ ନିଜସ୍ୱ ଘର ଅଭାବରୁ ଭଡ଼ାଘର, ନିକଟସ୍ଥ ସ୍କୁଲ ବା ସାଧାରଣ ଲୋକଙ୍କ ଦୟାରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଏଠାରେ କିପରି ପାଚେରୀ ନିର୍ମାଣ କରାଯାଇ ଫାଟକ ଲଗାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି। କିଛିଦିନ ତଳେ ବୁଲା ଗାଇଗୋରୁ ଓ ▶ପୃଷ୍ଠା-୧୧

# ଆଜି ଦୌଡ଼ିବ ଓଡ଼ିଶା




**‘ସକାଳ’ର ୫ମ ସ୍ୱନକ୍ଷତ୍ର ଅବସରରେ ୫ ସ୍ଥାନରେ ମିନି ମାରାଥନ୍**

**ରାଜ୍ୟସ୍ତରୀୟ ବିତର୍କରେ ଭାଗନେବେ ୩୦ ଜିଲ୍ଲାର ଶ୍ରେଷ୍ଠ ପ୍ରତିଯୋଗୀ**

■ ଭୁବନେଶ୍ୱର, ୩୦।୧୧ (ସମିସ): ଦୈନିକ ଓଡ଼ିଆ ସମ୍ବାଦପତ୍ର ‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ସୋମବାର ରାଜ୍ୟର ୫ଟି ସହରରେ ଅନୁଷ୍ଠିତ ହେବ ‘ମିନି ମାରାଥନ’। ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁର, ଜୟପୁର ଏବଂ ରାଉରକେଲାରେ ମାରାଥନ ନିମନ୍ତେ ସକାଳ ୫ଟାରୁ ପଞ୍ଜୀକରଣ ହେବ ଓ ସକାଳ ୬ଟାରେ ମିନି ମାରାଥନକୁ ବିଶିଷ୍ଟ ଅତିଥିମାନେ ପତାକା ହଲାଇ ଉଦ୍‌ଘାଟନ କରିବେ। ଉଦ୍‌ଯାପନ ଉତ୍ସବରେ କୃତୀ ▶ପୃଷ୍ଠା-୧୧





INDIA'S FIRST 5 YEAR WARRANTY* *Conditions apply
TOLL FREE 1800 266 0018
Additional Offers on Flipkart amazon.in

Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - IL. New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. *Ex-showroom prices are applicable in Odisha.

LOW ROI 4.99%^ | PER DAY EMI ₹69^

**Authorized Dealers:** **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Associate Dealers:** **Deogarh:** Jindal Motors - 9437056659, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Bamra:** Choudhury Motors - 9938274720, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **Rampur:** Aruna Automobiles - 8114331356.

RS/Hero/11/25

### ଧରାପଡ଼ିଲେ ୪ ସାଇବର ଠକ

# ୨ ମାସରେ ୮୦୦ରୁ ଊର୍ଦ୍ଧ୍ୱ ଆକାଉଣ୍ଟ ଖୋଲି ଠକେଇ

**ରାଉରକେଲା, ୩୦।୧୧(ସମିସ)**




ବ୍ୟାଙ୍କ ଅଧିକାରୀଙ୍କ ସହ ମିଶି ରାଉରକେଲାରେ ସାଇବର ଅପରାଧ କରୁଥିବା ୪ ଜଣିଆ ଅପରାଧୀ ସିଣ୍ଡିକେଟ୍‌କୁ ରାଉରକେଲା ପୁଲିସ ଠାବ କରିଛି। ଏହି ଘଟଣାରେ ୪ ଜଣଙ୍କୁ ରାଉରକେଲା ସାଇବର ଥାନା ପୁଲିସ ଗିରଫ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ କିଛି ଘରୋଇ ବ୍ୟାଙ୍କ ସହ ସମ୍ପୃକ୍ତି ରହିଥିବା ସୂଚନା ମିଳିଛି। ବିଭିନ୍ନ ବ୍ୟାଙ୍କରେ ୧୧ ଶହ ଏକାଉଣ୍ଟ୍ ଖୋଲି ଅନଲାଇନ ଜରିଆରେ ଲକ୍ଷଲକ୍ଷ ଟଙ୍କା ଠକୁଥିବା ଗିରଫ ଏହି ୪ ଜଣ ସାଇବର ଠକଙ୍କ ମଧ୍ୟରୁ ତିନି ଜଣଦୁଇଟି ଘରୋଇ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ଇଣ୍ଡସିଇଣ୍ଡ ବ୍ୟାଙ୍କର କର୍ମଚାରୀ ଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଜୟ କୁମାର ସା, ବ୍ୟାଙ୍କ କର୍ମଚାରୀ ହିମାଂଶୁ କୁମାର ସ୍ୱାଇଁ, ଶିବଶଙ୍କର ପଟ୍ଟନାୟକ ଓ ପ୍ରଭଞ୍ଜନ ନାୟକ। ଗିରଫ ସାଇବର ଠକମାନେ ଦେଶର ବିଭିନ୍ନ ସ୍ଥାନରେ ବ୍ୟାଙ୍କ ଆକାଉଣ୍ଟ୍ ଖୋଲିବା ପରେ ପାସବୁକ, ଏଟିଏମ୍‌କାର୍ଡ ଓ ମୋବାଇଲ ସିମ୍‌କାର୍ଡ ନିଜ ପାଖରେ ରଖି ସାଇବର ଠକେଇ କରୁଥିଲେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୨ଟି ଏଟିଏମ୍ କାର୍ଡ, ବ୍ୟାଙ୍କ ପାସବୁକ, ୪ଟି ମୋବାଇଲ ଫୋନ ଓ ଏକ ହଜାରରୁ ଅଧିକ ବିଭିନ୍ନ ଡକ୍ୟୁମେଣ୍ଟ ଜବତ କରାଯାଇଛି। ବେକାର ଯୁବକ, ଗ୍ରାମାଞ୍ଚଳର ନୀରିହ ଲୋକ ବୃଦ୍ଧ ବୃଦ୍ଧାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ଠକେଇ କରୁଥିଲେ। ଗିରଫ ସାଇବର ଠକମାନେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ରାୟପୁର, ଛତିଶଗଡ଼, କଲିକତା ସହିତ ଦେଶର ବିଭିନ୍ନ ସ୍ଥାନରେ ଠକେଇ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦୁଇ ମାସରେ ୮୦୦ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ସାଇବର ଠକେଇ କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଏ ନେଇ ରାଉରକେଲା ପୁଲିସ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇ କହିଲେ ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଏହା ହେଉଛି ଦ୍ୱିତୀୟ ସାଇବର ଅପରାଧ। ଅସାଧୁ ଘରୋଇ ବ୍ୟାଙ୍କ କର୍ମଚାରୀମାନେ ବିଭିନ୍ନ ସହରର ନିରୀହ ଯୁବକଙ୍କୁ ଟାର୍ଗେଟ କରି ବିଭିନ୍ନ ପ୍ରଲୋଭନ ମାଧ୍ୟମରେ ସେମାନଙ୍କ ଆଧାର, ପାନ୍, ପରିଚୟ ପତ୍ର ହାତେଇବା ପରେ ସେମାନଙ୍କ ନାମରେ ଉକ୍ତ ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସାଇବର ଅପରାଧୀମାନଙ୍କୁ ଏହି ଆକାଉଣ୍ଟଗୁଡ଼ିକୁ ଭଡ଼ାରେ ଦେଉଥିଲେ କିମ୍ବା ବିକ୍ରି କରି ଦେଉଥିଲେ। ଏହାପରେ ସାଇବର ଅପରାଧିମାନେ ଏହି ଆକାଉଣ୍ଟଗୁଡ଼ିକୁ ସାଇବର ଅପରାଧରେ ନିର୍ବିଘ୍ନରେ ବ୍ୟବହାର କରୁଥିଲେ। ସାଇବର ଠକେଇର ଶୀକାର ହେଉଥିବା ବ୍ୟକ୍ତିଙ୍କ ସହ ଏହି ଆକାଉଣ୍ଟରେ ଓଟିପି ଦିଆନିଆ, ମନି ଟ୍ରାଞ୍ଜାକ୍ସନ ଆଦି କରୁଥିଲେ। ଏପରିକି ସାଇବର ଅପରାଧରୁ ଉପାର୍ଜିତ ସମସ୍ତ ଅର୍ଥକୁ ଏହି ଆକାଉଣ୍ଟଗୁଡିକରେ ଜମା କରି ପୁନର୍ବାର ତାକୁ ଉଠାଇ ନେଉଥିଲେ। ଏହାସହ କେୱାଇସି ଦରକାର ପଡ଼ିଲେ ଉପରୋକ୍ତ ବ୍ୟାଙ୍କ କର୍ମଚାରୀମାନେ ଏହାକୁ ବିନା ଯାଞ୍ଚରେ କେୱାଇସି କରି ଦେଉଥିଲେ। ଯାହା ଫଳରେ ଅର୍ଥ ଟ୍ରାଞ୍ଜାକ୍ସନ କରିବାରେ କୌଣସି ଅସୁବିଧା ହୋଇ ନ ଥାଏ। ଫଳରେ ସେମାନେ ନିର୍ବିଘ୍ନରେ ଗୋଟିଏ ପରେ ଗୋଟିଏ ସାଇବର ଅପରାଧ କରି ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଥିଲେ ବୋଲି ଏସପି ଶ୍ରୀ ୱାଧୱାନୀ କହିଛନ୍ତି। କେବଳ ସେତିକି ନୁହେଁ ସାଇବର ଅପରାଧିମାନେ ଏହି ଆକାଉଣ୍ଟଗୁଡିକୁ ଷ୍ଟକ ମାର୍କେଟ, ଆଇପିଏଲ, ଅନଲାଇନ ଜୁଆ, ଲଟେରି ଉଠିଥିବା ନାମ, ମୋବାଇଲ ଟାୱାର ବସାଇବା, ଡିଜିଟାଲ ଆରେଷ୍ଟ, ଏଟିଏମ କାର୍ଡ ଲକ୍ ହୋଇଥିବା, ଋଣ ଦେବା ନାମରେ ସାଇବର ଠକମାନେ କରୁଥିବା ଠକେଇ ଟଙ୍କା ବ୍ୟାଙ୍କ ଏକାଉଣ୍ଟ୍ କୁ ଆସିବା ପରେ ଲକ୍ଷଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଏହି ସାଇବର ଠକେଇ ଘଟଣାରେ ଆଉ କିଛି ବ୍ୟାଙ୍କ କର୍ମଚାରୀ ଓ ସାଇବର ଠକ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହାସହ ଗିରଫ ଅଭିଯୁକ୍ତ ମାନେ ୪ ହଜାରରୁ ଅଧିକ ସାଇବର ଠକେଇ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଏହି ଗ୍ୟାଙ୍ଗ୍‌ର ଭାରତ ଏବଂ ବିଦେଶରେ ବଡ଼ ଧରଣର ସାଇବର ଅପରାଧ ଏବଂ ମନିଲଣ୍ଡରିଂ କାର୍ଯ୍ୟକୁ ସହଜ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ନିରୀହ ଲୋକଙ୍କ ନାମରେ ଉକ୍ତ ଘରୋଇ ବ୍ୟାଙ୍କରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟଗୁଡିକୁ ବ୍ୟବହାର କରନ୍ତି। ଆହୁରି ମଧ୍ୟ ଏହି ଗ୍ୟାଙ୍ଗ ଜେଲରେ ଥିବା ବେକାର ଯୁବକ ଏବଂ ଛୋଟ ଛୋଟ ଅପରାଧୀଙ୍କୁ ବିଭିନ୍ନ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ, ସକ୍ରିୟ ସିମ୍ କାର୍ଡ ଏବଂ ପରିଚୟପତ୍ର ଯୋଗାଡ କରିବାକୁ ନିୟୋଜିତ କରିଥାନ୍ତି। ସେମାନେ ପ୍ରାୟତଃ ଜାଲ କାଗଜପତ୍ର ଏବଂ ପରିଚୟ ବ୍ୟବହାର କରୁଥିଲେ। ଅଧିକାଂଶ ଆକାଉଣ୍ଟ କେୱାଇସି ମାନଦଣ୍ଡକୁ ଏଡାଇ ବ୍ୟାଙ୍କ କର୍ମଚାରୀଙ୍କ ନୀରବ ଅନୁମୋଦନ ଏବଂ ସହଯୋଗରେ ଖୋଲାଯାଇଥିଲା। ସେମାନେ ରାଉରକେଲା ଏବଂ ଏହାର ଆଖପାଖରେ କାର୍ଯ୍ୟ କରୁଥିଲେ ଏବଂ ତା'ପରେ ଏହି ସକ୍ରିୟ ଆକାଉଣ୍ଟଗୁଡ଼ିକୁ ବିହାର, ରାୟପୁର, ଝାଡ଼ଖଣ୍ଡ, ଛତିଶଗଡ଼, କଲିକତା ଇତ୍ୟାଦି ବିଭିନ୍ନ ରାଜ୍ୟକୁ ପଠାଇଥିଲେ ଯାହାର କିଛି ଆନ୍ତର୍ଜାତୀୟ ଲିଙ୍କ୍ ସହିତ ତଦନ୍ତ ଚାଲିଛି। ଏହି ଆକାଉଣ୍ଟଗୁଡ଼ିକୁ ପ୍ରତି ଆକାଉଣ୍ଟ ପାଇଁ ୮ରୁ ୧୦ ହଜାର ଟଙ୍କାରେ ଭଡ଼ା ଦିଆଯାଇଥିଲା କିମ୍ବା ବିକ୍ରି କରାଯାଇଥିଲା, ବୋଲି ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ରାଉରକେଲା ସାଇବର ଥାନା ଡିଏସପି ସେରୋଫିନା ସେସ୍ ଏବଂ ଇନ୍ସପେକ୍ଟର ଏସ୍. କେ. ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯାଇ ୪ ସାଇବର ଅପରାଧିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏହା ସହିତ ସମଗ୍ର ଭାରତରେ ସାଇବର ଅପରାଧରେ ଏହି ଆକାଉଣ୍ଟଗୁଡ଼ିକର ସମ୍ପୃକ୍ତି ହେଉଛି ଏହି ବର୍ଷ ରାଉରକେଲାରେ ପଞ୍ଜିକୃତ ହୋଇଥିବା ତୃତୀୟ ମୁଲ୍ ବ୍ୟାଙ୍କ ଆକାଉଣ୍ଟ ମାମଲା। ଏହିବର୍ଷ ୬୦ ରୁ ଅଧିକ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

## ସରସରାରେ ହାତୀ ଉପଦ୍ରବ



**ରାଉରକେଲା, ୩୦।୧୧(ସମିସ):** ଜିଲ୍ଲା ବଣାଇଁ ଫରେଷ୍ଟ ରେଞ୍ଜର ସରସରା ସେକ୍ସନ ଏବଂ ଧରଣୀଧରପାଲି ସେକ୍ସନରେ ଏକ ୯ ଟିକିଆ ହାତୀ ପଲଙ୍କ ଆତଙ୍କ ଯୋଗୁଁ ୫/୬ ଟି ଗ୍ରାମର ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। କିଛି ଦିନ ତଳେ ସରାସରା ସେକ୍ସନ ଗୋଡ଼ାପୋଠ ଜଙ୍ଗଲରେ ଜଣେ ଗ୍ରାମବାସୀଙ୍କୁ ହାତୀ ମାରି ଦେଇଥିଲା। ଜଣେ ୧୨ବର୍ଷର ବାଳକ ମଧ୍ୟ ଗୁରୁତର ଆହତ ହୋଇଥିଲା। ଗତକାଲି ରାତିରେ ଏହି ୯ ଟିକିଆ ହାତୀ ପଲ ଝାରବେଡ଼ା, ଶିବନାଥପୁର, ମୂଷା ପୋଷ, ଘଟପୋଷ ଅଞ୍ଚଳରେ ପଶି ପାଚିଲା ଧାନ ଫସଲ ଖାଇ ନଷ୍ଟ କରି ଦେଇଥିଲେ। ହାତୀପଲଙ୍କୁ ଦେଖି ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। ଅମଳ ସମୟରେ ହାତୀ ଦଳ ଫସଲ ନଷ୍ଟ କରି ଦେଉ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବନ ବିଭାଗ ରାତିରେ ହାତୀ ଘଉଡ଼ାଇବାକୁ ଚେଷ୍ଟା କରୁ ଥିବା ବେଳେ ହାତୀ ପାଲଟା ଆକ୍ରମଣ କରୁଛି। ଦଳରେ ଥିବା ଛୁଆ ହାତୀକୁ ସୁରକ୍ଷା ଦେବା ଲାଗି ହାତୀ ବନ ବିଭାଗ କର୍ମଚରୀଙ୍କୁ ଗୋଡ଼ାଉଥିବା ଜଣାପଡ଼ିଛି।

## ଆର୍‌ଏସ୍‌ପିର ସିଏସ୍‌ଆର୍ ବିଭାଗ ପକ୍ଷରୁ ଗ୍ରାମୀଣ ମହିଳାଙ୍କ ଜୀବିକା ତାଲିମ ଶିବିର



**ରାଉରକେଲା, ୩୦।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ସିଏସଆର ପଦକ୍ଷେପ, ଲିଡ୍ସରାଞ୍ଚି ସହଯୋଗରେ, କନ୍ଥା ସିଲେଇ ଏବଂ କପଡ଼ା କାରିଗରୀରେ ତିନି ମାସିଆ ଜୀବିକା ନିର୍ବାହ ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ବ୍ୟାଚ୍ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ନୂଆଗାଁ ଗାଁର ୨୦ ଜଣ ବଞ୍ଚିତ ଶ୍ରେଣୀର ମହିଳା ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସମାରୋହର ଆରଏସପିର ସହରସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ର ନୂଆଗାଁର ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଏବଂ ନୂଆଗାଁର ବିଡିଓ ଜ୍ୟୋତି ବିକାଶ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସିଏସଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ର, ଲିଡ୍ସର ନିର୍ଦ୍ଦେଶକ ଏକେ ସିଂହଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏକେ ସିଂହ ସମାବେଶକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆରଏସପିର ସିଏସଆର ଅତିରିକ୍ତ ମହିଳାମାନଙ୍କୁ ତାଲିମ ଦେବା ଏବଂ ହସ୍ତଶିଳ୍ପ ଆଧାରିତ କ୍ଷୁଦ୍ର ଉଦ୍ୟୋଗଗୁଡିକୁ ସୁଦୃଢ଼ କରିବା ପାଇଁ ସମାନ କ୍ଲଷ୍ଟରରେ ପ୍ରକଳ୍ପକୁ ବିସ୍ତାର କରିଛି। ଗ୍ରାମୀଣ ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ସମ୍ପ୍ରଦାୟ ବିକାଶକୁ ପ୍ରୋତ୍ସାହିତ କରିବା ସେଲ ଆରଏସ୍‌ପିର ସିଏସଆର ବିଭାଗର ଲକ୍ଷ୍ୟ ରହିଛି। ତିନି ମାସର ପାଠ୍ୟକ୍ରମ ମଧ୍ୟରେ, କନ୍ଥା ସିଲାଇର ମାଷ୍ଟର ଟ୍ରେନର ଏବଂ କପଡ଼ା ଚିତ୍ରକଳା ବିଷୟରେ ତାଲିମ ପ୍ରଦାନ କରିବେ। ଏହା ମହିଳାମାନଙ୍କୁ ବଜାରରେ ବିକ୍ରୟ ଯୋଗ୍ୟ ଜିନିଷ ଉତ୍ପାଦନ କରିବାକୁ ସକ୍ଷମ କରାଇବ। ତୃତୀୟ ମାସରୁ ଏହି ଉତ୍ପାଦଗୁଡିକୁ ବିକ୍ରୟ ପାଇଁ ବଜାର ଦୋକାନ ସହିତ ମଧ୍ୟ ସଂଯୋଗ କରାଯିବ। ମୌଳିକ ଶିକ୍ଷା ଏବଂ ପୂର୍ବ ଚିତ୍ରାଙ୍କନ ଦକ୍ଷତା ଥିବା ବିପିଏଲ ପରିବାରରୁ ୧୫ରୁ ୪୫ ବର୍ଷ ବୟସର ମହିଳାମାନେ ଏହି ତାଲିମ ପାଇଁ ମନୋନୀତ ହୋଇଛନ୍ତି।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ମହିଳାଙ୍କୁ ଶୀତକାଳୀନ ସହାୟତା



**ରାଉରକେଲା, ୩୦।୧୧(ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶା ପକ୍ଷରୁ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ଶୀତରୁ ରକ୍ଷା ଦେବା ପାଇଁ କମ୍ବଳ ବଣ୍ଟନ କରାଯାଇଛି। ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ରୁ ଅଧିକ ମହିଳାଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଯେଉଁଥିରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସଏଚଜି ସଦସ୍ୟ, ମହିଳା ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ। ଶୀତ ଋତୁରେ ଅଧିକ ଲୋକଙ୍କୁ ସହାୟତାର ହାତ ବଢ଼ାଇବା ପାଇଁ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ବିସ୍ତାର କରି ଆଗକୁ ମଧ୍ୟ ଜାରି ରଖିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମକୁ କୁରାଲୋଇ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ପିପିଲିମଲ ପଞ୍ଚାୟତ ସରପଞ୍ଚ ରଙ୍ଗାଧର ଦିଲ୍ଲା ଏବଂ ଘୋଘରପାଲି ପଞ୍ଚାୟତ ସମିତି ସଦସ୍ୟ ମାଧବ ବାରିକ୍ ଉଦ୍‌ଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ଦ୍ୱାରା ମୋବାଇଲ୍ ଡେମୋ ଭ୍ୟାନ୍ ଜରିଆରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୩୦।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଅଭିନବ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ସହିତ ସଜ୍ଜିତ ଏକ ସ୍ୱତନ୍ତ୍ର ଡିଜାଇନର 'ମୋବାଇଲ୍ ଡେମୋ ଭ୍ୟାନ୍' ଜରିଆରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ସେବା ବିଭାଗର ସିଜିଏମ ଇନଚାର୍ଜ ଆତିଶ ଚନ୍ଦ୍ର ସରକାର, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ସୁରକ୍ଷା ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। କାରଖାନାର ଅନ୍ୟ ବହୁ ସିଜିଏମ ତଥା ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ପଲାଇ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ପିପିଇର ସଠିକ୍ ବ୍ୟବହାର ବିଷୟରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆରଏସପିର ଶୂନ୍ୟ କ୍ଷତି ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଠିକା ଶ୍ରମିକମାନେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗରେ ଅବସ୍ଥିତ 'ମୋବାଇଲ୍ ଡେମୋ ଭ୍ୟାନ୍' ପରିଦର୍ଶନ କରିଥିଲେ। ଏଥିରେ ପତନ ସୁରକ୍ଷା ଉପକରଣ ଏବଂ ସ୍ଥିରରେଖା ପ୍ରଣାଳୀ (ଭୂଲମ୍ବ ଏବଂ ଭୂସମାନ୍ତର ରେଖା), ମସ୍ତକ ସୁରକ୍ଷା, ଅଭିନବ ପଦ ସୁରକ୍ଷା ଉତ୍ପାଦ, ସୁରକ୍ଷା ଚଷମା, ଶ୍ରବଣ ସୁରକ୍ଷା, ହାତ ସୁରକ୍ଷାର ବିସ୍ତୃତ ବ୍ୟବସ୍ଥା, କଭରଅଲ୍ ଶରୀର ସୁରକ୍ଷା, ଶ୍ୱାସକ୍ରିୟା ସୁରକ୍ଷା (ଜୈବ ବାଷ୍ପ ମାସ୍କ), ଜରୁରୀକାଳୀନ ନିଷ୍କାସନ ଏବଂ ଆତ୍ମ ଉଦ୍ଧାର ପ୍ରଣାଳୀ, ସୀମିତ ସ୍ଥାନ ପ୍ରବେଶ ଏବଂ ପ୍ରସ୍ଥାନ ସମାଧାନ (ଡେଭିଟ୍ ଆର୍ମ) ଭଳି ଆହୁରି ଅନେକ ସୁରକ୍ଷା ଉତ୍ପାଦର ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ଉନ୍ନତ ସୁରକ୍ଷା ସମାଧାନକୁ ବ୍ୟାଖ୍ୟା କରିବା ସହିତ ପରିଦର୍ଶକଙ୍କ ପ୍ରଶ୍ନର ଉତ୍ତର ତଥା ସମସ୍ୟା ସମାଧାନ କରିବା ପାଇଁ ବିଶେଷଜ୍ଞ ଏବଂ ସୁରକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଇଡି ଉତ୍କର୍ଷତା ପୁରସ୍କାର ପ୍ରତିଯୋଗିତା



**ରାଉରକେଲା, ୩୦।୧୧(ସମିସ):** ରାଉକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଇଡି (କାର୍ଯ୍ୟ) ଦକ୍ଷତା ପୁରସ୍କାର ପାଇଁ ଦକ୍ଷତା ପରୀକ୍ଷା ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗୀତାକୁ ଏସ୍‌ଏସ୍ ରାୟ ଚୌଧୁରୀ, ଏଚ୍‌ଆର-ଏଲଆଣ୍ଡ ଡି ବିଭାଗର ସିଜିଏମ ପି.କେ ସାହୁ ଏବଂ ମେକାନିକାଲ ବିଭାଗର ସିଜିଏମ ଡି.କେ ପାଲୋଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କାରଖାନାର ବହୁ ବରିଷ୍ଠ ଅଧିକାରୀ, ବୈଷୟିକ କମିଟି ସଦସ୍ୟ ଏବଂ ଏଲ୍‌ଆଣ୍ଡଡି ସେଣ୍ଟରର ବିଭିନ୍ନ ଟ୍ରେଡ ପ୍ରଶିକ୍ଷକମାନେ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତା ନିମନ୍ତେ ଚଳିତବର୍ଷ ସମୁଦାୟ ୮ଟି ଟ୍ରେଡ୍ ପ୍ରାୟ ୨୦୦ ଆବେଦନକାରୀ ପ୍ରତିଯୋଗିତା ପାଇଁ ଆବେଦନ କରିଛନ୍ତି। ଏହି ଅବସରରେ ନିଜର ଅଭିଭାଷଣରେ ଶ୍ରୀ ରାୟ ଚୌଧୁରୀ ଏହି ପ୍ରତିଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ବ୍ୟକ୍ତିବିଶେଷଙ୍କ ଅଭିଜ୍ଞତାକୁ ସ୍ୱୀକୃତି ଦେବା ସହିତ ଜାତୀୟ ସ୍ତରରେ କମ୍ପାନୀ ପାଇଁ ଗୌରବ ଆଣିବା ପାଇଁ ଉତ୍ତମ ଦକ୍ଷତା ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗୀତା ପାଇଁ ବିଭିନ୍ନ ଟ୍ରେଡ୍‌ଗୁଡ଼ିକ ମଧ୍ୟରେ ଟର୍ନର, ଫିଟର, ହାଇଡ୍ରୋଲିକ୍ସ ଟେକ୍ନିସିଆନ୍, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ଇଲେକ୍ଟ୍ରୋନିକ୍ସ ମେକାନିକ୍, ସିଓପିଏ ଏବଂ ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମକୁ ଏଲଆଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଏଲ୍ ମାରାଣ୍ଡି, ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ ଦକ୍ଷତାରେ ଉତ୍କର୍ଷତାକୁ ପ୍ରତ୍ସାହିତ କରିବା ସହିତ ଏହାକୁ ସ୍ୱୀକୃତି ଦେବା ଲକ୍ଷ୍ୟ ରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପୁରସ୍କାର ୨୦୧୧-୧୨ ମସିହାରେ ପ୍ରଚଳନ କରାଯାଇଥିଲା। ଏଥିସହିତ ବିଭିନ୍ନ ଟ୍ରେଡର ପ୍ରଥମ ସ୍ଥାନ ଅଧିକାରକାରୀଙ୍କୁ ସିଆଇଆଇ କାର୍ଯ୍ୟ-ଦକ୍ଷତା ପ୍ରତିଯୋଗିତାରେ ଆର୍‌ଏସପିକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯାଇଥାଏ।

### ସୁନ୍ଦରଗଡ଼ରେ ଗୃହରକ୍ଷୀ ପରୀକ୍ଷା ଆରମ୍ଭ

## ୯ ୬୫୧ରୁ ବଛା ହେବେ ୨୦୧୮

ରାଉରକେଲା, ୩୦ ।୧୧(ସମିସ): ଗୃହରକ୍ଷୀ ପଦ ପାଇଁ ରବିବାର ସ୍ଥାନୀୟ ସଶସ୍ତ୍ର ପୁଲିସ ବାହିନୀ (ରିଜର୍ଭ) ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏସପି ଅମ୍ରିତପାଲ କୌରଙ୍କ ତତ୍ତ୍ୱାବଧାନରେ ଆଜି ଆୟୋଜିତ ଏହି ପରୀକ୍ଷାରେ ମୋଟ ୯୬୫୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୦୧୮ ଜଣ ହୋମଗାର୍ଡଙ୍କୁ ଚୟନ କରାଯିବ ବୋଲି ସୂଚନା ମିଳିଛି। ଜିଲ୍ଲାର ସୀମାନ୍ତ ବୀରମିତ୍ରପୁର, ରାଏବୋଗା, କୁତ୍ରା, ବଡ଼ଗାଁ, ଲେଫ୍ରିପଡ଼ା, ହେମଗିର ଅଞ୍ଚଳର ପରୀକ୍ଷାର୍ଥୀ ମାନେ ରହିଥିବା ସୂଚନା ମିଳିଛି।



## ୨ରୁ ଏକତ୍ର ପକ୍ଷରୁ ତୃତୀୟ ଇସ୍ପାତ ନାଟ୍ୟମହୋତ୍ସବ

**ରାଉରକେଲା, ୩୦।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ୨୭ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ଆୟୋଜନ କରିବାକୁ ଯାଉଛି ବିଶାଳ ନାଟ୍ୟମେଳା। ଏନେଇ ସେକ୍ଟର - ୬ ଇସ୍ପାତ ସରୋବରଠାରେ ଏକତ୍ର ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ରାଜୀବପାଣି ସୂଚନା ପ୍ରଦାନ କରି କହିଲେ ଯେ ଆସନ୍ତା ଡିସେମ୍ବର ମାସ ୨ ରୁ ୧୨ ପର୍ଯ୍ୟନ୍ତ ରାଉରକେଲାର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯିବ। ଆସନ୍ତା ୨ ତାରିଖ ଦିନ ନାଟ୍ୟାନୁଷ୍ଠାନ ଦ. ବିଲିଭର୍ସ ତରଫରୁ 'ଭକ୍ତର ଭଗବାନ', ୩ ତାରିଖ ଦିନ ନାଟ୍ୟାନୁଷ୍ଠାନ କୋଶଲ ନାଟକ ପରିଷଦ ତରଫରୁ 'ନାଟକ ଦେବତା', ୪ ତାରିଖ ଦିନ ନାଟ୍ୟାନୁଷ୍ଠାନ ସଂକଳ୍ପ ତରଫରୁ ନାଟକ 'ସଦ୍‌ଗତି', ନାଟ୍ୟାନୁଷ୍ଠାନ ସରନା ନବ ଯୁବକ ସଙ୍ଘର ନାଟକ 'ଚନ୍ଦ୍ରାଦିତ୍ୟ', ୫ ତାରିଖ ନାଟ୍ୟାନୁଷ୍ଠାନ ନାୟିକାର ନାଟକ 'ଅହି ସୁଲକ୍ଷଣୀ' ଏବଂ ନାଟ୍ୟାନୁଷ୍ଠାନ ଉପହାର ତରଫରୁ ନାଟକ 'ଶେଷ ଚିଠି', ୬ ତାରିଖ ଦିନ ନାଟ୍ୟାନୁଷ୍ଠାନ ମହୁମାଛି ତରଫରୁ ନାଟକ 'କାଞ୍ଚି ଅଭିଯାନ', ନାଟ୍ୟାନୁଷ୍ଠାନ ନଟରାଜ ନୃତ୍ୟ ପରିଷଦ ତରଫରୁ ନାଟକ 'ଅବ୍ୟକ୍ତ ଅନେକ', ୭ ତାରିଖ ଦିନ ନାଟ୍ୟାନୁଷ୍ଠାନ ଆମେ ନାଟୁଆ ତରଫରୁ ନାଟକ 'କିଛି ସତ କିଛି ମିଛ', ୮ ତାରିଖ ଦିନ ନାଟ୍ୟାନୁଷ୍ଠାନ ରଙ୍ଗମଞ୍ଚ ତରଫରୁ ନାଟକ 'ହନୁମାନ ପଇସା', ୯ ତାରିଖ ଦିନ ନାଟ୍ୟାନୁଷ୍ଠାନ ପଞ୍ଚତତ୍ତ୍ୱ ତରଫରୁ ନାଟକ 'ନାଗମଣ୍ଡଳ', ୧୦ ତାରିଖ ଦିନ ନାଟ୍ୟାନୁଷ୍ଠାନ ପ୍ରତିବିମ୍ବ ତରଫରୁ ନାଟକ 'ବ୍ରହ୍ମନାଦ', ୧୧ ତାରିଖ ଦିନ ନାଟ୍ୟାନୁଷ୍ଠାନ ପ୍ରୟାସ ତରଫରୁ ନାଟକ 'ସୂର୍ଯ୍ୟୋଦୟ ପୂର୍ବେ', ୧୨ ତାରିଖ ଦିନ ନାଟ୍ୟାନୁଷ୍ଠାନ ସ୍ୱସ୍ତି ଝଙ୍କାର ତରଫରୁ ନାଟକ ନିଜ ଠାରୁ ନିଜର ଦୂରତା ପରିବେଷଣ ହେବ। ଏହାସହ ସେହିଦିନ ଉଦ୍‌ଯାପନୀ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ପ୍ରତ୍ୟେହ ସନ୍ଧ୍ୟା ୬. ୧୫ମି ସମୟରେ ସେକ୍ଟର - ୧୯ ସ୍ଥିତ ସିଭିକ ସେଣ୍ଟର ଠାରେ ରାଉରକେଲାର ସମସ୍ତ ନାଟ୍ୟପ୍ରେମୀ ଓ ଜନସାଧାରଣ ମାନଙ୍କୁ ନିଃଶୁଳ୍କ ନାଟକ ଦେଖିବା ପାଇଁ ଏକତ୍ର ପକ୍ଷରୁ ନିବେଦନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ଡା କୃପାସିନ୍ଧୁ ନାୟକ, ଉପସଭାପତି ଆଲୋକ ବୋଷ, ରମେଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସମ୍ପାଦକ ପ୍ରସନ୍ନ ମହାନ୍ତି, ସୁଦେଶ ନାୟକ, ପ୍ରଦୀପ ନାୟକ, ପ୍ରଦୀପ ପଣ୍ଡା, ପ୍ରଜ୍ଞାନନ୍ଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ଅଭିନେତା ସୂର୍ଯ୍ୟରଶ୍ମି ଦାଶଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଆରଏସପି ମୁଖ୍ୟ ଆଲୋକ ବର୍ମା ଓ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ତଥା ଉଦଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଓ ଆରଏସପି ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅତିଥି ଭାବେ ଯୋଗଦେବେ। ପ୍ରଦୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ନାଟ୍ୟାନୁଷ୍ଠାନର ଭାସ୍କର ମହାପାତ୍ର, ଅକ୍ଷୟ ଧଳ, ନରେନ ଦାସ, ଅକ୍ଷୟ ସାମଲ, କାଶୀନାଥ ପାତ୍ର, ପ୍ରଳୟ ଶତପଥୀ, ବବି ମହାଲିକ, ସୂର୍ଯ୍ୟକାନ୍ତ ସାହୁ, ପ୍ରବୀର ଜେନା, ପଞ୍ଚାନନ ପାତ୍ର, ସାଗର ମୁଣ୍ଡା, ସୁକାନ୍ତ ମହାପାତ୍ର, ଜୟନ୍ତ ମହାପାତ୍ର, ପ୍ରଫୁଲ୍ଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିପିୟୁଟି ସ୍ମାର୍ଟଇଣ୍ଡିଆ ହାକାଥନ୍ ଗ୍ରାଣ୍ଡ ଫାଇନାଲର ନୋଡାଲ୍ ସେଣ୍ଟର ଭାବେ ମନୋନୀତ

**ରାଉରକେଲା, ୩୦।୧୧(ସମିସ)**

ଆସନ୍ତା ଡିସେମ୍ବର ୮ ଓ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ - ୨୦୨୫ ସଫ୍ଟୱ୍ୟାର ସଂସ୍କରଣର ଗ୍ରାଣ୍ଡ ଫାଇନାଲ ପାଇଁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓଡ଼ିଶାକୁ ନୋଡାଲ୍ କେନ୍ଦ୍ର ଭାବରେ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଏହାଦ୍ୱାରା ବିପିୟୁଟି ପୂର୍ବ ଭାରତର ୮ଟି ସମେତ ସମଗ୍ର ଭାରତର ୬୦ଟି ପ୍ରମୁଖ ପ୍ରତିଷ୍ଠାନର ସେହି ତାଲିକାରେ ସାମିଲ ହୋଇଛି, ଯାହାଙ୍କୁ ଏହି ପ୍ରତିଷ୍ଠିତ ଜାତୀୟ ନବସୃଜନ କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ଦାୟିତ୍ୱ ଦିଆଯାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟଙ୍କ ଇନୋଭେସନ୍ ସେଲ୍‌ଫ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ନୂଆଦିଲ୍ଲୀ ଅଧୀନରେ ଆରମ୍ଭ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ ବିଶ୍ୱର ସର୍ବବୃହତ ମୁକ୍ତ ନବସୃଜନ ପ୍ଲାଟଫର୍ମ ମଧ୍ୟରୁ ଅନ୍ୟତମ, ଯାହା ଭାରତର ଯୁବପିଢ଼ିଙ୍କୁ ସେମାନଙ୍କର ସୃଜନଶୀଳତା ଏବଂ ସମସ୍ୟା ସମାଧାନ ଦକ୍ଷତା ପ୍ରଦର୍ଶନ କରିବାକୁ ସଶକ୍ତ କରୁଛି।

ସୂଚନାଯୋଗ୍ୟ ଯେ ଏକ ନୋଡାଲ୍ ସେଣ୍ଟର ଭାବରେ ବିପିୟୁଟିରେ ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ହରିୟାଣା, ଝାଡ଼ଖଣ୍ଡ, ତେଲେଙ୍ଗାନା ଏବଂ ପଞ୍ଜାବ ଇତ୍ୟାଦିଙ୍କୁ ମିଶାଇ ଭାରତର ୧୦ଟି ରାଜ୍ୟରୁ ୨୫ଟି ଫାଇନାଲିଷ୍ଟ ଦଳକୁ ଅଂଶଗ୍ରହଣ କରିବେ। ଡିଜିଟାଲ୍ ଶାସନ, ଶିକ୍ଷା, କୃଷି ଏବଂ ସାଇବର ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ନେଇ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଚିହ୍ନଟ କରାଯାଇଥିବା ପାଞ୍ଚଟି ସମସ୍ୟାର ସମାଧାନ ଉପରେ ଏହି ଦଳଗୁଡ଼ିକ କାର୍ଯ୍ୟ କରିବେ। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ତିନୋଟି ସମସ୍ୟା ମଧ୍ୟରେ ଏକ ଏକୀକୃତ ଶିକ୍ଷା ଇଣ୍ଟରଫେସ୍ ବିକାଶ, ଐତିହାସିକ ତଥ୍ୟ ବିଶ୍ଳେଷଣ ଏବଂ ୟୁଜିସି ଏବଂ ଏଆଇସିଟିଇରେ ଶିକ୍ଷାନୁଷ୍ଠାନଗୁଡ଼ିକର ଅନୁମୋଦନ ପ୍ରକ୍ରିୟା ପାଇଁ କାର୍ଯ୍ୟଦକ୍ଷତା ସୂଚକ ସୃଷ୍ଟି କରିବା ପାଇଁ ଏକ କୃତ୍ରିମ ବୁଦ୍ଧିମତା ଆଧାରିତ ପ୍ରଣାଳୀ ଏବଂ ଉଚ୍ଚଶିକ୍ଷା ବିଭାଗର ବ୍ୟବସ୍ଥା, ନୀତି, ପ୍ରକଳ୍ପ, ନିୟମ ଏବଂ ଯୋଜନା ସମ୍ବଳିତ ବ୍ୟାପକ ଡାଟାବେସରୁ ସୂଚନା ସଂଗ୍ରହ ପାଇଁ ଏକ ବୁଦ୍ଧିମାନ ସମାଧାନ ଅନ୍ତର୍ଭୁକ୍ତ। ୩୨ ଘଣ୍ଟା ଧରି ଚାଲିବାକୁ ଥିବା ଏହି ହାକାଥନ୍‌ରେ ଅଂଶଗ୍ରହଣକାରୀ ଦଳମାନେ ପରାମର୍ଶଦାତା ଏବଂ ମୂଲ୍ୟାଙ୍କକଙ୍କ ମାର୍ଗଦର୍ଶନରେ ଚିହ୍ନିତ ସମସ୍ୟା ମାନଙ୍କର ସମାଧାନ ନିମନ୍ତେ ଅଭିନବ ପ୍ରୋଟୋଟାଇପ ଗୁଡିକ ଡିଜାଇନ୍ ଏବଂ ବିକଶିତ କରିବାରେ ନିୟୋଜିତ ହେବେ। ଏହି କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ୍ ମୋଡରେ ଉଦ୍‌ଘାଟନ କରିବେ, ଯେଉଁଥିରେ ଶିକ୍ଷା ମନ୍ତ୍ରଣାଳୟ, ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ତଥା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିବେ। ଏହାବ୍ୟତୀତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଜାତୀୟ କାର୍ଯ୍ୟକ୍ରମ ସମୟରେ ଫାଇନାଲିଷ୍ଟମାନଙ୍କୁ ସମ୍ବୋଧିତ କରିବେ ଏବଂ ଛାତ୍ର ନବସୃଜନକାରୀଙ୍କ ସହ ଭାବ ବିନିମୟ କରିବେ ବୋଲି ଆଶା କରାଯାଉଛି।

# ତେନ୍ତୁଳିଖୁଣ୍ଟିରେ ଗୁଡ଼ିଚକା ପର୍ବ ସମ୍ପନ୍ନ

**କଲମପୁର, ୩୦।୧୧(ସମିସ):** କଲମପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଦିବାସୀ ପରମ୍ପରାର ଆଦ୍ୟ ପର୍ବ ଗୁଡିଚକା ପର୍ବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଟୋକିମରା ବା ପୌଷ ପର୍ବ ପୂର୍ବରୁ ଏହି ପର୍ବ ପାଳନ କରାଯାଇଥାଏ। ଆଦିବାସୀମାନେ ଧରଣୀପେନୁ ବା ମାଟି ଦେବତାକୁ ସନ୍ତୁଷ୍ଟ କରିବା ସକାଶେ ଏହି ପର୍ବ ବର୍ଷକୁ ଥରେ ପାଳନ କରି ଆସୁଛନ୍ତି। ହାରାମାଲ ପଞ୍ଚାୟତ ତେନ୍ତୁଳିଖୁଣ୍ଟି ଗ୍ରାମରେ ଟୋକିପର୍ବ ପୂଜା କମିଟି ସଭାପତି ଭକ୍ତ ରାମ ଦୁର୍ଗାଙ୍କ ତତ୍ତ୍ୱାବଧାନରେ ଆଜି ଗୁଡିଚଗା ପର୍ବ ଆୟୋଜିତ ହୋଇଥିଲା। ଏଥିରେ ପୂଜାରୀ ଖଗେଶ୍ୱର ମାଝୀ, ମୁଦ୍ରା ଧରିଆ କ୍ଷିରୋଦ ମାଝୀ, ଚେଲା ବେଣୁଧର ମାଝୀ, ଜାନୀ ଘାସିରାମ ମାଝୀ, ଗୁରୁମେ ଲକି ଦଳପତି, ମୁଡିକା ଜୟ ଶଙ୍କର ଦଳପତି ପ୍ରମୁଖ ପୂଜାର୍ଚ୍ଚନା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜା କମିଟି ସଭାପତି ଶ୍ରୀ ଦୁର୍ଗାଙ୍କ ସମେତ ସମ୍ପାଦକ ରାମଚନ୍ଦ୍ର ନାଏକ, ଯଶ କେତନ ଦୁର୍ଗା, ସୁରେନ୍ଦ୍ର ଦୁର୍ଗା, ପୂର୍ଣ୍ଣ ପଟେଲ ପ୍ରମୁଖ ସହଯୋଗ କରିଥିଲେ, ସେହିଭଳି ଟେମରା, ପାଜେନ ଓ ମଣ୍ଡଳ ଗ୍ରାମରେ ମଧ୍ୟ ଅନୁରୂପ ଭାବେ ଗୁଡିଚଗା ପର୍ବ ଆୟୋଜିତ ହୋଇଥିବା ସୂଚନା ମିଳିଛି।



# ମେଘୁଆ ପାଗ ପାଇଁ ଫସଲ ନଷ୍ଟ ଆଶଙ୍କା

**କେସିଙ୍ଗା, ୩୦।୧୧ (ସମିସ):** ଚଳିତ ବର୍ଷ ବର୍ଷାର ଲୁଚକାଳି ଖେଳ ସହିତ ୟୁରିୟା ସାର ଅଭାବ ପାଇଁ ଚାଷୀ ବହୁ ହଇରାଣ ହୋଇ କଷ୍ଟେମଷ୍ଟେ ଚାଷ କାମ କରିଥିଲେ। ବର୍ତ୍ତମାନ ଅମଳ ସମୟରେ ପ୍ରକୃତିର ଛାଟ।ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ ନଭେମ୍ବର ମାସ ଶେଷରେ ଲଘୁଚାପ ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହିଥିବା ଆଗରୁ ସୂଚନା ଦେଇଛି। ସେହି ଅନୁଯାୟୀ ପାଗ ମଧ୍ୟ ବଦଳିବାରେ ଲାଗିଛି। ଶନିବାର ଠାରୁ ଆକାଶରେ ମେଘୁଆ ପାଗ ଚାଷୀକୁ ବିଚଳିତ କରୁଛି। ଧାନ ଓ କପା ପ୍ରାୟତ ପାଚି ଅମଳ ଅପେକ୍ଷାରେ କିଛି କିଛି ଅମଳ ମଧ୍ୟ ହୋଇଗଲାଣି। ଅମଳଧାନ ଓ କପା ଚାଷୀ ଖଳାରେ ରଖିଛି ଶୁଖିବା ପାଇଁ ପାଣିପାଗ ବିଭାଗ ର ଆକଳନ ଚାଷୀଙ୍କୁ ବ୍ୟସ୍ତ କରୁଛି। ବର୍ଷା ହେଲେ ଅମଳ ଧାନ ଓ କପାକୁ ବର୍ଷା ଦାଉରୁ କୋଉଠି ସୁରକ୍ଷିତ ରଖିବ ସେଥିପାଇଁ ସୁରକ୍ଷିତ ସ୍ଥାନ ଖୋଜୁଛି ଚାଷୀ। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଜିଲ୍ଲାରେ ଧାନ ମଣ୍ଡି ଆରମ୍ଭ ହୋଇ ସାରିଥିଲେ ମଧ୍ୟ କେସିଙ୍ଗା ଅଞ୍ଚଳରେ ଆରମ୍ଭ ହୋଇ ନାହିଁ। କେବେ ମଣ୍ଡି ଆରମ୍ଭ ହେବ କୌଣସି ସୂଚନା ନାହିଁ। ମିଲର୍ସ ଓ ସରକାରଙ୍କ ମଧ୍ୟ ଚାଲିଥିବା ବାକଯୁଦ୍ଧ ଯୋଗୁଁ ମିଲର୍ସ ମଣ୍ଡିରୁ ଧାନ ନ ଉଠାଇବା କଥା ଗଣମାଧ୍ୟମ ଜରିଆରେ ଶୁଣିବାକୁ ମିଳୁଛି। ଗୋଟିଏ ପଟେ ମିଲର୍ସଙ୍କ ଛାଟ ଅନ୍ୟପଟେ ଚାଷୀଙ୍କ ପ୍ରତି ସରକାରଙ୍କ ନାଟ ତେଲିଆ ମୁଣ୍ଡରେ ତେଲ ସଦୃଶ୍ୟ ହୋଇ ଯାଇଥିବା ବେଳେ ଅଦିନିଆ ବର୍ଷା ଚାଷୀକୁ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହେଉଛି।

## ଚେତାବନୀ ସାହିତ୍ୟ ସଂସଦର ପୁଷପୁନି ଭେଟ୍‌ଘାଟ୍

# ଡ. ଭଗବାନ ଜୟସିଂହଙ୍କୁ କଳାହାଣ୍ଡି ସାରସ୍ୱତ ସମ୍ମାନ

**କେସିଙ୍ଗା, ୩୦।୧୧(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଚେତାବନୀ ସାହିତ୍ୟ ସଂସଦର ପୁଷପୁନି ଭେଟ୍‌ଘାଟ ଓ ରାଜ୍ୟସ୍ତରୀୟ ଲେଖକ ସମାବେଶ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ମୁକ୍ତମଞ୍ଚରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ମନୁଷ୍ୟର ଚିନ୍ତା ଚେତନାକୁ ପରିଶୁଦ୍ଧ କରିବା ସହିତ ତାର ଚିନ୍ତାଧାରା ସମାଜରେ ସଂସ୍କାର ଆଣି ଥାଏ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ।ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ ସଂସଦ ର ସଭାପତି ଯାଜ୍ଞସେନୀ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ନଗର ପାଳ ନୃପରାଜ୍ ଯାଦବ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଡ଼.ଭଗବାନ ଜୟସିଂହ, ବରେଣ୍ୟ ଅତିଥି ଭାବରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଉପସ୍ଥିତ ଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ କଟକର ଡ଼.ସେନାପତି ପ୍ରଦ୍ୟୁମ୍ନ କେଶରୀ ଯୋଗ ଦେଇଥିଲେ। ପରେ ଦିନ ରାଜ୍ୟରୁ ଆସିଥିବା କବି ଓ ସାହିତ୍ୟିଙ୍କ ଦ୍ୱାରା ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ଥିଲା। ପରେ ସେହିପରି ଉଦ୍‌ଯାପନୀ ଅଧିବେଶନରେ ରାଜ୍ୟସ୍ତରୀୟ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଦୂର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନ ପାଇଥିଲେ ପୁରୀର ଡ଼. ଭଗବାନ ଜୟସିଂହ, ସେହିପରି କଥା ସାହିତ୍ୟ, ପ୍ରବନ୍ଧ ସାହିତ୍ୟ ଓ କାବ୍ୟ କବିତା ପାଇଁ ଚେତାବନୀ ପ୍ରଜ୍ଞା ସମ୍ମାନ ପାଇଲେ ଭୁବନେଶ୍ୱରର ଲକ୍ଷ୍ମୀ ଚାନ୍ଦ, ପୁରୀର ଡ଼. ଚିତ୍ତରଞ୍ଜନ ମିଶ୍ର ଓ ସୁବର୍ଣ୍ଣପୁରର କେଦାର ମିଶ୍ର, କବି ଜ୍ୟୋତି ମିଶ୍ର ଯୁବ ପ୍ରତିଭା ସମ୍ମାନ ପାଇଲେ ସୁନ୍ଦରଗଡ଼ ଜିଲ୍ଲାର ଡ.ମମତା ପ୍ରିୟଦର୍ଶିନୀ ସାହୁ, ଚେତାବନୀ ଶିକ୍ଷା ସମ୍ମାନ ପାଇଲେ କଳାହାଣ୍ଡି ଜିଲ୍ଲାର ଇ.ଅଜୟ କୁମାର ପଣ୍ଡା, କବି ପାର୍ଥ ବିଶି କିଶୋର ସାହିତ୍ୟ ସମ୍ମାନ ପାଇଲେ ବାଲେଶ୍ୱର ଜିଲ୍ଲାର ସୁରଞ୍ଜନ ସାହୁ, କବି ଲକ୍ଷ୍ମୀକାନ୍ତ ସାହା ସ୍ମୃତି ସମ୍ମାନ ପାଇଲେ ଭବାନୀପାଟଣାର ଐଶ୍ୱର୍ଯ୍ୟା ପ୍ରଧାନ, ଚେତାବନୀ ସେବା ସମ୍ମାନ ପାଇଲେ କେସିଙ୍ଗା ଅଞ୍ଚଳର ବିଶିଷ୍ଟ ବୈଦ୍ୟ ସଦାନନ୍ଦ ପଟେଲ। ସେହିପରି ଚେତାବନୀ ସୁହୃଦ ସମ୍ମାନ ପାଇଲେ କେସିଙ୍ଗାର ବିପିନ ବିହାରୀ ବିଶି। ଉଦ୍‌ଯାପନୀ ସନ୍ଧ୍ୟାରେ ଚେତାବନୀ ସାହିତ୍ୟ ସଂସଦର କେନ୍ଦ୍ରୀୟ ସଭାପତି ଡ.ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱରର ପ୍ରସିଦ୍ଧ କଥା ଶିଳ୍ପୀ ଓ ଶିଶୁ ସାହିତ୍ୟିକ ଦାଶ ବେନହୁର ଉପସ୍ଥିତ ଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଡ଼.ଭଗବାନ ଜୟସିଂହ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ନଗରପାଳ ଡାକ୍ତର ହେମ ସାଗର ସାହା, ସ୍ୱତନ୍ତ୍ର ଅତିଥି ଭାବରେ କେସିଙ୍ଗାର ବିଶିଷ୍ଟ କଥାଶିଳ୍ପୀ ଯାଜ୍ଞସେନୀ ସାହା ପ୍ରମୁଖ ଉପସ୍ଥିତ ଥିଲେ।ଅନୁଷ୍ଠାନର ସମ୍ପାଦକ ରଞ୍ଜନ କୁମାର ପଣ୍ଡା ସମ୍ପାଦକୀୟ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଜ୍ଞାନେନ୍ଦ୍ର ଭୋଇ, ତପନ କୁମାର ଦାସ ଓ ଡ଼. ଗୀତାଶ୍ରୀ ପ୍ରିୟମ୍ବଦା। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ପାଢ଼ୀ, ଯାଜବେନ୍ଦ୍ର ସାହା, ଡମ୍ବରୁଧର ଭୋଇ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଶେଷରେ କେସିଙ୍ଗା ସାହିତ୍ୟ ସଂସଦର ଉପ ସଭାପତି ରମେଶ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।




# ବାଲ୍ୟ ବିବାହ ରୋକିଲା ଜିଲ୍ଲା ପ୍ରଶାସନ

**ନୂଆପଡ଼ା, ୩୦।୧୧ (ସମିସ):** ନୂଆପଡ଼ା ଥାନା ଅନ୍ତର୍ଗତ ଜିଲ୍ଲାସଦର ମହକୁମା ସିରତୋଲବସ୍ତିରେ ଜଣେ ବ୍ୟକ୍ତିଙ୍କ ଘରେ ଚାଲିଥିବା ବାଲ୍ୟବିବାହକୁ ପ୍ରଶାସନ ରୋକିବାରେ ସଫଳ ହୋଇଛି। ସୂଚନାରୁ ପ୍ରକାଶ ଯେ ରବିବାର ଜିଲ୍ଲା କାର୍ଯ୍ୟାଳୟଠାରୁ ମାତ୍ର ୧କିମି ଦୂର ସିର୍ତ୍ତୋଲ ବସ୍ତିରେ ଜଣେ ନାବାଳିକାଙ୍କ ବିବାହ ପାଇଁ ସବୁ ପ୍ରକାର ପସ୍ତୁତି ଚୂଡାନ୍ତ ହୋଇସାରିଥିଲା। ଠିକ ଏତିକିବେଳେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ରଞ୍ଜନ ସାହୁଙ୍କ ଠାରୁ ଖବର ପାଇ ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଘଟଣାର ସତ୍ୟତା ଜଣାପଡ଼ିବା ପରେ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନୂଆପଡ଼ା ରଞ୍ଜିତ ନାଏକଙ୍କ ନେତୃତ୍ୱରେ ନୂଆପଡ଼ା ଥାନାର ପୁଲିସ ଟିମ୍, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧିକାର ମିତ୍ର କୃଷ୍ଣା କୁମାର ଦେଓାଙ୍ଗନ ପ୍ରମୁଖ ଗ୍ରାମରେ ପହଞ୍ଚି ବାଲ୍ୟବିବାହ ବନ୍ଦ କରାଇବା ସହ କମ ବୟସରେ ବିବାହ ନ କରାଇବାକୁ ପରିବାର ପରାମର୍ଶ ଦେଇଥିଲେ। ଶିଶୁ ସୁରକ୍ଷା ଆଇନ ତଥା ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ଅନୁସାରେ କୌଣସି ପୁଅ ଝିଅଙ୍କ ବୟସ ଯଥାକ୍ରମେ ୨୧ ଏବଂ ୧୮ ଧାର୍ଯ୍ୟ ହୋଇଛି। ଏହାକୁ ଅବମାନନା କରିବା ଦଣ୍ଡନୀୟ ଅପରାଧ ଅଟେ। ଏହାକୁ ନେଇ ଅଧିକାରୀମାନେ ଦୁଇ ପରିବାର ଲୋକଙ୍କୁ ବୁଝାଇଥିଲେ। ପରେ ଉଭୟପକ୍ଷ ରାଜି ହୋଇ ଲିଖିତ ଭାବରେ ଥାନା ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ।

# ଭୁବନେଶ୍ୱର ଅଭିମୁଖେ ସାଇକଲ ଯାତ୍ରା

**ଗୋଲାମୁଣ୍ଡା, ୩୦।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସମସ୍ୟା ନେଇ ଜନ ସଂଗ୍ରାମ ସମିତି ଆବାହକ ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ରବିବାର ଦିନ ଭୁବନେଶ୍ୱର ଅଭିମୁଖେ ସାଇକଲ ଯାତ୍ରା ଆରମ୍ଭ ହୋଇଯାଇଛି। ଗୋଲାମୁଣ୍ଡା ଗ୍ରାମ ଦେବୀ ମାଁ ଠାକୁରାଣୀ ଓ ସର୍ବମଙ୍ଗଳା ମନ୍ଦିରରୁ ଯାତ୍ରା ଆରମ୍ଭ ଦୀର୍ଘ ୫୫୦କିମି ଭୁବନେଶ୍ୱର ଠାରେ ପରିସମାପ୍ତ ଘଟିବ। ସେଠାରେ ଓଡ଼ିଶା ରାଜ୍ୟପାଳ ସମେତ ମୁଖ୍ୟମନ୍ତ୍ରୀ ଙ୍କୁ ୮ଦଫା ଦାବି ପତ୍ର ପ୍ରଦାନ କରାଯିବ। ଦାବି ଗୁଡିକ ମଧ୍ୟରେ ଗୋଲାମୁଣ୍ଡା ବ୍ଲକ୨୦୨୪-୨୫ ମସିହାର ରବି ଋତୁ ମୁଗ ଚାଷୀଙ୍କ ଇନ୍ସ୍ୟୁରାନ୍ସ ଟଙ୍କା ପ୍ରଦାନ, ଉଦନ୍ତୀ ନଦୀରେ ବ୍ରିଜ ନିର୍ମାଣ, ମେଘା ଲିଫ୍ଟ ଜଳ ଯୋଗାଣ କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଗୋଲାମୁଣ୍ଡା ବ୍ଲକରେ ଧନ୍ଦାମୂଳକ କଲେଜ ସ୍ଥାପନ, ରବି ଋତୁ ଚାଷ ପାଇଁ କେନାଲ ରେ ଜଳ ଯୋଗାଣ, ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଗୋଲାମୁଣ୍ଡା ଠାରେ ଏମଏସଏମଇ ଓ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ସାଙ୍ଗକୁ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ଓ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ ଆଦି ଦାବିରେ ଉଲ୍ଲେଖ ରହିଛି। ତେବେ ପ୍ରମୁଖ ଦାବି ଗୁଡିକ ବାରମ୍ବାର ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ସରକାରଙ୍କ ଠାରେ ଉପସ୍ଥାପନ ପୂର୍ବରୁ କରାଯାଇଛି। ବିଭିନ୍ନ ସମୟରେ ଆନ୍ଦୋଳନ ଧର୍ମଘଟ ହୋଇଥିଲେ ହିଁ ସରକାର କର୍ଣ୍ଣପାତ କରି ନଥିବା କୁହାଯାଏ। ସାଇକଲ ଯାତ୍ରା ରେ ଅଞ୍ଚଳର ୫୦ଜଣ ସାଇକଲ ଯାତ୍ରୀ ସାମିଲ ହୋଇଛନ୍ତି।ଶେଷରେ ଦୀର୍ଘ ୫୫୦ କିମି ଦୂର ଯାଏ ସାଇକଲ ଯାତ୍ରା ଆରମ୍ଭ କରି ଦାବି ଜଣାଇବାକୁ ଏକ ଭିନ୍ନ ପ୍ରୟାସ କରାଯାଇଛି। ପୂର୍ବରୁ ମଧ୍ୟ ଗୋଲାମୁଣ୍ଡା ଠାରୁ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ୫୫୦କିମି ପଦ ଯାତ୍ରା କରିଥିଲେ। ସରକାର ଦାବି ଗୁଡିକୁ ନିଶ୍ଚିତ ଭାବେ ଗ୍ରହଣ କରି କାର୍ଯ୍ୟକ୍ଷମ କରିବେ ବୋଲି ଶ୍ରୀ ମଙ୍ଗରାଜ ଆଶା ବାନ୍ଧିଥିବା ପ୍ରକାଶ କରିଛନ୍ତି।








# ବିନା ଭିତ୍ତିଭୂମିରେ ମାଳ ମାଳ ବେସରକାରୀ ବିଦ୍ୟାଳୟ

**ବୌଦ୍ଧ, ୩୦ ।୧୧(ସମିସ)**

ବୌଦ୍ଧ ବ୍ଲକରେ ବିନା ଭିତ୍ତିଭୂମିରେ ଅନେକ ବେସରକାରୀ ବିଦ୍ୟାଳୟ ଚାଲିଛି । ଏନେଇ ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ସମ୍ପୃକ୍ତ ବିଦ୍ୟାଳୟମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ରାଜ୍ୟ ସରକାରଙ୍କ ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ-୨୦୧୦ ଅନୁସାରେ ରାଜ୍ୟରେ କୌଣସି ବେସରକାରୀ ବିଦ୍ୟାଳୟ ଖୋଲିବା ପୂର୍ବରୁ ଉକ୍ତ ବିଦ୍ୟାଳୟର ଭିତ୍ତି ଭୂମି ଥିବା ଆବଶ୍ୟକ । ଏହା ପରେ ଏବିଇଓ ପରିଦର୍ଶନ କରି ଉକ୍ତ ସ୍କୁଲ ଖୋଲିବା ପାଇଁ ସୁପାରିଶ କରିଥାନ୍ତି । ଏହା ପରେ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ପତ୍ର କିମ୍ବା ସାର୍ଟିଫିକେଟ ଅଫ ରିକଗନିଶନ ଅନିବାର୍ଯ୍ୟ; ହେଲେ ବୌଦ୍ଧ ବ୍ଲକ ମୁଣ୍ଡାପଡ଼ାସ୍ଥିତ ଷ୍ଟେଟ ବ୍ରିଗେଡ୍ ସ୍କୁଲ, ଲକ୍ଷ୍ମୀପ୍ରସାଦ ପଞ୍ଚାୟତସ୍ଥିତ ଷ୍ଟେଟ ବ୍ରିଗେଡ୍ ସ୍କୁଲର ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ ୫ଟି ଶିକ୍ଷା ବର୍ଷ ପାଇଁ ସ୍କୁଲ ଖୋଲିବା ଅନୁମତି ପତ୍ର କିମ୍ବା ସାର୍ଟିଫିକେଟ ଅଫ ରିକଗନିଶନ ନାହିଁ। ଏହିଭଳି ମନଇଚ୍ଛା ବିନା ସରକାରୀ ଅନୁମତିରେ ବେସରକାରୀ ବିଦ୍ୟାଳୟ ଖୋଲାଯାଇ ବିଜ୍ଞାପନ ଜରିଆରେ ଅଭିଭାବକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ସଚେତନ ନ ଥିବା ଅଭିଭାବକ ଏସବୁ ବେଆଇନ ବିଦ୍ୟାଳୟରେ ନିଜ ଶିଶୁଙ୍କ ନାମ ଲେଖାଉଛନ୍ତି।

**ଅନେକ ନିୟମ ମାନୁ ନାହାନ୍ତି**

**ସଚେତନ ହେଉ ନାହାନ୍ତି ଅଭିଭାବକ**

**ଆକର୍ଷଣୀୟ ବିଜ୍ଞାପନରେ ଭଳି ଯାଉଛନ୍ତି ଲୋକ**

**ଅନୁମତି ପତ୍ର କିମ୍ବା ସାର୍ଟିଫିକେଟ ଅଫ ରିକଗନିଶନ ନାହିଁ**

ଏ ସଂକ୍ରାନ୍ତରେ ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଏହି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମାର୍ଚ୍ଚ ୨୯ ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗୋଷ୍ଠୀ ଶିକ୍ଷାଧିକାରୀ, ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ବୌଦ୍ଧ ଜିଲ୍ଲାପାଳ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିଲା। ଏଭଳି ଆଇନ ଖିଲାପକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଜରିମାନା ପୈଠ ନ କଲେ ଦୈନିକ ୧୦ ହଜାର ଟଙ୍କା ଲେଖାଏଁ ଅତିରିକ୍ତ ଜରିମାନା ଦେବାର ଆଇନରେ ପ୍ରାବଧାନ ମଧ୍ୟ ରହିଛି। ତେବେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ କୈଫିୟତ ମିଳିବା ପରେ ତାକୁ ତର୍ଜମା କରାଯାଇ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ସୂଚନା ଦେଇଥିଲେ। ତେବେ ଆଜକୁ ୮ ମାସ ବିତିଯାଇଥିଲେ ମଧ୍ୟ ଏହି ବିଦ୍ୟାଳୟକୁ କାହିଁକି ଅନୁକମ୍ପା ଦେଖା ଯାଉଛି ତାହା ତଦନ୍ତ ସାପେକ୍ଷ। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କୁ ଯୋଗାଯୋଗ କରିବାରୁ କଣ ହୋଇଛି ମୁଁ ଫାଇଲ ଦେଖିଲେ କହିବି ବୋଲି କହିଛନ୍ତି।

# ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା

**ଭବାନୀପାଟଣା, ୩୦ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ କଳାହାଣ୍ଡି ଚେସ ଏକାଡେମୀ ତରଫରୁ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଖାଉଟି କୋର୍ଟର ବିଚାରପତି ଅଶ୍ୱିନ ପାତ୍ର ମୁଖ୍ୟଅତିଥି, ସିନିଅର ନ୍ୟାସନାଲ ଚେସ ଅରବିଟର ରବୀନ୍ଦ୍ର ସାହୁ, ବିବେକ ଇଣ୍ଟରପ୍ରାଇଜେର୍ସ ମାର୍କେଟିଂ ମୁଖ୍ୟ ଅଜିତ କୁମାର ରାଉତ, ସମାଜସେବୀ ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରସନ୍ନ ପଟ୍ଟନାୟକ, ଆରକେ ସାଇକେଲ ମୁଖ୍ୟ ରୁପେଶ ଅଗ୍ରୱାଲ, ଶିକ୍ଷାବିତ୍ ଅରୁଣ ପାଣିଗ୍ରାହୀ ସମ୍ମାନୀତ ଅତିଥି ରୂପେ ଉପସ୍ଥିତ ରହି ଚେସ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର କରିଥିଲେ।୧୫ ବର୍ଷ ବୟସ ବିଭାଗରେ ରବି ଶଙ୍କର ପଣ୍ଡା ପ୍ରଥମ, ଅନିବେଶ ସମନ୍ତରାୟ ଦ୍ୱିତୀୟ ଓ ଶ୍ରୀୟାଂଶ ସୂତାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ୧୧ ବର୍ଷ ବୟସ ବିଭାଗରେ ସ୍ୱାୟାଂଶୁ ନାଏକ ପ୍ରଥମ, ଦିବ୍ୟାଂଶ ପ୍ରଧାନ ଦ୍ୱିତୀୟ, ୯ ବର୍ଷ ବିଭାଗ ରେ ଶିଭାଂଶୁ ସାହୁ ପ୍ରଥମ, ଆୟୁଷ ଦୀପ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୭ ବର୍ଷ ବିଭାଗରେ ଶ୍ରୀୟାଂଶ ପଣ୍ଡା ପ୍ରଥମ ଓ ଦିବ୍ୟାଂଶୀ ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ସ୍ୱାଭିମାନ ପାତ୍ର ଚାମ୍ପିଅନ, ୟୁମାନ ଖାନ ଦ୍ୱିତୀୟ ଓ ସୂର୍ଯ୍ୟାଂଶୁ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବାଳିକା ବିଭାଗରେ ଯଶକନ୍ୟା ସାହୁ ଚାମ୍ପିଅନ, ପଲକ ରାଣୀ ଦ୍ୱିତୀୟ ଓ ଶୁଭଶ୍ରୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳକ ଓ ବାଳିକା ବିଭାଗ ର ଚାମ୍ପିୟନ ଦ୍ୱୟଙ୍କୁ ଆରକେ ସାଇକଲ ତରଫରୁ ଗୋଟିଏ ଲେଖାଏଁ ସାଇକଲ ପୁରସ୍କୃତ କରାଯାଇଛି। କଳାହାଣ୍ଡି ଚେସ ଏକାଡେମୀର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ.ଶିବରାମ ନାୟକ ସଭା ପରିଚାଳନା କରିଥିବା ବେଳେ ରବି ନାରାୟଣ ସାହୁ, ବୃଷବ ଦାସ ସମେତ ଏକାଡେମୀର ବହୁ ସଦଶ୍ୟ ସହଯୋଗ କରିଥିଲେ।




# ବିଦ୍ୟାଳୟରେ ଓଷ୍ଟା ମେଧା ବୃତ୍ତି ପରୀକ୍ଷା

**ସିନାପାଲି, ୩୦ ।୧୧(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟା ଆନୁକୂଲ୍ୟରେ ରବିବାର ନୂଆପଡ଼ା ଜିଲ୍ଲାରେ ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସିନାପାଲି ବ୍ଲକ ମହଗାଁ ଉଚ୍ଚ ବିଦ୍ୟାଳୟ, ନୂଆପଡ଼ା ବ୍ଲକରେ ଗୋଡ଼ଫୁଲା ଉଚ୍ଚ ବିଦ୍ୟାଳୟ ଓ କୋମନା ବ୍ଲକରେ କାଣ୍ଡେତରା ଉଚ୍ଚ ବିଦ୍ୟାଳୟରେ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ଜିଲ୍ଲାର ପ୍ରାୟ ୨୦୦ ଜଣ ନବମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଆଜି ସମଗ୍ର ରାଜ୍ୟରେ ପରୀକ୍ଷା ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ପ୍ରାୟ ବାର ହଜାର ଛାତ୍ର ଛାତ୍ରୀ ଭାଗ ନେଇଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ପରୀକ୍ଷାରେ ଶୀର୍ଷ ୧୦୦ଜଣ ମେଧା ଛାତ୍ର ଛାତ୍ରୀଙ୍କୁ ଓଷ୍ଟା ପକ୍ଷରୁ ୩୦୦୦ ଟଙ୍କାର ବୃତ୍ତି ପ୍ରଦାନ କରିବା ସହିତ ମାନପତ୍ର ପ୍ରଦାନ କରାଯିବ। ଏହା ସହିତ ଜିଲ୍ଲାର ଶୀର୍ଷ ସ୍ଥାନ ରଖିଥିବା ମେଧାଙ୍କୁ ମଧ୍ୟ ୨୦୦୦ ଟଙ୍କାର ବୃତ୍ତି ପ୍ରଦାନ କରାଯିବ। ଏହି ମେଧା ବୃତ୍ତି ପରୀକ୍ଷା ନୂଆପଡ଼ା ଜିଲ୍ଲା ଓଷ୍ଟା ସଭାପତି ବନ ବିହାରି ମେହେର, ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀଙ୍କ ସମେତ ଜିଲ୍ଲା ଓଷ୍ଟାର ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସିନାପାଲି ବ୍ଲକ ସଭାପତି ଅଶ୍ୱିନୀ କୁମାର ଯୋଷୀ, ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ, ନୂଆପଡ଼ା ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ମହାରଣା, ସମ୍ପାଦକ ପାଣ୍ଡୁରାମ ପାଣ୍ଡେ, କୋମନା ବ୍ଲକ ସଭାପତି ମହତାବ ଗିରି ସମ୍ପାଦକ ତପନ କୁମାର ବହିଦାର, କିଶୋର ଚନ୍ଦ୍ର ଯୋଷୀ, ଶ୍ରୀନିବାସ ପାତ୍ର, ବିବେକାନନ୍ଦ ଭୋଇ, କାର୍ତ୍ତିକେଶ୍ୱର୍ ବୈଠାରୁ, ବସନ୍ତ କୁମାର ଦାଶ, ରବୀନ୍ଦ୍ର କୁମାର ସିଂ, ଉପେନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ସହଯୋଗ କରିଥଲେ। ଓଷ୍ଟା ରାଜ୍ୟ ଉପସଭାପତି ସାରଙ୍ଗଧର ଠାକୁର, ଭବାନୀ ହୁ ଭୋଇ ଓ ବନବିହାରୀ ମେହର ପ୍ରମୁଖ ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ।














## ୧୭ରୁ ମୁରିବାହାଲ ବିରାଟ ଧନୁଯାତ୍ରା

**ମୁରିବାହାଲ, ୩୦।୧୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ସପ୍ତମ ବର୍ଷ ବିରାଟ ଧନୁଯାତ୍ରା ମହୋତ୍ସବ ଚଳିତ ଡିସେମ୍ବର ୧୭ ତାରିଖଠାରୁ ୨୩ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଧନୁଯାତ୍ରା ପଡ଼ିଆରେ ମହାସମାରୋହରେ ଅନୁଷ୍ଠିତ ହେବ। ଏହି ୭ ଦିନ ବ୍ୟାପୀ ବିରାଟ ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ଗ୍ରାମ ମଥୁରାନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିବ। ୧୭ ତାରିଖ ଉଦ୍‌ଘାଟନୀଠାରୁ ପ୍ରତ୍ୟହ ସନ୍ଧ୍ୟାରେ ମଥୁରା ନରେଶ ମହାରାଜ କଂସଙ୍କ ଦରବାର ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହି ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଲାଠୋରର ବରିଷ୍ଠ କଳାକାର ଆର୍ତ୍ତତ୍ରାଣ ସୁନାନୀ ଓ ତାଙ୍କ ସାଥୀମାନେ ବିଭିନ୍ନ ଭୂମିକାରେ ଅଭିନୟ କରିବେ। ଚଳିତ ବର୍ଷ ଆୟୋଜକ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି।

## ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ଖପ୍ରାଖୋଲ, ୩୦।୧୧(ସମିସ):** ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ହେଇଥିବା ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ସଭାପତି ପ୍ରଧାନ ଶିକ୍ଷକ ଇସପାଲ ସୁନାଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ବିଆରସିସି ରୁଦ୍ରଦେବ ଷଡଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରକ୍ଷିତ ବେହେରା ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଖୋଖୋ, କବାଡି, ଲମ୍ବଡିଆଁ, ଉଚ୍ଚ ଡିଆଁ, ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ରୋଜୀ ମଲ୍ଲିକ ଓ ଶିକ୍ଷକ ସମୀରଦେବ ଚୌହାନ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଆର୍‌ସିସି ରୁଦ୍ର ଦେବ ଷଡଙ୍ଗୀ, ଏବିଇଓ ମୀନକେତନ ବରିହା ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷକ ଓମ୍ ପ୍ରକାଶ ମେହେର ମଞ୍ଚ ପରିଚାଳନା କରିଥିଲେ ଓ ଶିକ୍ଷକ ମୁରଲୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଷ୍ଟେଟ୍ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟସ୍ ବଲାଙ୍ଗିର ଶାଖାର ପ୍ରାନ୍ତୀୟ ସମାବେଶ

ବଲାଙ୍ଗିର, ୩୦।୧୧(ସମିସ)




ସ୍ଥାନୀୟ ସାମ୍ବାଦିକ ଭବନରେ ଷ୍ଟେଟ୍ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟସ (ଓଡ଼ିଶା), ବଲାଙ୍ଗିର ଶାଖାର ପ୍ରାନ୍ତୀୟ ସମାବେଶ ମହାସମାରୋହରେ ପାଳିତ ହୋଇଯାଇଛି। ସମାବେଶରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌରଧକ୍ଷା ଲିକା ସାହୁ ଯୋଗ ଦେଇ ସମାଜରେ ସକାରାତ୍ମକ ପରିବର୍ତ୍ତନ ଦିଗରେ ସାମ୍ବାଦିକମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବଲାଙ୍ଗିର ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ. ଅରବିନ୍ଦ ଓଝା ଯୋଗଦେଇ ମୂଲ୍ୟବୋଧ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ସାମ୍ବାଦିକ ଏକତା, ସୁରକ୍ଷା, ପେନସନ ଓ ବୀମାରାଶି ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସମ୍ପର୍କରେ ଅନେକ ତଥ୍ୟ ଉପସ୍ଥାପନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ସାଧାରଣ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ରାଜ୍ୟ ଯୋଗାଯୋଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶଶି ଭୂଷଣ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ, ରାଜ୍ୟ ଉପଦେଷ୍ଟା ଗୋପବନ୍ଧୁ ଶତପଥୀ, ରାଜ୍ୟ ଟ୍ରିବୁନାଲ ଅଧ୍ୟକ୍ଷ ସନ୍ତୋଷ ମିଶ୍ର ପ୍ରମୁଖ ଯୋଗ ଦେଇ ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ଆଜିର ଆହ୍ୱାନ ହେବା ଉଚିତ ବୋଲି କହିଥିଲେ। ସାମ୍ବାଦିକଙ୍କ ସୁରକ୍ଷା ଓ ପେନସନ୍ ପାଇଁ ସରକାର ନୂତନ ଆଇନ ପ୍ରଣୟନ କରିବାକୁ ନିବେଦନ କରିଥିଲେ। ସାମ୍ବାଦିକମାନେ ସତ୍ୟ ଓ ନିର୍ଭିକ ହୋଇ ଖବର ପରିବେଷଣ କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ବକ୍ତାମାନେ ମତ ଦେଇଥିଲେ। ଏହି ଅବସରରେ ଏସ୍‌ୟୁଜେର ନୂତନ ସଭ୍ୟ ସାମ୍ବାଦିକ ଚିତ୍ତରଞ୍ଜନ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସାମ୍ବାଦିକ ବଳରାମ ମିଶ୍ର, ଚନ୍ଦ୍ରଭାନୁ ମୌଲାନା, ପ୍ରବୀଣ ପୁରୋହିତ, ରଶ୍ମିରଞ୍ଜନ ପଟ୍ଟନାୟକ, ଖବରକାଗଜ ବିତରକ ଜୟପ୍ରକାଶ ମଟାରୀ, ଡାକ୍ତର ବେଣୁଧର ପାଣ୍ଡେ, ଉଦ୍ୟୋଗୀ ମହିଳା ମୀରା ଦେବୀ କେଜରିୱାଲ ଓ ସୁଜାତା ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ୟୁଜେ ବଲାଙ୍ଗୀର ଶାଖାର ସଭାପତି ଶରତ ମହାକୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ରାଜ୍ୟ ଉପ ସଭାପତି ମହେନ୍ଦ୍ର ଦର୍ଜି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏସ୍‌ୟୁଜେ ବଲାଙ୍ଗୀର ଶାଖାର ସାଧାରଣ ସମ୍ପାଦକ ରଘୁ ନନ୍ଦନ ସିଂହ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମହେନ୍ଦ୍ର ପଧାନ, ରାଜେଶ ପାଣିଗ୍ରାହୀ, ସୁଧୀର ମିଶ୍ର, ନିରୋଜ ମିଶ୍ର, ସତ୍ୟ ନାରାୟଣ(ବଣ୍ଟି) ମିଶ୍ର, ସନ୍ତୋଷ ଠାକୁର, ବିନୋଦ ଦୀପ, ମାନସୀ ମିଶ୍ର, ରାଧାକୃଷ୍ଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଦାଦନ ଦଲାଲ ଗିରଫ



**ଖପ୍ରାଖୋଲ, ୩୦।୧୧(ସମିସ):** ଖପ୍ରାଖୋଲ ଥାନା ପୁଲିସ ଖପ୍ରାଖୋଲ-ପାଟଣାଗଡ଼ ରାସ୍ତା ଦେଦର୍ହ ଛକ ନିକଟରୁ ୭ ଶିଶୁ ସମେତ ୧୪ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଏମାନଙ୍କୁ ବସ୍ ଯୋଗେ ଚାଲାଣ କରାଯାଉଥିବା ଖବର ପାଇଥିଲା। ତେବେ ଉଦ୍ଧାର ଶ୍ରମିକମାନେ ପାଟଣାଗଡ଼ ଥାନା ଆଇଁଲାପାଲି ଗାଁର ଓ ବରଗଡ଼ ଜିଲ୍ଲା ବୁଡେନ୍ ଥାନା ଅମାବାହଲ ଗାଁର। ସମସ୍ତଙ୍କୁ ଇଟାକାମ ପାଇଁ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦ ନିକଟ ଏକ ଇଟାଭାଟି ଚାଲାଣ କରାଯାଉଥିଲା। ଏମାନଙ୍କୁ ବେଆଇନଭାବେ ଚାଲାଣ କରାଯାଉଥିବା ଅଭିଯୋଗରେ ବେଲପଡ଼ା ଥାନା ବେଲପଡ଼ା ଗାଁର ବିରଞ୍ଚି ମହାନନ୍ଦ (୩୮)କୁ ଖପ୍ରାଖୋଲ ପୁଲିସ ଗିରଫ କରଛି।

## ଭାଇକୁ ହାଣିଲା ଭାଇ

**ଖପ୍ରାଖୋଲ, ୩୦।୧୧(ସମିସ):** ଲାଠୋର ଥାନା କରୁଆଁଝର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ସ୍ତ୍ରୀ କଳହକୁ ମନା କରିବାରୁ ଭାଇକୁ ଭାଇ କୁରାଢ଼ିରେ ହାଣିଛି। ଅନ୍ତର୍ଯ୍ୟାମୀ ଭୁଏ ଗୁରୁତର ହୋଇଛନ୍ତି। ଅଭିଯୁକ୍ତ ଫକିର ଭୁଏକୁ ପୁଲିସ ଗିରଫ କରିଛି। ଦୁହେଁ କରୁଆଝର ଗ୍ରାମରେ ଏକାଠି ଗୋଟିଏ ଘରେ ରହନ୍ତି। ଅଭିଯୁକ୍ତ ତା ସ୍ତ୍ରୀ ଦୁଳେଶ୍ୱରୀ ଭୋଇଙ୍କ ସହ ଝଗଡ଼ା କରୁଥିଲା। ସେତେବେଳେ ଅନ୍ତର୍ଯ୍ୟାମୀ ଓ ତାଙ୍କ ସ୍ତ୍ରୀ ଜମିରୁ ଘରକୁ ଆସୁଥିଲେ। ଏହି ସମୟରେ



ଫକିର ତାଙ୍କ ସ୍ତ୍ରୀ ସହ କଳହ କରୁଥିବା ଦେଖି ବାରଣ କରିଥିଲେ। ଏଥିରେ ଫକିର ଉତ୍ତ୍ୟକ୍ତ ହୋଇ ଅନ୍ତର୍ଯାମୀଙ୍କୁ ଅଶ୍ଳୀଳ ଭାବେ ଗାଳି ଦେଇଥିଲା। ଏହାପରେ ଘରୁ ଗୋଟିଏ ଟାଙ୍ଗିଆ ଆଣି ଆକ୍ରମଣ କରିଥିଲା। ତାଙ୍କ ମୁଣ୍ଡ ଓ ଗାଲରେ ଦୁଇ ଚୋଟ ବାଜିଥିଲା। ଆକ୍ରମଣ ପରେ ସେ ଟାଙ୍ଗିଆ ନେଇ ପଳାଇ ଯାଇଥିଲା। ଟାଙ୍ଗିଆ ଚୋଟ ଆଘାତରେ ଅନ୍ତର୍ଯ୍ୟାମୀଙ୍କ ମୁଣ୍ଡ ପଛ ପଟ ଓ ଗାଲରୁ ପ୍ରବଳ ରକ୍ତ ସ୍ରାବ ହେବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଖପ୍ରାଖୋଲ ଡାକ୍ତରଖାନାକୁ ନେଇଥିଲେ। ସେଠାର ଡକ୍ଟର ତାଙ୍କ ସ୍ଥିତି ଗୁରୁତର ଦେଖି ତାଙ୍କୁ ବଲାଙ୍ଗିରକୁ ସ୍ଥାନାନ୍ତର କରିଥିଲେ। ପରେ ବଲାଙ୍ଗିରରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଲାଠୋର ପୁଲିସ ଘଟଣାର ତଦନ୍ତ ସହ ଅଭିଯୁକ୍ତ ଫକିରକୁ ଗିରଫ କରିଛି। ତା ପାଖରୁ ଟାଙ୍ଗିଆ ଜବତ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।

## ଭାରତୀୟ କିଷାନର ଚାଷୀଙ୍କ ଜମି ପରିଦର୍ଶନ



**ବଲାଙ୍ଗିର, ୩୦।୧୧(ସମିସ):** ଭାରତୀୟ କିଷାନ ୟୁନିଅନର ଏକ ଟିମ୍ ଚାଷୀଙ୍କ ଜମି ପରିଦର୍ଶନ କରିଛି। ରାଜ୍ୟ ସଭାପତି ସୌରୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଗ୍ରାମର ଚାଷ ଜମି ପରିଦର୍ଶନ କରିଛି। ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଲୁହାଖାନ, ଗୋଇଲପିଟା, ରାମଚନ୍ଦ୍ରପୁର ଓ ସିଂହାମୁଣ୍ଡା ପଞ୍ଚାୟତର ଖଲିଆପାଲି, ଲଖନପୁର୍, ସିଂହାମୁଣ୍ଡା ଗ୍ରାମରେ ଏହି ଟିମ୍ ସ୍ଥିତି ଅନୁଧ୍ୟାନ କରିଛି। ତଳିରୁଆରେ ପାଣି ଅଭାବ ଯୋଗୁଁ ଚାଷୀ ପଲ୍ଲା ପକାଇ ରୁଆ କାର୍ଯ୍ୟ କରି ପାରି ନ ଥିଲେ। ଏଣୁ ଅନେକ ଜମି ପଡ଼ିଆ ପଡ଼ିଛି। ତେବେ ସୁବିଧା ହେଉଥିବା କିଛି ଜମିରେ ପମ୍ପ ସାହାଯ୍ୟରେ ପାଣି ଲଗାଇ ଚାଷ କରାଯାଇଛି। ଏଣୁ ଅମଳ ବହୁତ୍ କମ୍ ହୋଇଥିବା ଚାଷୀ ପ୍ରକାଶ କରୁଛନ୍ତି। ପାଖାପାଖି ୬୦/୭୦ ପ୍ରତିଶତ ଜମି ପଡ଼ିଆ ପଡ଼ିଛି। ୩ ଦିନ ଭିତରେ ଯଦି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହି ପଞ୍ଚାୟତକୁ ସହାୟତା ସହ ମରୁଡ଼ି ଘୋଷଣା ନ କରନ୍ତି ଆନ୍ଦୋଳନ ହେବ। ଶ୍ୱେତ ଭାଟି, ଯୁଗ୍ମ ପଧାନ, ଭ୍ରମର ହାତୀ, ଦେଶାନ୍ତର ପଟେଲ, ଚିନ୍ତାମଣି ଭାଟି, ନାରାୟଣ ପଧାନ, ଲାଲୁ ପଧାନ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ।






## ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ନାହାନ୍ତି

# ୩ ମାସ ହେଲା ନାହିଁ ସ୍ଥାୟୀ ୧୦୮ ଆମ୍ବୁଲାନ୍ସ

**ଗୋଲାମୁଣ୍ଡା, ୩୦ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଏକ ଅନୁନ୍ନତ ଅଞ୍ଚଳ ହୋଇଥିବା ବେଳେ ସବୁକ୍ଷେତ୍ରରେ ଅବହେଳିତ ହୋଇଆସୁଛି । ଗୋଲାମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ ବ୍ଲକ ଭାବେ ରାଜ୍ୟରେ ପରିଚିତ ହୋଇଆସୁଛି । ସରକାର ବଦଳୁଛି, ପ୍ରଶାସନିକ ଅଧିକାରୀ ବଦଳୁଛନ୍ତି, ସର୍ବୋପରି ରାଜନେତା ଓ ନିର୍ବାଚିତ ପ୍ରତିନିଧି ମଧ୍ୟ ବଦଳୁଛନ୍ତି ହେଲେ ଗୋଲାମୁଣ୍ଡା ବ୍ଲକର ଭାଗ୍ୟ ବଦଳିପାରୁନାହିଁ ।ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏବେବି ଗରିବ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଖରାପ କହିଲେ ଚଳେ । ଡାକ୍ତରଖାନା ଅଛି ହେଲେ ଡାକ୍ତର ନାହାନ୍ତି । କେବଳ ରେଫର ହିଁ ଏକମାତ୍ର ବିକଳ୍ପ ହେଉଛି । ଗୋଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପୂର୍ବରୁ ଏହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଚାଳିତ ହେଉଥିଲା । ୨୦୨୦-୨୧ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୂପେ ଘୋଷିତ ହେବା ପରେ ନୂତନ ଡାକ୍ତରଖାନା ପାଇଁ ୫ କୋଟି ଟଙ୍କାର ଅଟକଳ ପରିମାଣରେ କୋଠା ନିର୍ମାଣ ମଧ୍ୟ ଶେଷ ହୋଇଯାଇଛି । ଏହି ଡାକ୍ତରଖାନାରେ ୪ ଜଣ ଏମବିବିଏସ, ଜଣେ ଆୟୁର୍ବେଦ ଡାକ୍ତର ଓ ଦୁଇ ଜଣ ଅସ୍ଥାୟୀ ଡାକ୍ତରଙ୍କ ଦ୍ୱାରା ରୋଗୀ ସେବା ଚାଲିଛି । ହେଲେ ଗୋଟିଏ




ବି ବିଶେଷଜ୍ଞ ଡାକ୍ତର ନଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି । ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନ ଥିବାରୁ ଅନେକ ଗରିବ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସବୁ ଥାଇ ବି ବେଶେଷଜ୍ଞ ଡାକ୍ତର ନଥିବାରୁ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଯେତିକି ଡାକ୍ତର ଅଛନ୍ତି ସେଥିମଧ୍ୟରୁ ମଝିରେ ମଝିରେ ଡାକ୍ତରମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେସନରେ ପଠାଯାଉଥିବା ଫଳରେ ରୋଗୀ ସେବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଅନ୍ୟ ପକ୍ଷେ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ ମାସ ହେବ ସ୍ଥାୟୀ ୧୦୮ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ରହୁଛନ୍ତି ଅଞ୍ଚଳବାସୀ । ଜରୁରୀକାଳୀନ ସେବା ପାଇଁ ଚପୁରିଆ ଡାକ୍ତରଖାନା କିମ୍ବା ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଥିବା ଆମ୍ବୁଲାନ୍ସ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଦୀର୍ଘ ୨୦-୨୫ କିଲୋମିଟରରୁ ଆମ୍ବୁଲାନ୍ସ ଆସୁଥିବାରୁ ରୋଗୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଯେହେତୁ ପାଇଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଯେଉଁ ସବୁ ସୁବିଧା ସୁଯୋଗ ମିଳିବା କଥା ସବୁ ନମିଳିଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବାକୁ ପଛଘୁଞ୍ଚା ଦେବୁନାହିଁ ବୋଲି ଜନସଂଗ୍ରାମ ସମିତିର ଆବାହକ ସାଉଲ ମଙ୍ଗରାଜ ଚେତାବନୀ ଦେଇଛନ୍ତି ।

## ସରସ୍ୱତୀ ଶିଶୁମନ୍ଦିରରେ ସପ୍ତ ଶକ୍ତି କାର୍ଯ୍ୟକ୍ରମ

**ହରଭଙ୍ଗା, ୩୦ ।୧୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିନତୀ ବେହେରା ଏଥିରେ ଅଧକ୍ଷତା କରିଥିଲେ । ଦୀପ୍ତିରାଣୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସସ୍ମିତା ସେନାପତି ଯୋଗ ଦେଇଥିଲେ । ଶାନ୍ତିଲତା ମହାକୁଡ଼, ଗୁରୁମା ନିବେଦିତା ନନ୍ଦ, ମନୋରମା ପୁରୋହିତ, ଗୁରୁମା ସୁଶ୍ରୀ ହେମାଙ୍ଗିନୀ ମିଶ୍ର, ପରିଚାଳନା ସମିତିର ସଭାପତି ଡ. ପ୍ରମୋଦ ମହାପାତ୍ର, ସତ୍ୟାନନ୍ଦ ପୁରୋହିତ, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ପ୍ରଧାନ ଆଚାର୍ଯ୍ୟ ଭଗବାନ ମନହିରା ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ଲବ୍ ଘରେ ଅଙ୍ଗନବାଡି କେନ୍ଦ୍ର

**ଡୁଙ୍ଗୁରିପାଲି, ୩୦ ।୧୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଶିବାନନ୍ଦପଡ଼ା ଅଙ୍ଗନବାଡ଼ି କେନ୍ଦ୍ର- ୪ର ନିଜସ୍ୱ ଗୃହ ନାହିଁ । ଗତ ୧୮ ବର୍ଷ ହେଲା କ୍ଲବ୍ ଘରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର । ଆଜି କୌଣସି ସ୍କୁଲ ବାରଣ୍ଡାରେ ତ



କାଲି କେଉଁ କ୍ଲବ୍ ଘରେ ଅନ୍ୟଥା କୌଣସି ଶିଶୁ ଅଭିଭାବକଙ୍କ ଘରେ ଅଙ୍ଗନବାଡ଼ିକେନ୍ଦ୍ର ଚାଲିବା ଦୁର୍ଭାଗ୍ୟଜନକ । ସ୍ଥାନୀୟ ସାମାଜିକ କର୍ମୀ ଯଦୁମଣି କୁଦେଇ, ଅବସରପ୍ରାପ୍ତ ଶିକ୍ଷକ ଲଳିତ ଭୋଇ ଏବଂ ଶିଶୁ ଅଭିଭାବିକା ସୂର୍ଯ୍ୟକାନ୍ତି ସେଠଙ୍କ ସମେତ ଶିବାନନ୍ଦ ପଡ଼ାବାସୀ ଡୁଙ୍ଗୁରିପାଲି ସିଡିପିଓଙ୍କୁ ଏ ବାବଦରେ ବାରମ୍ବାର ଅବଗତ କରି ଆସୁଥିଲେ ହେଁ ମୁଁ ଦେଖୁଛି କହି କେବଳ ଆଶ୍ୱସନା ଦେଇ ଚାଲିଛନ୍ତି । ସମ୍ପ୍ରତି ଏହି କାମଚଳା ଅଙ୍ଗନବାଡ଼ି କେନ୍ଦ୍ର ଶିବାନନ୍ଦପଡ଼ା ମୁଖ୍ୟରାସ୍ତାକୁ ଲାଗି ରହିଛି । ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଯାନବାହନ ଯାତାୟାତ କରୁଥିବା ଶିଶୁଙ୍କ ସକାଶେ ବିପଦସଙ୍କୁଳ ସ୍ଥିତି ସୃଷ୍ଟି କରିଛି । ଏଭଳି ସ୍ଥିତିରେ ଶିଶୁ ଅଭିଭାବକ/ଅଭିଭାବିକା ଅନିଚ୍ଛାସତ୍ତ୍ୱେ ବାଧ୍ୟ ହୋଇ ନିଜର ପିଲାମାନଙ୍କୁ ଏହି କାମଚଳା କେନ୍ଦ୍ରକୁ ପଠାଉଥିବା ପ୍ରକାଶ କରିଛନ୍ତି । ଏପରିକି ସାମାଜିକ କର୍ମୀ ଶ୍ରୀକୁଦେଇଙ୍କ ନେତୃତ୍ୱରେ ଶିବାନନ୍ଦପଡ଼ାବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦୁଇ ଦୁଇ ଥର ଅଭିଯୋଗ ଆଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନି । ଲୋକଙ୍କ ଅଭିଯୋଗକ୍ରମେ ସିଡିପିଓ ମୌସୁମୀ ମୈତ୍ରୀଙ୍କ ସହ ମୋବାଇଲ୍ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରାଯିବା ସତ୍ତ୍ୱେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିବା ସମ୍ଭବପର ହୋଇ ନ ଥିଲା ।ତେବେ ଶିବାନନ୍ଦପଡ଼ାବାସୀ କାହା ନିକଟରେ ଅଭିଯୋଗ ଆଣିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି ।

# ସମ୍ବିଧାନ ମହୋତ୍ସବ ପାଳିତ

**ଭବାନୀପାଟଣା, ୩୦ ।୧୧ (ସମିସ)** ଭବାନୀପାଟଣା ଟାଉନ ହଲରେ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତରଫରୁ ସମ୍ବିଧାନ ମହୋତ୍ସବ ପାଳିତ ହୋଇଯାଇଛି । ପ୍ରଥମେ ଜିଲ୍ଲାପାଳ ଅଫିସ ପରିସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଓବିସି, ଏସଟି, ଏସସି ସମ୍ପ୍ରଦାୟର ଶହ ଶହ ସାଥିମାନେ ସମବେତ ହୋଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରାଲିରେ ଟାଉନହଲ ଠାରେ ପହଞ୍ଚିଥିଲେ । ସେଠାରେ ବହୁଜନ ମହାପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଅର୍ପଣ କରି ସଭା ଆୟୋଜିତ ହୋଇଥିଲା । ରାଜ୍ୟ ସଭାପତି ଲିଙ୍ଗରାଜ ପ୍ରଧାନଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ସଭାରେ ପ୍ରଫେସର ଗୋପବନ୍ଧୁ ମହନ୍ତ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ବିବେକାନନ୍ଦ ମହାନନ୍ଦ, ସଚ୍ଚିଦାନନ୍ଦ ମହାକୁଡ଼, ସତ୍ୟ ଭୋଇ, କମଳିନୀ ଯାଦବ, ପ୍ରକାଶ ମାଝୀ, ବିକ୍ରମ ଛତର, ଦିନେଶ ନାଗ, କନକ ମଞ୍ଜରୀ ମହାନନ୍ଦ, ଦିଗାମ୍ବର ଲୁହା, ଯତୀନ୍ଦ୍ର କର, ଛବିଲାଲ ନିଆଲ, ସୀତାରାମ ମେହେର, କ୍ଷେତ୍ର ସତନାମୀ, ଶ୍ରୀବତ୍ସ ତାଣ୍ଡି, ଲିଙ୍ଗରାଜ ଆଜାଦ, ଏସ. ସୁଜାତା ପ୍ରମୁଖ ଯୋଗ ଦେଇଥିଲେ । ବର୍ତ୍ତମାନ ଶାସକ ବର୍ଗ ସମ୍ବିଧାନକୁ ଅପବ୍ୟବହାର କରି ଏହାର ମୂଳ ଢାଞ୍ଚାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି । ତେଣୁ ସମସ୍ତ ବଞ୍ଚିତ ସମାଜ ମିଳିତ ହୋଇ ଏହାର ସୁରକ୍ଷା କରିବାକୁ ହେବ ବୋଲି ଆଲୋଚନା ହୋଇଥିଲା । ରମଣୀ ଦୁରିଆ ଓ ସୁନୀଲ ନନ୍ଦ ମଞ୍ଚ ପରିଚାଳନା କରିଥିଲେ ।




# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

**ପୁରୁଣାକଟକ, ୩୦ ।୧୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ପୁରୁଣାକଟକ ମିନି ଷ୍ଟାଡିୟମ, ଲୁଣିବାହାଲ ଓ ଭୈରବୀ ଡିଗ୍ରୀ କଲେଜ ଖେଳ ପଡ଼ିଆରେ ହରଭଙ୍ଗା ବ୍ଲକ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସାଦ ପ୍ରତିନିଧି ସୁବାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୫ଦିନ ଧରି ଏହି ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଖେଳ ମହୋତ୍ସବରେ ଭଲିବଲ୍, କ୍ରିକେଟ, ଫୁଟବଲ, ପୁଚି, କବାଡି, ବ୍ୟାଡ୍‌ମିଣ୍ଟନ, ଖୋଖୋ ଆଦି ଖେଳ ହୋଇଥିଲା । ରବିବାର ଉଦ୍‌ଯାପନୀ ଦିବସରରେ ବରିଷ୍ଠ ବିଜେପି ନେତା ସୁଶାନ୍ତ ପ୍ରଧାନ, ହରଭଙ୍ଗା ବିଡ଼ିଓ ବିଜୟ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠି, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଖେଳ ଶିକ୍ଷକ ଉମାଚରଣ ରାଉତ, ଦାଶରଥି ଭୋଇ, ନିରଞ୍ଜନ ସାହୁ, ବିଜୟାନନ୍ଦ ସାହୁ, ଶ୍ୟାମସୁନ୍ଦର ସେଠୀ, ଦୁଃଖୀ ଶ୍ୟାମ ଦେହୁରୀ, ସଞ୍ଜୟ ଭୋକ୍ତା, ସୀତାଂଶୁ ମହାରଣା, କୈଳାସ ବେହେରା, ସମର୍ଜିତ କର୍ମୀ, ସୁଧାଂଶୁ ନାଏକ, ସନ୍ତୋଷ ନାଏକ, ସୁନୀଲ ମହାକୁଡ଼, ଗୋପବନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।



## ବକୁଳ ଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି

**ବୀରମହାରାଜପୁର, ୩୦ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ବାଘପାଲି ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସ ସମାଧି ପୀଠରେ ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଏଥିରେ ଅଧକ୍ଷତା କରିଥିଲେ । ଟ୍ରଷ୍ଟ ସମ୍ପାଦକ ମକୁନ୍ଦ ଧରୁଆ ବିବରଣୀ ପଠନ କରିଥିଲେ । ଡିସେମ୍ବର ୧୩ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୧୫ ତାରିଖ ଦିନ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସଙ୍କ ତିରୋଧାନ ଦିବସ ପାଳନ କରାଯିବ । ୧୯ ତାରିଖରୁ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହେବ । ୨୦ ତାରିଖ ଦିନ ପୂର୍ଣ୍ଣାହୁତି ହେବ ବୋଲି ସ୍ଥିର କରାଯାଇଛି । ଶେଷରେ ସମାରୁ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ତର ପାତ୍ର, ନରସିଂହ ପଧାନ, ପଦ୍ମନ ପଣ୍ଡା, ନଳିନୀକାନ୍ତ ବାଘ, ଜୟଲାଲ ସେଠି, ଫଗୁନୁ ପଧାନ, କୃପାସିନ୍ଧୁ ଥାଟି, ଯେହେରୁ ପଧାନ, ଫକୀର ପୁରୋହିତ, ଅବିକ୍ଷେକ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।






## ବେଲପାହାଡ଼ ପୌର ପରିଷଦ
# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ଝାରସୁଗୁଡା, ୩୦।୧୧(ସମିସ): ବେଲପାହାଡ଼ ପୌର ପରିଷଦରେ ପ୍ରାୟ ୧୦ କୋଟିର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ଏମଏଲଏ ଫଣ୍ଡ, ନଗର ଉନ୍ନୟନ ବିଭାଗ ଆଦି ପାଣ୍ଠିରୁ ଆସିଥିବା ଟଙ୍କାରେ ବେଲପାହାଡର ଉନ୍ନତି ଏବଂ ପ୍ରଗତି ପାଇଁ ଡ୍ରେନ, ରାସ୍ତାଘାଟ, ଗାଧୋଇବା ପାହାଚ ପରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଆହୁରୀ ୫ କୋଟି ଟଙ୍କା ବ୍ରଜରାଜନଗର ଏବଂ ବେଲପାହାଡ଼ ପୌରପରିଷଦକୁ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ସହ କଥା ହୋଇଥିବା ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଆଜିର ଏହି ଉଦ୍‌ଘାଟନ ଏବଂ ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ବେଲପାହାଡ ନଗରପାଳ, ଉପନଗରପାଳ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ, କାଉନସିଲର ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



## ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି
# ଆଜିଠୁ ଯୁବ ଏକତା ମଞ୍ଚ ପକ୍ଷରୁ ଧାରଣା

ଦେବଗଡ଼, ୩୦।୧୧(ସମିସ)

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପର ଠାରୁ ଜିଲ୍ଲାରେ ଦେଖା ଦେଇଥିବା ଜନଅସନ୍ତୋଷ ଦିନକୁ ଦିନ ତେଜିବାରେ ଲାଗିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆଁବାଲିରୋଇ କୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ପରିପେକ୍ଷୀରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଗତ କିଛି ମାସ ଠାରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟସରକାରପର୍ଯ୍ୟନ୍ତ ଦାବିହୋଇଆସୁଛି। ମାତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଜିଲ୍ଲାବାସୀଙ୍କ ଦାବିକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଥିବାରୁ ଜନ ଅସନ୍ତୋଷ ଦିନକୁ ଦିନ ଜନ ଆନ୍ଦୋଳନର ରୂପ ନେବାକୁ ବସିଛି। ଗତ କିଛି ମାସ ପୂର୍ବରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବି ନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନ ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାସ ମଧ୍ୟରେ ଏହାର ସମାଧାନ ପାଇଁ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ସ୍ଥଗିତ ରଖିବାରେ ସଫଳ ହୋଇଥିଲେ ମଧ୍ୟ ବାସ୍ତବିକ ଏହା କାର୍ଯ୍ୟକାରୀ ନ ହେବାରୁ ମଞ୍ଚ ପୁନର୍ବାର ଜୋରଦାର ଆନ୍ଦୋଳନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ ରବିବାର ସନ୍ଧ୍ୟାରେରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ପୌରପରିଷଦ କାଉଁନସିଲର ଧର୍ମେନ୍ଦ୍ର କୁମାର ଦେବତାଙ୍କ ନେତୃତ୍ୱରେ ପୁରୁଣା ମୁଖ୍ୟ ଚିକିତ୍ସାଳୟ କୋଠାରେ ମଞ୍ଚର ବହୁ ସଦସ୍ୟ ଏକତ୍ରିତ ହୋଇ ଆସନ୍ତାକାଲି ଠାରୁ ଏକ ସପ୍ତାହ ପର୍ଯ୍ୟନ୍ତ ରିଲେ ଧାରଣା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଏକ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ମଞ୍ଚର ଦାବି ପୂରଣ ନ କଲେ ଏକତା ମଞ୍ଚ ପକ୍ଷରୁ ଚରମ ପଦକ୍ଷେପ ନିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ରିଲେ ଗଣଧାରଣାରେ ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଓ ଜନ ସାଧାରଣ ଉପସ୍ଥିତ ରହିବାକୁ ମଞ୍ଚ ପକ୍ଷରୁ ଆହ୍ୱାନ କରାଯାଇଛି।

# କୋଲାବୀରା ବ୍ଲକ୍‌ରେ ହାତୀ ଉପଦ୍ରବ

ଝାରସୁଗୁଡା, ୩୦।୧୧(ସମିସ): ଝାରସୁଗୁଡା ଜିଲ୍ଲା କୋଲାବୀରା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ରଘୁନାଥପାଲି ଗ୍ରାମପଞ୍ଚାୟତର କୁଲୁପାଲି ଗ୍ରାମରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଗ୍ରାମର ସାହୁ ବଗିଚାରେ ଶନିବାର ମଧ୍ୟରାତ୍ରରେ ଏକ ବଣୁଆ ଦନ୍ତା ହାତୀ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି କରିଥିବା ଦେଖିବାକୁ ମିଳିଛି। ହାତୀଟି ମୁଖ୍ୟତଃ ୧୫ରୁ ଉର୍ଦ୍ଧ୍ୱ ନଡ଼ିଆ ଗଛକୁ ଉପାଡ଼ି ଖାଇଦେବା ସହ ବିଭିନ୍ନ ଫସଲ ନଷ୍ଟ କରିଦେଇଥିବାନେଇ ଅଭିଯୋଗ ହୋଇଛି। ସାହୁ ବଗିଚା ମାଲିକ ସୁରେନ୍ଦ୍ର ସାହୁ ଦୀର୍ଘ ୮ ବର୍ଷ ହେଲା ନିଜ ବଗିଚାରେ ୫୦ରୁ ଉର୍ଦ୍ଧ୍ୱ ନଡ଼ିଆ ଗଛ ଲଗାଇ ତାର ସେବା ଯତ୍ନ ନେଉଥିଲେ। ଏହାସହ ହାତୀଟି ବଗିଚାରେ ଅନେକ ଚାଷରେ ମାଡ଼ି ଦଳି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ହାତୀଟି କୁଲୁପାଲି ଦେଇ ଭେଡେନ ନଦୀ ପାରି ହୋଇ ବେଉଁରା ଜଙ୍ଗଲ ଭିତରକୁ ଚାଲିଯାଇଥିବା ଜଣାପଡ଼ିଛି।

# ସ୍ୱାଧୀନତା ସଂଗ୍ରାମୀ ବିହାରୀରାମ ତନ୍ତୀଙ୍କ ସ୍ମୃତିଚାରଣ

ଝାରସୁଗୁଡା/କିର୍ମିରା/ଲଇକେରା/କୋଲାବିରା/ସାହାସପୁର, ୩୦।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ସାହାସପୁର ପଞ୍ଚାୟତ ହାତିଆନଳାଠାରେ ଝାରସୁଗୁଡା ମଙ୍ଗଳବଜାରସ୍ଥିତ ମୁଙ୍ଗାପଡ଼ାର ସ୍ୱାଧିନତା ସଂଗ୍ରାମୀ ବିହାରୀରାମ ତନ୍ତିଙ୍କ ସ୍ମୃତିଚାରଣ ସଭା ଝାରସୁଗୁଡା ପୂର୍ବତନ କାଉନସିଲର ତଥା ରେଳ ଉପଭୋକ୍ତା କମିଟି ସଦସ୍ୟ ଲଳିତ ମଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମ ରାଓ ଆମ୍ବେଦକର ଓ ବୀର ସଂଗ୍ରାମୀ ବିହାରୀରାମ ତନ୍ତିଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ମୋତିଲାଲ ତନ୍ତି, ସନ୍ତୋଷ ବାଗ, ଚନ୍ଦନ ନିଖଣ୍ଡିଆ, ଭୋପାଳ ଜୟପୁରିଆ, ବିରେନ୍ଦ୍ର ତଣ୍ଡିଆ, ଯଦୁମଣି ଗର୍ଡ଼ିଆ, ତରଣୀ ପୋଢ, ତିଲୋତମା ତଣ୍ଡିଆ, ସୁରୁ ଦିହିରିଆ ପ୍ରମୁଖଙ୍କ ସହ କୋଲାବିରା, କିର୍ମିରା, ଲଇକେରା ତଥା ସାହାସପୁର ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଆବାଳବୃଦ୍ଧ ବନିତା, ଯୁବଗୋଷ୍ଠୀ ଉପସ୍ଥିତ ରହିଥିଲେ। ସଭାରେ ଉପସ୍ଥିତ ଥିବା ସମସ୍ତ ସମାଜପ୍ରେମୀ ସମାଜର ଉତଥାନ ଓ ଶିକ୍ଷା ଆହରଣକୁ ଗୁରୁତ୍ୱ ଦେବା ସହ ସମାଜ ପ୍ରତି କିଛି ଅନୁଦାନ, ଅବଦାନ ଓ ମାନ ସ୍ୱଇଛାରେ ସମର୍ପଣ କରିବାକୁ ମତବ୍ୟକ୍ତ କରିଥିଲେ। ଅଞ୍ଚଳର ସଂଗ୍ରାମୀ ତାଳପଟିଆ ଗ୍ରାମର ବୁଦ୍ଧଦେବ ତନ୍ତୀ, ପଞ୍ଚପଡ଼ାର ସୁଖା ତନ୍ତୀ, ସିଆଳରମାର ବାଳାନନ୍ଦ ପରେଖ, ମସତ ତାଜନ, ଅଇବନ ବଖରା ପରି ଅନେକ ମହାପୁରୁଷଙ୍କ ସହ ସମୁଦାୟ ୨୬ ଜଣଙ୍କୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାହାସପୁର ସରପଞ୍ଚ ସୁକାନ୍ତି ଜୟପୁରିଆ ପରିଚାଳନା କରିଥିଲେ। ଏହି ଅବସରରେ ସାହାସପୁର ପଞ୍ଚାୟତସ୍ଥିତ ହାତିଆନଳାର ଶାନ୍ତି ବାତାବରଣ, ସୁନ୍ଦର ପରିବେଶ, ଜଳମୟ, ପାହାଡ ପର୍ବତ ଘେରା, ମନ୍ଦିରମାଳିନୀ ମା' ଅନ୍ଧାରୀ ଦେବୀଙ୍କ ପୃଷ୍ଠଭୂମିକୁ ପର୍ଯ୍ୟଟନସ୍ଥଳୀ ରୂପେ ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ଗୋଚରାର୍ଥେ ଦାବି ଉପସ୍ଥାପନ କରାଯାଇଥିଲା।



# ଗୋକର୍ଣ୍ଣେଶ୍ୱର ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଚୟନ

ଦେବଗଡ଼, ୩୦।୧୧(ସମିସ): ଦେବଗଡ଼ ସହରର କେନ୍ଦ୍ରସ୍ଥଳରେ ଥିବା ପ୍ରସିଦ୍ଧ ବାବା ଶ୍ରୀଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହେବାସହ କମିଟୀର ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ଅନିଲ କୁମାର ପାଣିଙ୍କ ଆବାହକତ୍ୱ ଏବଂ ସୁବାସ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ସବିଶେଷ ଆଲୋଚନା କରାଯିବା ସହ ଇତିମଧ୍ୟରେ ଅନୁଷ୍ଠିତ ଧବଳେଶ୍ୱର ଓଷା ଅବସରରେ ହୋଇଥିବା ଆୟବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ଏଥିସହ ମନ୍ଦିର ପରିଚାଳନା କମିଟୀର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।ସଭାପତି ଭାବେ ଡାକ୍ତର ଧିରେନ କୁମାର ଦାଶ, ସମ୍ପାଦକ ଭାବେ ଅନିଲ କୁମାର ପାଣି, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ଦ୍ୱିବେଦୀ, ବରିଷ୍ଠ ଉପଦେଷ୍ଟା ଭାବେ ସୁରେଶ ଚନ୍ଦ୍ର ଦାଶ ଓ ଡିଲେଶ୍ୱର ନନ୍ଦ ଓ ଆଇନ ଉପଦେଷ୍ଟା ଭାବେ ଅଭିଳାଶ ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟନିର୍ବାହୀ କମିଟୀର ସଦସ୍ୟ ଭାବେ ରାଜକିଶୋର ଦ୍ୱିବେଦୀ, ସୁଦାମ ଚରଣ ଦ୍ୱିବେଦୀ, ମନୋଜ ଶତପଥି, ଭେବେଶ ପପଟ, ସନ୍ତୋଷ ଗୁପ୍ତା, ସନ୍ତୋଷ ପାଣିଗ୍ରାହୀ, ତାପସ ଦ୍ୱିବେଦୀ, ଲକ୍ଷ୍ମଣ ମିଶ୍ର, ଶିଶିର କୁମାର ଦାଶ ଓ ସ୍ୱାଗତ ନନ୍ଦଙ୍କୁ ମନୋନୀତ କରାଯାଇଛି।

## ● ମହାନଦୀ କୋଇଲା ଖଣି ଇଣ୍ଟର ଏରିଆ ଟି-୨୦କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ହିଙ୍ଗୁଳା ଏରିଆ ଦଳ ଚାମ୍ପିଅନ

ଝାରସୁଗୁଡା, ୩୦।୧୧(ସମିସ): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ମହାନଦୀ କୋଇଲା ଖଣି ଓରିଏଣ୍ଟ ଏରିଆ ପକ୍ଷରୁ ବିର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଚାଲିଥିବା ମହାନଦୀ କୋଇଲା ଖଣି ଇଣ୍ଟର ଏରିଆ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଟୁର୍ଣ୍ଣାମେଣ୍ଟର ଆୟୋଜିତ ଫାଇନାଲ ଖେଳ ଅତ୍ୟନ୍ତ ରୋମାଞ୍ଚକ ହୋଇଥିଲା। ଫାଇନାଲ ମ୍ୟାଚ୍‌ର ହିଙ୍ଗୁଳା ଏରିଆ ଦଳ ଓ ଭୁବନେଶ୍ୱରୀ ଏରିଆ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ହିଙ୍ଗୁଳା ଏରିଆ ଦଳ ବିଜୟୀ ହୋଇଥିଲା। ଆୟୋଜିତ ଫାଇନାଲ ଖେଳରେ ଭୁବନେଶ୍ୱରି ଏରିଆ ଦଳ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୯ ୱିକେଟ ବିନିମୟରେ ୧୩୫ ରନର ଲକ୍ଷ ଦେଇଥିଲେ।ଜବାବରେ ହିଙ୍ଗୁଳା ଏରିଆ ଦଳ ୧୯ ଓଭରରେ ୬ ୱିକେଟ ବିନିମୟରେ ୧୩୮ ରନ ହାସଲ କରି ଏବର୍ଷର ଚାମ୍ପିଅନ ହୋଇଥିଲା। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଭବାନୀ ଦାସଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଏମ୍‌ସିଏଲ ମୁଖ୍ୟ କାର୍ଯ୍ୟାଳୟର ଜିଏମ ୱେଲଫେୟାର ଜଗବନ୍ଧୁ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ବିଭିନ୍ନ ଶ୍ରମିକ ସଙ୍ଘଠନର ନେତା ଏବଂ ଓରିଏଣ୍ଟ ଏରିୟା ଜିଏମ ମାଇନିଂ କମଳା ବର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଜେତା ହିଙ୍ଗୁଳା ଏରିଆ ଦଳ ଓ ଉପବିଜେତା ଭୁବନେଶ୍ୱରି ଏରିଆ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏମ୍‌ଏଲର ୧୪ ଟି ଦଳଙ୍କ ମାଧରେ ଗତ ୨୦ ତାରିଖରୁ ରବିବାର ୩୦ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିବା ବେଳେ ଓରିଏଣ୍ଟ ଏରିୟା ଦ୍ୱାରା ଏହାକୁ ଆୟୋଜନ କରାଯାଇଥିଲା ଏବଂ ସଫଳତାର ସହିତ ଉଦ୍‌ଯାପିତ ହୋଇଯାଇଛି।




## ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ
# ପେନାଲ୍ଟିରେ ମୟୂରଭଞ୍ଜ ପରାସ୍ତ; ବଲାଙ୍ଗିର ଚାମ୍ପିଅନ

ବଲାଙ୍ଗୀର, ୩୦।୧୧(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ବର୍ଗ ଫୁଟବଲ ମ୍ୟାଚର ଫାଇନାଲ ମ୍ୟାଚ ଶେଷ ହୋଇଛି। ମିଶନ ପଡ଼ିଆରେ ହୋଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଢେଙ୍କାନାଳ ଦଳକୁ ମୟୂରଭଞ୍ଜ ଦଳ ୨-୦ରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ଆର.ଏନ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହୋଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବଲାଙ୍ଗୀର ଦଳ କେନ୍ଦୁଝର ଦଳକୁ ୩-୨ରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ସେମିଫାଇନାଲ ମ୍ୟାଚର ଉଭୟ ବିଜେତା ଦଳ ବଲାଙ୍ଗୀର ଓ ମୟୂରଭଞ୍ଜ ମଧ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରୁ ହିଁ ଆକ୍ରମଣାତ୍ମକ ଖେଳ ଦେଖାଇଥିଲା। ବଲାଙ୍ଗୀର ଓ ମୟୂରଭଞ୍ଜ ଦଳ ତୀବ୍ର ଆକ୍ରମଣ ସହ ଖେଳକୁ ନିଜ ନିଜ ନିୟନ୍ତ୍ରଣରେ ରଖିଥିଲେ। ଉଭୟ ପକ୍ଷର ସମାନ ସଂଘର୍ଷ ଫଳରେ ଖେଳ ନିର୍ଦ୍ଦିଷ୍ଟ ସମୟରେ ୦-୦ରେ ସମାପ୍ତ ହୋଇଥିଲା। ମ୍ୟାଚର ଫଳାଫଳ ନିର୍ଣ୍ଣୟ ପାଇଁ ଟାଇବ୍ରେକର କରାଯାଇଥିଲା। ଦୁଇ ଦଳ ତୀବ୍ର ଚାପରେ ଥିବା ସମୟରେ ଦକ୍ଷତା ଓ ସ୍ଥିରତା ଦେଖାଇ ବଲାଙ୍ଗୀର ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଟାଇବ୍ରେକରର ରୋମାଞ୍ଚକର ମୁହୂର୍ତ୍ତରେ ପେନାଲ୍ଟିରେ ବଲାଙ୍ଗୀର ଦଳ ମୟୂରଭଞ୍ଜ ଦଳକୁ ୩-୨ଗୋଲରେ ପରାସ୍ତ କରି ଚଳିତ ବର୍ଷର ରାଜ୍ୟ ବିଦ୍ୟାଳୟ ସମୂହ ୧୭ବର୍ଷରୁ କମ୍ ବାଳକ ବର୍ଗର ଫୁଟବଲ ଚାମ୍ପିଅନସିପ ହାସଲ କରିଛି।

ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ନିମନ୍ତ୍ରିତ ଅତିଥି ରୂପେ ବଲାଙ୍ଗୀର ପୌରସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଝାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ପ୍ରବୀର ପଣ୍ଡା ଓ ରୀନା କୁମାରୀ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ପ୍ରମୁଖ ଯୋଗଦେଇ ବଲାଙ୍ଗୀର ଦଳକୁ ବିଜେତା ଟ୍ରଫି ପ୍ରଦାନ କରିବା ସହ ମୟୂରଭଞ୍ଜ ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ହେମନ୍ତ ପ୍ରଧାନ ସଂଯୋଜନା କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଧନ୍ୟବାଦ ଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ରାଉତ ଯୋଗ ଦେଇଥିଲେ। ଜିଲ୍ଲାର ୧୪ଟି ବ୍ଲକର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ, ରାଜ୍ୟସ୍ତରୀୟ ଅଫିସିଆଲ, ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ କ୍ରୀଡା ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।






DADLS-67




**ସଶକ୍ତ ନାରୀ, ବିକଶିତ ଓଡ଼ିଶା**
- 'ସୁଭଦ୍ରା'ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- 'ଲକ୍ଷପତି ଦିଦି' ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'

**ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି**
- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା 'ଜାତୀୟ ଶିକ୍ଷା ନୀତି, ୨୦୨୦'
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'
- 'ମଧ୍ୟାହ୍ନ ଭୋଜନ'ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- 'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯' ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

**ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା**
- 'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

**ନିଯୁକ୍ତିରେ ନୂଆ ସମ୍ଭାବନା**
- ସରକାରୀ ନିଯୁକ୍ତି ଅଭିଯାନ : ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

**ଉନ୍ନତ କୃଷି ଓ ସମର୍ଥ ଚାଷୀ**
- ସମୃଦ୍ଧ କୃଷକ ଯୋଜନା: ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- ପିଏମ୍ - କିଷାନ୍: ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- ଶୀତଳ ଭଣ୍ଡାର ନୀତି: ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ 'ବଲାଙ୍ଗିର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ'ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

**ବିକଶିତ ସହର, ସମୃଦ୍ଧ ଓଡ଼ିଶା**
- ପିଏମ୍ ଇ-ବସ୍ ସେବା: ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ: ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- ନ୍ୟୁ ସିଟି, ଭୁବନେଶ୍ୱର : ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

**ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ**
- ସେତୁ ବନ୍ଧନ ଯୋଜନା : ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- ସେତୁ ତଥା ଆଡ଼ିବନ୍ଧ : ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- ପ୍ରଧାନମନ୍ତ୍ରୀ ଜନମନ : ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- ବିକଶିତ ଗାଁ ବିକଶିତ ଓଡ଼ିଶା : ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- ପିଏମ୍‌ଏୱାଇ(ଜି) : ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- ଅନ୍ତ୍ୟୋଦୟ ଗୃହ ଯୋଜନା : ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- ଘରୋଇ ଟ୍ୟାପ୍ ସଂଯୋଗ : ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

**ଅଗ୍ରଗତି ପଥେ ଆମ ଜନଜାତି**
- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ 'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'
- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍‌ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖରିଆ ପିଭିଟିଜିକୁ 'ବାସସ୍ଥାନ ଅଧିକାର ପ୍ରଦାନ'
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

**ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା**
- ସାମାଜିକ ସୁରକ୍ଷା ଭତ୍ତା : ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି : ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି : ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

**ଶିଳ୍ପାୟନର ନୂତନ ଧାରା**
- ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫' ସମ୍ମେଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

**୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ**
- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର୍-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- 'ଆମେ ପଢିବା ଆମ ଭାଷାରେ' ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- 'ଆମ ଶିମିଳିପାଳ ଯୋଜନା' ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା 'ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ' ଆରମ୍ଭ

VISION DOCUMENT 2036 | 2047




ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/13/1261/2526

ଖରିଫ୍ ଧାନକିଣା ୨୦୨୫-୨୬

# ଆଜି ୧୧ଟା ସୁଦ୍ଧା ଧାନକିଣା ସ୍ୱାଭାବିକ କରିବାକୁ ଚେତାବନୀ

**ସମ୍ବଲପୁର, ୩୦।୧୧(ସମିସ)**

ହରଡ଼ଘଣାରେ ପଡ଼ିଛି ଚାଷୀ। କେବେ ଧାନ କିଣା ହେବ ଜଣାନାହିଁ। ଡିଏଲ୍‌ପିସି ବୈଠକରେ ୨୮ ତାରିଖ ଧାର୍ଯ୍ୟ ହେଲା, ମଣ୍ଡିକୁ ଧାନନେଇ ଗଲା ଚାଷୀ। ପାଞ୍ଚ ଘଣ୍ଟା ପ୍ରଶାସନ-ମିଲର-ଚାଷୀଙ୍କ ମଧ୍ୟରେ ଆଲୋଚନା ପରେ ବି କିଛି ନିଷ୍କର୍ଷ ବାହାରିଲାନି। ୨୯ରେ ପୂଜାର୍ଚ୍ଚନା କରି ପ୍ରଶାସନ ପକ୍ଷରୁ ମିଲ୍‌କୁ ଧାନ ଗଲା, ଗାଡ଼ି ଦିନତମାମ ମିଲ୍ ବାହାରେ ପଡ଼ିରହିଲା। ପ୍ରଶାସନିକ ଚାପ ପରେ ମିଲ୍ ଭିତରକୁ ଧାନଗାଡ଼ି ଗଲା। ମିଲର୍ ଓଜନ କରି ସ୍ଲିପ ଦେଲା, କିନ୍ତୁ ମିଲର୍ ଏଗ୍ରିମେଣ୍ଟ କରିନଥିବାରୁ ଚାଷୀକୁ ମିଳିବନି ଟଙ୍କା। ପୁଣି ମିଲର୍ ୭ ଦଫା ଦାବିନେଇ ଅଡ଼ି ବସିଛି। ଦାବିପୂରଣ ନହେଲେ କରିବନି ଏଗ୍ରିମେଣ୍ଟ, ନେବନି ଧାନ। ସୁନାର ଫସଲ ଫଳାଇବା ପାଇଁ ବର୍ଷସାରା କଠିନ ପରିଶ୍ରମ ପରେ ଏବେ ତାହାକୁ ବିକ୍ରୟ କରିବାକୁ ସଂଗ୍ରାମ କରୁଛି ଚାଷୀ। ଆସନ୍ତାକାଲି ସୋମବାର ୧୧ଟା ସୁଦ୍ଧା ମିଲର୍ ଏଗ୍ରିମେଣ୍ଟ ଓ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସହ ଧାନକିଣା ସ୍ୱାଭାବିକ ନହେଲେ ଅର୍ଥନୈତିକ ଅବରୋଧ କରିବ ଚାଷୀ। ଅନ୍ୟପକ୍ଷରେ ଖରିଫ ଧାନ ଅମଳ ପ୍ରାୟତଃ ସରିବାକୁ ଥିବାବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହେଉଛି।

ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକରେ ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ତାରିଖ ଧାର୍ଯ୍ୟ ହେଲା। ସେହିଦିନ ବରେଇପାଲି ମାର୍କେଟ୍ ୟାର୍ଡକୁ ଚାଷୀ ଶହ ଶହ କ୍ୱିଣ୍ଟାଲ ଧାନ ନେଇଗଲା। ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟିଠାରେ ସକାଳ ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର ମାନଙ୍କ ମଧ୍ୟରେ ଆଲୋଚନା ହେଲା। କିନ୍ତୁ କିଛି ନିଷ୍କର୍ଷ ବାହାରିଲାନି। ମିଲର୍ ୭ ଦଫା ଦାବି ପୂରଣ ନହେଲେ ଧାନ ନେବନି ବୋଲି ନଛୋଡ଼ବନ୍ଧା ଥିବାବେଳେ ଚାଷୀମାନେ ଧାନ ଫେରାଇ ନେବେନି ବୋଲି ଜିଦ୍ ଧରିଲେ। ଏପରିକି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି କହିଲେ। ଚାଷୀକୁ ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅପରାହ୍ଣରେ ସଦର ଉପଜିଲ୍ଲାପାଳ ଆସି ଶନିବାର ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଲେ। ଶନିବାର ସକାଳେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହ ଉପନିବନ୍ଧକ ପହଞ୍ଚି ଚାଷୀ ମାନଙ୍କ ସହ ଆଲୋଚନା କଲେ। ମଧ୍ୟାହ୍ନ ପ୍ରାୟ ୧୨ଟାବେଳେ ପୂଜାର୍ଚ୍ଚନା ପରେ ପ୍ରଶାସନ ପକ୍ଷରୁ ବରେଇପାଲି ମାର୍କେଟ୍‌ୟାର୍ଡରୁ ଧାନ ଓଜନ କରାଯାଇ ୫ଟି ମିଲ୍‌କୁ ଧାନ ପଠାଗଲା। ତେବେ, ସନ୍ଧ୍ୟା ପର୍ଯ୍ୟନ୍ତ ମିଲ୍ ଗୁଡ଼ିକର ଫାଟକ ଖୋଲାଗଲା ନାହିଁ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଲା। ଧାରଣାରେ ବସିଲେ ଚାଷୀ। ଏହାପରେ ପ୍ରଶାସନିକ ଚାପରେ ମିଲ୍‌ର ଫାଟକ ଖୋଲି ଭିତରକୁ ଗଲା ଧାନଗାଡ଼ି। ଧାନକୁ ଓଜନ କରି ସ୍ଲିପ ଦେଲା ମିଲର୍। କିନ୍ତୁ ସ୍ଲିପ୍‌ର ମୂଲ୍ୟ ନାହିଁ, ମିଲ୍ ଓ ସୋସାଇଟି ଏଗ୍ରିମେଣ୍ଟ କରାହୋଇନି, ଏଥିରେ କେବଳ ଧାନର ଓଜନ ରହିଛି। ଏହି ଧାନ ପାଇଁ ଚାଷୀକୁ ତାର ପ୍ରାପ୍ୟ ମିଳିବ ନାହିଁ। ଅନ୍ୟପକ୍ଷରେ ଧାନ ନେବାକୁ ଅମଙ୍ଗ ମିଲର୍। ଖରିଫ୍ ଧାନକିଣା ପାଇଁ ମିଲର୍ ମାନଙ୍କ ସହ ଏଗ୍ରିମେଣ୍ଟ ହୋଇନି, ସେମାନେ ସିକ୍ୟୁରିଟି ଡିପୋଜିଟ୍ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇନାହାନ୍ତି, ଧାନ ନେବେ ବୋଲି ସ୍ୱୀକାରୋକ୍ତି ମଧ୍ୟ ଦେଇନାହାନ୍ତି। ଗତକାଲି ସନ୍ଧ୍ୟାରେ ପ୍ରଶାସନିକ ଚାପରେ ମିଲ୍‌ରେ ଧାନ ଅନ୍‌ଲୋଡ୍ କରାଯାଇଛି। ତେବେ, ମିଲ ମାଲିକ ସଂଘ ପକ୍ଷରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସୋମବାରଠାରୁ ଧାନ ନେବେନି ବୋଲି ରୋକ୍‌ଠୋକ୍ ଭାବେ ମନା କରିଛନ୍ତି।

ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ଚାଷୀ ଖରିଫ ଧାନ ଅମଳ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସୂଚନାଯୋଗ୍ୟ ଯେ, ଚାଷୀମାନେ ଏପ୍ରିଲରେ ପଞ୍ଜୀକରଣ ସମୟରେ ନଭେମ୍ବର ୧ ତାରିଖରୁ ଧାନ ବିକ୍ରୟ କରିବେ ବୋଲି ଉଲ୍ଲେଖ କରିଥିଲେ। ଡିଏଲ୍‌ପିସି ବୈଠକରେ ଚାଷୀ ବିଳମ୍ବ ହେଲାଣି ଏଣୁ ୨୦ରେ ଧାନ କ୍ରୟ ଆରମ୍ଭ କରିବାକୁ ଦାବି କରିଥିଲା। କିନ୍ତୁ ତାହାକୁ ପ୍ରଶାସନିକସ୍ତରରେ ୨୮ କରାଗଲା। ଧାନ କିଣାବିକାରେ ଅଚଳାବସ୍ଥା ଦେଖା ଦେଇଥିବାବେଳେ ଚାଷୀ ଅମଳ ହୋଇଥିବା ଧାନକୁ ଗଚ୍ଛିତ କରିନପାରି କମ ଦରରେ ବିକ୍ରୟ କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି।






## ମିଲ୍‌ରେ ଅନ୍‌ଲୋଡ୍ କେବଳ ମନ ବୁଝାଇବ

## ଧାନକିଣାକୁ ନେଇ ଅନିଶ୍ଚିତତା

## ଦାବି ପୂରଣ ନ ହେଲେ ଧାନ ନେବନି ମିଲର୍

ପ୍ରଶାସନ ପକ୍ଷରୁ ଚାପ ଦେବାପରେ ଶନିବାର ରାତିରେ ମିଲ୍‌ରେ ଧାନ ଅନ୍‌ଲୋଡ୍ ହୋଇଛି। କିନ୍ତୁ ଏହା ଧାନକିଣା ନୁହେଁ, ଚାଷୀକୁ ପ୍ରାପ୍ୟ ମିଳିବ ନାହିଁ। ପୁଣି ମିଲର୍ ମାନେ ଘୋଷଣା କରିଛନ୍ତି ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେମାନେ ଧାନ ନେବେନାହିଁ। ଏଣୁ ଚାଷୀ ଆଉ ମଣ୍ଡିକୁ ଧାନ ନେଇ ଯିବନାହିଁ। ସାରା ଜିଲ୍ଲାରେ ଅମଳ ସରିଥିବା ଯୋଗୁଁ କମ୍ ଦରରେ ବିକ୍ରୟ ଆରମ୍ଭ ହୋଇଗଲାଣି। ଯଦି ସୋମବାର ୧୧ଟା ସୁଦ୍ଧା ମିଲର୍ ଏଗ୍ରିମେଣ୍ଟ ଆଦି କରି ସମସ୍ୟାର ସମାଧାନ କରାନଯାଏ ତେବେ ଚାଷୀ ରାସ୍ତାରୋକ କରିବାକୁ ବାଧ ହେବ ବୋଲି ସଭାପତି ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି।

**ବ୍ୟୋମକେଶ ଠାକୁର, ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି**

ମିଲ୍‌ରେ ଯେଉଁ ଧାନ ଶନିବାର ସନ୍ଧ୍ୟଶରେ ଅନ୍‌ଲୋଡ୍ କରାଯାଇଛି, ସେଥିରେ ଧାନର କେବଳ ଓଜନ ଅଛି। ସ୍ଲିପର କୌଣସି ମୂଲ୍ୟ ନାହିଁ, ମିଲ ଓ ସୋସାଇଟି ଯେଉଁ ଏଗ୍ରିମେଣ୍ଟ କରିବା କଥା ତାହା କରାହୋଇନି। କେବଳ ଚାଷୀ ଜାଣିବ ଏତିକି କ୍ୱିଣ୍ଟାଲ ଧାନ ମିଲ୍‌କୁ ଯାଇଥିଲା। ସରକାରୀ ଭାବେ ଧାନ କିଣା ଯାଇନାହିଁ, ମନ ବୁଝାଇବା ପାଇଁ କରାଯାଇଛି। ବ୍ୟବସ୍ଥିତ ଭାବେ ସୋମବାର ୧୧ଟା ପର୍ଯ୍ୟନ୍ତ ଧାନ କିଣାବିକା ନହେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବ। ସିନ୍ଦୂରପଙ୍କ ଓ ଅନ୍ୟ ସ୍ଥାନ ମାନଙ୍କରେ ରାସ୍ତାରୋକ କରି ଅର୍ଥନୈତିକ ଅବରୋଧ କରାଯିବ।

**ଦେବେନ୍ଦ୍ର ପ୍ରଧାନ, ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସମ୍ପାଦକ**

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ରେଢ଼ାଖୋଲ, ୩୦।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କୁକୁଡ଼ାବାହାଲି ପଞ୍ଚାୟତ ବଡକଷିବାହାଲ ଗ୍ରାମର ଜଣେ ଯୁବକ ଜୟରାମ ପ୍ରଧାନ(୩୦) ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ ଅନ୍ତର୍ଗତ ବ୍‌ଇଜା ଗ୍ରାମ ନିକଟରେ ଥିବା ପୋଖରୀ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ସୂଚନା ଯୋଗ୍ୟ ଯେ ମୃତକ ଜୟରାମ ବ୍‌ଇଜା ଗ୍ରାମକୁ ତାଙ୍କ ମାମୁଁ ଘରକୁ ମାଇଁଙ୍କ ଅନ୍ତେଷ୍ଟି କ୍ରିୟାକୁ ଯାଇଥିଲେ। ସେଠାରେ ରବିବାର ଦିନ ଗ୍ରାମର ନିକଟରେ ଥିବା ଏକ ପଖୋରୀକୁ ପଦ୍ମଫୁଲ ତୋଳିବା ପାଇଁ ଯାଇଥିଲେ। ହେଲେ ଅସାବଧାନତା ଯୋଗୁଁ ପଙ୍କ ଭିତରେ ପଶି ଯାଇ ପାଣିରେ ବୁଡି ଯାଇଥିଲେ। ବିଳମ୍ବିତ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଯାଇ ଖୋଜି ଖୋଜି ପରେ ପୋଖରୀରୁ ଯୁବକଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଡିଜେ ସାଉଣ୍ଡ ସାମଗ୍ରୀ ଚୋରି, ୨ଗିରଫ

**ସମ୍ବଲପୁର, ୩୦।୧୧(ସମିସ):** ବୁର୍ଲା ପୁଲିସ ଡିଜେ ସାଉଣ୍ଡ ସାମଗ୍ରୀ ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁର୍ଲା କଣ୍ଟ୍ରାକ୍ଟର କଲୋନୀର ରାହୁଲ କଲେତ(୨୩) ଓ ମହତାବ ନଗର



ବାସିନ୍ଦା କଣ୍ଟ୍ରାକ୍ଟର କଲୋନୀର ଶିବ ଲୁହା(୨୧)। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରିଛି। ସୂଚନା ଅନୁସାରେ ବୁର୍ଲା ଅଟାଚକି ପଡ଼ାର ଲମ୍ବୋଦର ପରିଡ଼ା ଗତ ୨୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ଯେ, ୧୯ ତାରିଖ ରାତିରେ ସେ ତାଙ୍କ ଦୋକାନ ରଶ୍ମି ଲାଇଟ ଓ ସାଉଣ୍ଡ ବନ୍ଦ କରି ଘରକୁ ଫେରିଥିଲେ। ସକାଳେ ଆସିବା ବେଳେ ଦୋକାନ ଆଜବେଷ୍ଟସ ଭାଙ୍ଗି କେହି ଦୁର୍ବୃତ୍ତ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛି। ପୁଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୨ଟି ଜେବିଏଲ ବକ୍ସ ସ୍ପିକର, ୨ ଏମ୍ପ୍ଲିଫାୟାର, ୧ ଡିଜେ ଲାଇଟ, ଲାଇଟ କଣ୍ଟ୍ରୋଲର ଓ ୨ଟି ଆହୁଜା ଏମ୍ପ୍ଲିଫାୟାର ଉଦ୍ଧାର କରିଛି।

## ମୋବାଇଲ ଓ ଲାପଟପ୍ ଜବତ, ୨ ଗିରଫ

**ସମ୍ବଲପୁର, ୩୦।୧୧ (ସମିସ) :** ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ପ୍ରଫେସର କଲୋନୀ ନିକଟସ୍ଥ ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟରୁ ଜଣେ ବ୍ୟକ୍ତି ଶନିବାର ନିଜ ଘରକୁ ଫେରୁଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ସେ ନଦେବାରୁ ସେମାନେ ତାଙ୍କୁ ଆକ୍ରମଣ କରିବାସହ ତାଙ୍କ ମୋବାଇଲ, ଲାପଟପ ଓ ମନିପର୍ସ ଲୁଟି ନେଇଥିଲେ।



ଏନେଇ ସମ୍ପୃକ୍ତ ବ୍ୟକ୍ତିଜଣକ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୁର୍ଲା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବାସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବୁର୍ଲା ଥାନା ଅନ୍ତର୍ଗତ ବଲେରପଡ଼ାର ବିଜୟ ନାଏକ (୩୭) ଓ ମହେଶ ସିଂହ (୨୭)। ସେମାନଙ୍କଠାରୁ ପୁଲିସ ମୋବାଇଲ, ଲାପଟପ୍ ଓ ମନିପର୍ସ ଜବତ କରିଛି। ଉଭୟ ଅଭିଯୁକ୍ତଙ୍କୁ ଆଜି ପୁଲିସ କୋର୍ଟଚାଲାଣ କରିଛି।

## ଗାୟକ ଫକୀର ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୩୦।୧୧ (ସମିସ) :** ସମ୍ବଲପୁରୀ ଲୋକ ସଙ୍ଗୀତର ସର୍ବାଧିକ ଲୋକପ୍ରିୟ ଗାୟକ ଫକୀର ପଟ୍ଟନାୟକଙ୍କ ପୂଣ୍ୟତିଥିରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଡଃ ସ୍ୱୟଂପ୍ରକାଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀର ପଟ୍ଟନାୟକଙ୍କ ସ୍ମୃତିର ସୁରକ୍ଷା ପାଇଁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ପଦକ୍ଷେପ ଗ୍ରହଣ କରିବା ଉପରେ ମଞ୍ଚର ସଦସ୍ୟମାନେ ମତପ୍ରକାଶ କରିଥିଲେ। ଗାୟକ ଫକୀର ପଟ୍ଟନାୟକ ଗୀତ ମାଧ୍ୟମରେ ସମ୍ବଲପୁରୀ ଲୋକ ସଂସ୍କୃତିକୁ ବିଶ୍ୱସ୍ତରରେ ପ୍ରଚାର କରିବା ଦିଗରେ ସବୁଠାରୁ ପ୍ରଥମେ ଲୋକପ୍ରିୟ କରାଇ ପାରିଥିଲେ। ବର୍ତ୍ତମାନ ମଧ୍ୟ ସମ୍ବଲପୁରୀ ଲୋକ ସଙ୍ଗୀତ ଗାୟକ ସେହି ଗୀତ ଗୁଡିକୁ ଅନୁକରଣ କରି ଆସୁଛନ୍ତି। ଯେକୌଣସି କାର୍ଯ୍ୟକ୍ରମରେ ଫକିର ପଟ୍ଟନାୟକଙ୍କ ସମଲେଇ ଭଜନ ଆଜି ମଧ୍ୟ ପରିବେଷଣ କରାଯାଉଛି। ତାଙ୍କ ଲୋକସଙ୍ଗୀତ ପ୍ରତି ରହିଥିବା ଆକର୍ଷଣ ଯୋଗୁଁ ସମ୍ବଲପୁର ଅଞ୍ଚଳର ପାରମ୍ପରିକ ଲୋକ ପରମ୍ପରାକୁ ଗୀତ ମାଧ୍ୟମରେ ପରିବେଷଣ କରି ଅମର କରି ପାରିଥିବା ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା। ଆସନ୍ତା ଡିସେମ୍ବର ୨୦ ଓ ୨୧ ତାରିଖରେ ଡେରା ପରିସରରେ ଆୟୋଜିତ ହେବାକୁ ଥିବା ପଞ୍ଚମ ଜାତୀୟ ସମ୍ବଲପୁରୀ ସମ୍ମିଳନୀରେ ଫକୀର ପଟ୍ଟନାୟକଙ୍କ ବିଷୟରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଶେଷରେ ଅମିତାଭ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି ବିଶ୍ୱ ଏଡ୍‌ସ ଦିବସ

## ସମ୍ବଲପୁର ଜିଲ୍ଲାରେ ୪୭୭ ଆକ୍ରାନ୍ତ ମୃତ

**ସମ୍ବଲପୁର, ୩୦।୧୧ (ସମିସ) :** ଆଜି ବିଶ୍ୱ ଏଡ୍‌ସ ଦିବସ। ଏଡ୍‌ସ ରୋକିବାକୁ ସତର୍କତା ସହ ସଚେତନତା ଜରୁରୀ। ଚଳିତବର୍ଷର ବିଷୟବସ୍ତୁ ହେଉଛି 'ବିଘ୍ନ ଦୂର କରିବା, ଇଓଉଝ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା' (ଓଭର୍‌କମିଂ ଡିସ୍‌ରପ୍‌ସନ୍, ଟ୍ରାନ୍ସଫର୍ମିଂ ଦ ଏଡ୍‌ସ ରେସପନ୍ସ)। ଏହି ବିଷୟବସ୍ତୁ କୋଭିଡ-୧୯ ମହାମାରୀ ଏବଂ ଆର୍ଥିକ ଚାପ ପରି ଚ୍ୟାଲେଞ୍ଜ ଯୋଗୁଁ ଏଡ୍‌ସ ଯତ୍ନରେ ହେଉଥିବା ଅସୁବିଧାକୁ ସମାଧାନ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଉଛି। ୨୦୩୦ ସୁଦ୍ଧା ଏହାକୁ ସମାପ୍ତ କରିବା ଦିଗରେ ନିରନ୍ତର ଅଗ୍ରଗତି ସୁନିଶ୍ଚିତ କରିବା ପାଇଁ ସେବାଗୁଡ଼ିକୁ ପୁନଃନିର୍ମାଣ, ନବସୃଜନ ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନୂତନ ପ୍ରୟାସ କରିବାକୁ ଆହ୍ୱାନ ଦିଆଯାଇଛି।

ସମ୍ପ୍ରତି ସମ୍ବଲପୁର ଜିଲ୍ଲାରେ ୪ଟି ସମନ୍ୱିତ ପରାମର୍ଶ ଓ ରକ୍ତ ପରୀକ୍ଷା କେନ୍ଦ୍ର (ଆଇସିଟିସି) ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଓ ଭିମସାରରେ ୨ଟି ସହ ରେଢ଼ାଖୋଲରେ ଗୋଟିଏ ଆଇସିଟିସି କେନ୍ଦ୍ର ରହିଛି। କୁଚିଣ୍ଡା ଓ ଲଇଡ଼ାରେ ଥିବା କେନ୍ଦ୍ରଗୁଡ଼ିକ ବନ୍ଦ କରିଦିଆଯାଇଛି। ୨୦୨୫ ମସିହା ଅକ୍ଟୋବର ପର୍ଯ୍ୟନ୍ତ ଜିଲ୍ଲାରେ ୩୨୧୦ ଜଣ ପୁରୁଷ, ୧୪୪୬ ଜଣ ମହିଳା ଓ ୪୧ ଜଣ ଟ୍ରାନ୍ସଜେଣ୍ଡର ସହ ମୋଟ ୪୬୯୭ ଜଣ ଆକ୍ରାନ୍ତ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଉପରୋକ୍ତ ଆକ୍ରାନ୍ତଙ୍କ ମଧ୍ୟରୁ ଥିବାବେଳେ ୨୬୨ ଜଣ ଏଡସ ସହ ଅନ୍ୟ ରୋଗାକ୍ରାନ୍ତ ରହିଛନ୍ତି। ବିଭାଗୀୟ ତଥ୍ୟ ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ଚଳିତବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ୪୭୭ ଜଣ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ତନ୍ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୯୯ ଜଣ, ଭିମସାର ଆଇସିଟିସି-୧ରେ ୩୪୫ ଜଣ, ଭିମସାର ଆଇସିଟିସି-୨ରେ ୩୨ ଜଣ, ରେଢ଼ାଖୋଲରେ ୨୦ ଜଣ, କୁଚିଣ୍ଡାରେ ୪ ଜଣ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି।

## କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ

**ସମ୍ବଲପୁର, ୩୦।୧୧ (ସମିସ) :** ଏଆଇସିସିର 'ଜାତୀୟ ମେଧା ଅନ୍ୱେଷଣ' କାର୍ଯ୍ୟକ୍ରମ ଜରିଆରେ ଦକ୍ଷ ଓ ପ୍ରତିଭାବାନ ଉପସ୍ଥାପକ, ମୁଖପାତ୍ର, ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସଂଯୋଜକ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ସହସ୍ର ସଂଖ୍ୟାରେ ପ୍ରତିଭାବାନ ବ୍ୟକ୍ତିମାନେ ଆବେଦନ କରୁଛନ୍ତି। ଏଥିପାଇଁ ଆବେଦନ କରି ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା କବଚ ସାଜନ୍ତୁ ବୋଲି ଆଜି ପୂର୍ବାହ୍ଣରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଅମିତ କୁମାର ଗୁରୁ କହିଛନ୍ତି। ଦେଶ ସମ୍ପ୍ରତି ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଆମ ଗଣତାନ୍ତ୍ରିକ ବିବ୍ୟବସ୍ଥାକୁ ଦଳିମକଚି ଖିନ୍‌ଭିନ୍ କରିଦେବା ପାଇଁ ଶାସକ ଦଳ ଚେଷ୍ଟା କରୁଛି। କଷ୍ଟୋପାର୍ଜିତ ସ୍ୱାଧୀନତା ଓ ସମ୍ବିଧାନକୁ ଅକ୍ଷୁର୍ଣ୍ଣ ରଖିବା ପ୍ରତ୍ୟେକ ଦେଶବାସୀଙ୍କର କର୍ତ୍ତବ୍ୟ। ଅଗଣିତ ଯୁବବର୍ଗଙ୍କ ମନରେ ଏନେଇ କ୍ଷୋଭ ମଧ୍ୟ ଜାତ ହେଉଛି। ସୁଯୋଗ ମିଳିଲେ ସେମାନେ ଏହି ହୀନ ଚକ୍ରାନ୍ତର କଡ଼ା ଜବାବ ଦେବେ ଓ ବ୍ୟାପକ ଜନସେଚତନତା ସୃଷ୍ଟି କରିପାରିବେ। କଂଗ୍ରେସ ଏଥିପାଇଁ ଆଗେଇ ଆସିଛି। ଅନ୍ୟାୟ, ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ଦେଶମାତୃକାର ସେବା କରିବା କରିବାକୁ ଚାହୁଁଥିବା ତଥା କଂଗ୍ରେସର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମରେ ବିଶ୍ୱାସ ରଖିଥିବା ବନ୍ଧୁମାନଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ବୋଲି ଶ୍ରୀ ଗୁରୁ ମତବ୍ୟକ୍ତ କରିଛନ୍ତି। କଂଗ୍ରେସ ଦଳ ପାଇଁ ଦକ୍ଷ ଓ ପ୍ରତିଭାବାନ ଉପସ୍ଥାପକ, ମୁଖପାତ୍ର, ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସଂଯୋଜକ ଚୟନ ପ୍ରକ୍ରିୟା ସାରା ଦେଶରେ ଚାଲିଛି। ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ଗୁରୁଙ୍କ ସହିତ ନେସନାଲ ଟେଲେଣ୍ଟ ହଣ୍ଟ ଜୋନ୍ ସଂଯୋଜକ ଜିତେନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ମହାନନ୍ଦ, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ହୀରାକୁଦ ଟାଉନ ସଭାପତି ରବି ରାଉତ, ନ୍ୟାୟ ଯୋଦ୍ଧା ରତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ଜିଏମୟୁରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ

**ସମ୍ବଲପୁର, ୩୦।୧୧ (ସମିସ) :** ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ରବିବାର ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ସହକାରୀ ଜିଲ୍ଲାପାଳ ସୁଶାନ୍ତ ନାଏକ, ନାଟ୍ୟକାର ଡଃ ଦ୍ୱାରିକାନାଥ ନାୟକ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରବଣ କୁମାର ବାଗ, ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ପ୍ରସାଦ ପ୍ରଧାନ, ସହକାରୀ ଜିଲ୍ଲାପାଳ ରୋଜଲୀନା ତିର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲ୍ଲୁ ଯୋଗ ଦେଇଥିଲେ। ଲୋକନୃତ୍ୟ, ଲୋକଗୀତ, ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରଯାଇଥିଲା। ଜିଲ୍ଲାର ୧୫ରୁ ୨୯ ବର୍ଷ ବୟସ୍କ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ 'ଯୁବୋତ୍ସବ' ଲୋକନୃତ୍ୟ ପ୍ରତିଯୋଗିତାରେ ଭରନି କଳା ପରିଷଦ ପ୍ରଥମ ସ୍ଥାନ, ସ୍ୱୟଂ ଏକାଡେମୀ ଦ୍ୱିତୀୟ ସ୍ଥାନ ଓ ସରକାରୀ ମହିଳା ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଲୋକ ସଙ୍ଗୀତ ପ୍ରତିଯୋଗିତାରେ ବାମରାର ସରଗମ କଳାପରିଷଦ ପ୍ରଥମ, ସରକାରୀ ମହିଳା ମହାବିଦ୍ୟାଳୟ ଦ୍ୱିତୀୟ ଓ କୁଚିଣ୍ଡା ଏନଏସି ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। କବିତା ରଚନା ପ୍ରତିଯୋଗିତାରେ ବାବୁଲୁ ଦୀପ ପ୍ରଥମ, ରାଜା ପ୍ରଧାନ ଦ୍ୱିତୀୟ ଓ ଜାଗରଣ ପୂଜାରୀ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଗଳ୍ପଲିଖନ ପ୍ରତିଯୋଗିତାରେ ମେନକା ମାଝୀ ପ୍ରଥମ, ଶର୍ମିଷ୍ଠାରାଣୀ ବିଶି ଦ୍ୱିତୀୟ ଓ ସନ୍ଧ୍ୟା ପରୱିନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟର ଖୁସି ସାହା ପ୍ରଥମ, ସରକାରୀ ମହିଳା ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ଦ୍ୱିତୀୟ ଓ ହୀରାକୁଦ କଲେଜର ସୌରଭ ପରମାଣିକ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବକ୍ତୃତା ପ୍ରତିଯୋଗିତାରେ ଏନଏସି କଲେଜର ଶୀତଳ ଶର୍ମା ପ୍ରଥମ, କୁଚିଣ୍ଡା କଲେଜର ସାଛି ରେ ଦ୍ୱିତୀୟ ଓ ଏନଏସସିବି କଲେଜର ଜ୍ୟୋତିର୍ମୟୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ ଭୋଇ ଏବଂ କ୍ରୀଡା ଅଧିକାରୀ ସତ୍ୟନାରାୟଣ ତାଣ୍ଡି ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅସୀମ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।




## ଲରପଙ୍କରେ ନିଃଶୁଳ୍କ ସ୍ତ୍ରୀରୋଗ ଚିକିତ୍ସା ଶିବିର

**ହୀରାକୁଦ, ୩୦।୧୧ (ସମିସ):** ହୀରାକୁଦ ଲାୟନ୍ସ କ୍ଲବ ମହାନଦୀ ଓ ବିଶ୍ୱାଳ ମେଡିକାଲ ଷ୍ଟୋର୍ ମିଳିତ ସହଯୋଗରେ ହୀରାକୁଦ ଲରପଙ୍କ ଠାରେ ନିଶୁଳ୍କ ସ୍ତ୍ରୀରୋଗ ଚିକିତ୍ସା ଶିବିର ଓ ଔଷଧ ବଣ୍ଟନ ଅନୁଷ୍ଠିତ ହୋଇଯାଇଛି। ଭିମସାରର ସ୍ତ୍ରୀରୋଗ ବିଶେଷଜ୍ଞ ପ୍ରଫେସର ଡ.ରଶ୍ମି ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୪୨ ଜଣଙ୍କ ଚିକିତ୍ସା କରାଯାଇଥିଲା। ମୁଖ୍ୟଅତିଥି ଭାବେ ହିଣ୍ଡାଲକୋ ସିଏସ୍‌ଆର କର୍ପୋରେଟ ବିଭାଗର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ସିଏସ୍‌ଆର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ମହାନଦୀ ସଭାପତି ମୁକେଶ ଚୌହାନ, ସମ୍ପାଦକ ଆକାଶ ପଟ୍ଟନାୟକ, ବରିଷ୍ଠ ସଭ୍ୟ ଉମାଶଙ୍କର ଗୌଡ଼, ଗଗନ ମହାନ୍ତି, ସୁଧୀର ତରିଆ, ଅଶୋକ ପଟ୍ଟନାୟକ, ନୀଳାମ୍ବର ବାଗ, ଦିବାକର ମଲ୍ଲିକ, କବି ଗୌଡ଼ ଓ ବିଶ୍ୱାଳ ମେଡିକାଲ ଷ୍ଟୋର୍ ମାଲିକ ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



# ବିକଶିତ ହେବ କୁଦୋପାଲି

**ସମ୍ବଲପୁର, ୩୦।୧୧ (ସମିସ)**

ଭାରତର ସ୍ୱାଧୀନତା ସଂଗ୍ରାମ ଐତିହ୍ୟର ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବମ୍ବେର ଜେଜେ ସ୍କୁଲ ଅଫ୍ ଆର୍ଟସ୍, ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଜଡ଼ିତ ପବିତ୍ର ଭୂମି କୁଦୋପାଲିର ସାମଗ୍ରିକ ବିକାଶ ପାଇଁ ସମ୍ବଲପୁର ମହାନଗର ନିଗମ ସହିତ ସହଭାଗିତା କରିବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହି ସହଭାଗିତା ଆରମ୍ଭ ହେଉଛି, ଯିଏ ଜେଜେ ସ୍କୁଲ ଅଫ୍ ଆର୍ଟସ୍‌କୁ ଏହାର କଳାତ୍ମକ ଦକ୍ଷତା ଏବଂ ଜାତୀୟ ଅଭିଜ୍ଞତା ଆଣିବାକୁ ପ୍ରୋତ୍ସାହିତ କରିଛନ୍ତି। କୁଦୋପାଲି ପାଇଁ ଏକ ବିଶିଷ୍ଟ ସ୍ମାରକ ଓ ବିକାଶ ଯୋଜନା ତିଆରି କରିବା ପାଇଁ ସମ୍ବଲପୁର ମହାନଗର ନିଗମକୁ ପ୍ରେରିତ କରିବ। କୁଦୋପାଲିକୁ ସ୍ୱାଧୀନତା ସଂଗ୍ରାମର ଐତିହାସିକ ସ୍ମୃତି, ସ୍ଥାନୀୟ ସଂସ୍କୃତିକ ଐତିହ୍ୟ ଓ ଲୋକଙ୍କ ତ୍ୟାଗ-ସାହସର ପ୍ରତୀକ ଭାବେ ବିଶିଷ୍ଟ ହେରଟେଜ୍ ଇଣ୍ଟରପ୍ରିଟେସନ୍ ସାଇଟ୍ ଭାବେ ବିକଶିତ ହେବ ବୋଲି ଆଶା କରାଯାଉଛି। ଏହି ସହଯୋଗିତା ଅଧୀନରେ ଉଭୟ ଅନୁଷ୍ଠାନର ଅଧିକାରୀମାନେ ସ୍ଥାନର ଐତିହ୍ୟ ଓ ସଂଗ୍ରାମୀମାନଙ୍କ ବୀରତାକୁ ଦର୍ଶାଇବା ପାଇଁ ଥିମାଟିକ ଇନ୍‌ଷ୍ଟଲେସନ୍, ସାର୍ବଜନୀନ ଶିଳ୍ପ କଳାକୃତି (ପବ୍ଲିକ ଆର୍ଟ), ଆକର୍ଷଣୀୟ ଲ୍ୟାଣ୍ଡସ୍କେପ୍ ଡେଭଲପ୍‌ମେଣ୍ଟ, ପର୍ଯ୍ୟଟକ ଓ ଭ୍ରମଣକାରୀମାନଙ୍କ ପାଇଁ ଅନୁକୂଳ ସୁବିଧା ଆଦି ନିର୍ମାଣ ନିମନ୍ତେ ଆଲୋଚନା ଆରମ୍ଭ କରିବେ। ଏହି ପ୍ରୟାସ ମାଧ୍ୟମରେ କୁଦୋପାଲିକୁ ଦେଶର ମାନଚିତ୍ରରେ ରାଷ୍ଟ୍ରୀୟସ୍ତରର ପ୍ରେରଣାଦାୟକ କେନ୍ଦ୍ର ଭାବେ ଗଢ଼ି ତୋଳାଯିବା ସହ, ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ଅବଦାନକୁ ନୂଆ ପରିଚୟ ଦେବାର ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଏହି ପ୍ରକଳ୍ପ ପାଇଁ ବିସ୍ତୃତ ସ୍ଥାନ ସମୀକ୍ଷା, ଐତିହାସିକ ତଥ୍ୟ ସଂଗ୍ରହ ଓ କନସେପ୍ଟ ଡିଜାଇନ୍ ପର୍ଯ୍ୟାୟ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡ଼ିଛି।



## ଅବଶିଷ୍ଟାଂଶ

### ବିରୋଧୀଙ୍କ ହାତରେ...

ସରକାର କହିଛନ୍ତି ଯେ ଶୀତକାଳୀନ ଅଧିବେଶନରେ ଏହା ଉପରେ ଆଲୋଚନା ସଂସଦର ଏଜେଣ୍ଡାରେ ନାହିଁ। ତେବେ ଗୃହ ପରିଚାଳନା କମିଟି ଏହା ଉପରେ କେବଳ ନିଷ୍ପତ୍ତି ନେଇ ପାରିବ। ସର୍ବଦଳୀୟ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଆଜି ବୈଠକ ସକରାତ୍ମକ ଓ ଗଠନମୂଳକ ରହିଥିଲା। ୩୬ଟି ଦଳର ୫୦ ଜଣ ନେତା ଏହି ବୈଠକରେ ଉପସ୍ଥିତ ଥିଲେ। ଏସଆଇଆର ଉପରେ ଆଲୋଚନା ପାଇଁ ଅଧିକାଂଶ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ଏହାକୁ ନେଇ ସଂସଦକୁ ଅଚଳ କରିବା ଲାଗି କୌଣସି ଦଳ କହି ନାହାନ୍ତି। ତେବେ ଏସଂପର୍କରେ କେବଳ ଗୃହ ପରିଚାଳନା କମିଟି ହିଁ ନିଷ୍ପତ୍ତି ନେଇପାରିବ।

ସୁରୁଖୁର ଭାବେ ସଂସଦ ଚଳାଇବାରେ ସହଯୋଗ କରିବା ଲାଗି ସମସ୍ତ ଦଳଙ୍କୁ ସେ ଅନୁରୋଧ କରିଛନ୍ତି। ବିରୋଧୀ ଦଳମାନଙ୍କ ସହିତ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଅସହମତିକୁ ନେଇ ଗୃହ କାର୍ଯ୍ୟରେ ବାଧା ଦେବା ଦେବା ଠିକ୍ ହେବନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ, ସମାଜବାଦୀ ନତା ରାମ ଗୋପାଳ ଯାଦବ ଏବଂ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଲେ ଯେ ପ୍ରାୟ ସମସ୍ତ ବିରୋଧୀ ଦଳ ଏସ୍ଆଇଆର ଉପରେ ଆଲୋନା କରିବାକୁ ଦାବି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟା ସାରିବା ଲାଗି ନିର୍ବାଚନ କମିସନ ସମୟସୀମାକୁ ଆହୁରି ୭ ଦିନ ବୃଦ୍ଧି କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏସଆଇଆରକୁ ନେଇ ସବୁକିଛି ଠିକ୍ ଠାକ୍ ଚାଲିନାହିଁ। ତୃଣମୂଳ କଂଗ୍ରେସ ନେତା କଲ୍ୟାଣ ବାନାର୍ଜୀ ଉଭୟ ସରକାର ଏବଂ ନିର୍ବାଚନ କମିସନଙ୍କର ତୀବ୍ର ସମାଲୋଚନା କରି କହିଛନ୍ତି ଯେ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଏକ ଉଦବେଗଜନକ ଘଟଣା। ତେଣୁ ସଂସଦରେ ଏହା ଉପରେ ଆଲୋଚନା ହେବା ଜରୁରି। ଭୋଟର ତାଲିକାରେ ନାମ ଯୋଡ଼ିବା ଅପେକ୍ଷା ନାମ କାଟିବାରେ ବ୍ୟସ୍ତ ଅଛନ୍ତି କମିସନ୍। ଏହା ଉପରେ ଆଲୋଚନା କରିବାକୁ ସରକାର କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସଂସଦରେ ଦିଲ୍ଲୀ ବିସ୍ଫୋରଣ ଏବଂ ଭାରତର ବୈଦେଶିକ ନୀତି ଉପରେ ଆଲୋଚନା କରିବାକୁ ବିରୋଧୀ ନେତାମାନେ ଦାବି କରିଥିବା ଜଣାପଡ଼ିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୪ଟି ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି। ଏହି ଅଧିବେଶନରେ ମାତ୍ର ୧୫ ଦିନ ବୈଠକ ହେବ।

### ଆଡ଼ବାୟା ପ୍ରଶାସନ...

କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କିଛି ନିଷ୍ପତ୍ତି ନିଆଯାଇଥିଲା। ଏହାମଧ୍ୟରେ ସବୁ ଅଙ୍ଗନବାଡ଼ି କେନ୍ଦ୍ର ଚାରିପଟେ ପାଚେରୀ ନିର୍ମାଣ ଓ ଫାଟକ ଲଗାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏହା ସହ କୁକୁର କାମୁଡ଼ିଲେ ପ୍ରାଥମିକ ଚିକିତ୍ସା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।

ଏହି ନିର୍ଦ୍ଦେଶନାମାକୁ ଗୁରୁତର ସହ ନେଇ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଦେଇଛି। କୌତୂହଳର ବିଷୟ ହେଉଛି ଗତ ୨୯ ତାରିଖରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ଏନେଇ ଏକ ତଥ୍ୟ ରଖିଥିଲେ। ରାଜ୍ୟରେ ସମୁଦାୟ ୭୪୨୨୪ ଗୋଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ୨୦୧୫୦ ଗୋଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୪୫୭୪ଟି ଅଙ୍ଗନବାଡି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡି କମ୍ୟୁନିଟି ସେଣ୍ଟରରେ ଚାଲୁଛି। ୩୮୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ଏପରିସ୍ଥଳେ ମୁଖ୍ୟ ସଚିବ ଫାଟକ ଓ ପାଚେରୀ ସଂକ୍ରାନ୍ତ ନିର୍ଦ୍ଦେଶ ଯେ ବାସ୍ତବିକ ଭାବେ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହୋଇପାରିବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସ୍ୱର ଶାଣିତ...

ବିଜେଡି ଗୃହରେ ସ୍ୱର ଉତ୍ତୋଳନ କରିବ। ରବିବାର ସଂସଦ ଭବନ ପରିସରରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଧ୍ୟ ବିଜେଡି ଏହି ପ୍ରସଙ୍ଗ ଉଠାଇଛି। ବିଜେଡି ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଅଧିବେଶନରେ ବିଜେଡି ରାଜ୍ୟବାସୀଙ୍କ ଦାବିକୁ ଉତ୍ଥାପନ କରିବ। ଦରଦାମ, ମୁଦ୍ରାସ୍ଫୀତି ବୃଦ୍ଧି, ବେକାରୀ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି, ମହିଳା ଓ ଶିଶୁଙ୍କ ବିରୋଧରେ ବଢୁଥିବା ଅପରାଧ, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୁଲିସ ନିଯୁକ୍ତି ଦୁର୍ନୀତି ଭଳି ପ୍ରସଙ୍ଗ ରହିଛି। ସେହିପରି ମହାନଦୀ ଏବଂ ପୋଲାଭରମ ଭଳି ସମସ୍ୟାର ଏଯାବତ୍ ସମାଧାନ ହୋଇପାରି ନାହିଁ। ଏତଦ୍ ବ୍ୟତୀତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ ଦୁଇଗୁଣା କରିବା, କୋଇଲା ଓ ସବୁଜ କର ବୃଦ୍ଧି, ରାଜ୍ୟରେ ୩ଟି ସ୍ଥାନ ଯଥା ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟରେ ନୂଆ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା ପାଇଁ ବିଜେଡି ଦୃଢ଼ ଭାବେ ଦାବି ରଖିବ। ପୁନଶ୍ଚ୧୩୯ ସମ୍ପ୍ରଦାୟଙ୍କୁ ଏସ୍ଟି ତାଲିକାରେ ସାମିଲ, ହୋ, ମୁଣ୍ଡା, ଭୂମିଜ ଓ ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସଟି ଛାଡ଼, ରେଳ ଏବଂ ମୋବାଇଲ ସଂଯୋଗୀକରଣ ବୃଦ୍ଧି ଏବଂ ଉପକୂଳ ଜାତୀୟ ରାଜପଥ ଓ ଉପକୂଳ ରାଜପଥର ଉନ୍ନତି ଆଦି ଦାବିକୁ ବିଜେଡି ପ୍ରାଧାନ୍ୟ ଦେବ ବୋଲି ଡ. ପାତ୍ର କହିଛନ୍ତି। ଗତ ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ନେଇ ବିଜୁ ଜନତା ଦଳ ଦ୍ୱାରା ବାରମ୍ବାର କରାଯାଇଥିବା ଦାବି ଉପରେ ଭାରତର ନିର୍ବାଚନ କମିଶନଙ୍କ ନିରବତା ଉପରେ ଆଲୋଚନା ହେବା ଆବଶ୍ୟକ। ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମତଦାନରେ ବ୍ୟାପକ ବ୍ୟବଧାନ କାହିଁକି ଘଟିଲା, ମତଦାନ ପ୍ରକ୍ରିୟା ପାଇଁ ଦିନ ଶେଷ ହେବା ପରେ ମଧ୍ୟ ମତଦାନରେ ତୀବ୍ର ବୃଦ୍ଧି କିପରି ଦେଖାଦେଲା, ତାହା ସ୍ପଷ୍ଟ ହୋଇପାରିବ। ଆମେ ଅନେକ ଥର ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛୁ। ଏପରିକି ନୂଆପଡ଼ା ଉପ ନିର୍ବାଚନରେ ମଧ୍ୟ ମତଦାନ ପ୍ରକ୍ରିୟା ସମୟରେ ବଡ଼ ଧରଣର ଅନିୟମିତତା ଘଟିଛି ବୋଲି ସେ କହିଛନ୍ତି।

### ଆଜି ଦୌଡ଼ିବ...

ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ସେହିପରି ପୂର୍ବରୁ ଜିଲ୍ଲାସ୍ତରରେ ଅନୁଷ୍ଠିତ ହୋଇଥିବା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକ ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ନେଇ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ସକାଳ ୧୦ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଶେଷରେ ବିତର୍କରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ।

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• D. Pharm
Rs. 48,000/- P.A.
Eligibility: +2 Sc. (PCB/M)
• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)
• M.P.H.
Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL

**ନୋଟିସ୍**

ବାରିପଦା ଏକ୍ସିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାରିଖ ୨୮.୧୧.୨୦୨୫ରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସମୀକ୍ଷା ପତ୍ର) ମୁଁ, ସୁଶାନ୍ତି ମାର୍ଣ୍ଡି, ଠିକଣା - ଜନାର୍ଦ୍ଦନପୁର, ୱାର୍ଡ ନମ୍ବର- ୨୨, ପୋଷ୍ଟ - କଇଁଫୁଲିଆ, ଥାନା- ଭଞ୍ଜପୁର, ଜିଲ୍ଲା- ମୟୂରଭଞ୍ଜ, ପିନ୍ - ୭୫୭୧୦୭, ଓଡ଼ିଶା, ଘୋଷଣା କରୁଛି ଯେ, ମୁଁ ମୋର ନାମ ସୁଶାନ୍ତି ମାରାଣ୍ଡିରୁ ସୁଶାନ୍ତି ମାର୍ଣ୍ଡିକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ ସୁଶାନ୍ତି ମାର୍ଣ୍ଡି ଭାବରେ ପରିଚିତ ହେବି।

ସୁଶାନ୍ତି ମାର୍ଣ୍ଡି

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

**AFFIDAVIT**

I, Sheikh Ajam Uddin, S/o-Sheikh Najim Uddin, resident of At- Panasapada, P.O - Mohiuddinpur, P.S/Dist-Jagatsinghpur, Pin-754103, Odisha declare by this affidavit No. C.N-24 -15/11/2025 that now onwards I shall be known as Sheikh Azam Uddin for all future purposes.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION,DEOGARH.**
E-mail:- eerw_deogarh@yahoo.co.in

O-1607

**1st Corrigendum to TCN No.SERWDGH-Online- 08 of 2025-26 dtd.17.11.2025**

In partial modification to this office Tender Call Notice No.08/2025-26 invited this office letter no.3692 dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.

(1) Period and time of availability of the bid documents dated 30.11.2025 to 09.12.2025 up to 5.00 PM instead of dated 21.11.2025 11.00 A.M to 28.11.2025 up to 5.00 PM.

(2) Date and time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM

N.B- Other term & conditions of the TCN are remain unchanged.

Superintending Engineer
R.W. Division, Deogarh

OIPR-25087/11/0022/2526

'ସକାଳ' ଖବରକାଗଜର ୫ମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶୁଭେଚ୍ଛା ସହ :-
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ଉପାଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି., ଖୋର୍ଦ୍ଧା**
Regn. No. 95 PU Dt. 22.03.1912, RBI Licence No. RPCD/BBSR/15/2011-12, Dt. 02.02.2012
Ph.: 06755-220209/220203, Email id: khordhaccbank@gmail.com, ceo@khordhaccbank.com
ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ
ରାଜ୍ୟର ୧୧୩ ବର୍ଷର ଅଗ୍ରଣୀ ବ୍ୟାଙ୍କ
ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ
୧. CBS ମାଧ୍ୟମରେ ୧୮ ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୫୭ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ।
୨. ଠିକ୍ ସମୟରେ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପରିଶୋଧ କଲେ କୌଣସି ସୁଧ ଦେବାକୁ ପଡ଼ିନଥାଏ ଓ ୧,୦୦,୦୦୧ ଟଙ୍କାରୁ ୩ ଲକ୍ଷ ଟଙ୍କା ଋଣ ଉପରେ ଶତକଡ଼ା ୨ ପ୍ରତିଶତ ହାରରେ ସୁଧ ଦେବାକୁ ପଡେ। ଏତଦ୍‌ବ୍ୟତୀତ "ବଳରାମ ଯୋଜନା" ମାଧ୍ୟମରେ ଭାଗଚାଷୀ ଓ ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା।
୩. ବୁଣାକାରମାନଙ୍କୁ "କଳିଆ ଯୋଜନା" ମାଧ୍ୟମରେ ଋଣ ପ୍ରଦାନର ବ୍ୟବସ୍ଥା ଉପଲବ୍ଧ।
୪. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା, ଦୁର୍ଘଟଣାଜନିତ ବୀମା ଓ ଜୀବନ ବୀମା ଉପଲବ୍ଧ ଅଟେ।
୫. ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ କୃଷକମାନଙ୍କ ପାଇଁ ବିହନ, ରାସାୟନିକ ସାର, ଜୈବିକ ସାର ଓ କୀଟନାଶକ ଔଷଧ ଯୋଗାଣ ବ୍ୟବସ୍ଥା।
୬. କୃଷି ଆନୁସଙ୍ଗିକ ମିଆଦୀ ଋଣ ଯଥା ଗାଈ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନବରଜ ଓ ଜଳସେଚନ ନିମିତ୍ତ ଋଣର କିସ୍ତି ଠିକ ସମୟରେ ପରିଶୋଧ କଲେ ଶତକଡ଼ା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି।
୭. ସମସ୍ତ ପ୍ରକାର ବ୍ୟବସାୟିକ ଭିତ୍ତିକ ଋଣ, ଗୃହ ନିର୍ମାଣ ଓ ଉପକରଣ କ୍ରୟ ଋଣ, ଓ ସମ୍ପତ୍ତି ବନ୍ଧକ ଋଣ ଅତି କମ ସୁଧରେ ଉପଲବ୍ଧ।
୮. ୨ ଚକିଆ ଓ ୪ ଚକିଆ ଯାନ ପାଇଁ ଅତି ସହଜ, ସରଳୀକୃତ କମ ସୁଧ ରେ ଋଣ ଉପଲବ୍ଧ।
୯. ସ୍ୱର୍ଣ୍ଣ ବନ୍ଧକ ଋଣ ଅନ୍ୟ ବ୍ୟାଙ୍କ ତୁଳନାରେ ସ୍ୱଳ୍ପ ସୁଧ ଶତକଡ଼ା ବାର୍ଷିକ ୮.୧ ହାରରେ ପ୍ରଦାନ କରାଯାଏ।
୧୦. ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଠିକ ସମୟରେ ଋଣ ପରିଶୋଧ କଲେ ୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ।
୧୧. ଆର୍ଥିକ ସ୍ୱାବଲମ୍ବନ ପାଇଁ କ୍ଷୁଦ୍ର ବ୍ୟବସାୟ ଋଣ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ବିନା ବନ୍ଧକରେ ଉପଲବ୍ଧ।
୧୨. IMPS, NEFT, RTGS, AEPS, PoS, CTS, Clearing ସମେତ ATM ଓ RuPay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତିମାନଙ୍କର Micro ATM ମାଧ୍ୟମରେ କୃଷକ ମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି।
୧୩. Safe Deposit Locker ସଦର ଶାଖା, ଖୋର୍ଦ୍ଧା ମହିଳା ଶାଖା ଓ ଭୁବନେଶ୍ୱର ମହିଳା ଶାଖା ଠାରେ ଉପଲବ୍ଧ ଅଛି।
୧୪. ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ ସମିତି ମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କର ସଂଚୟ ଖାତାରେ ଟଙ୍କା ପୈଠ କରାଯାଇଥାଏ।
୧୫. ମିଆଦୀ ଜମା (Fixed Deposit) ଓ ସଂଚୟ ଜମା (Saving Deposit) ଉପରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କ ଠାରୁ ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାରା ସୁରକ୍ଷିତ (DICGC) ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମିଆଦୀ ଜମା ଉପରେ ୦.୫ ପ୍ରତିଶତ ଅଧିକ ସୁଧ ପ୍ରଦାନ କରାଯାଏ।
ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ଶ୍ରୀ ସାରଥୀ ଶତପଥୀ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି.
ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ, ସଭାପତି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି.

**100+ AI Tools**
Scan to Master the Future of Technologies
ODISHA KNOWLEDGE CORPORATION LIMITED
Contact 0674-3520021 OR send 'Hi' to 7735552044
to know more about OS-CIT

**Sivananda Centenary Boys' School**
Chidanandavihar, Khandagiri, Bhubaneswar-30
Odisha's Best CBSE Residential School with a Spiritual Atmosphere
• Modern Science & Computer Labs
• Well-equipped Library & Robotic Room
• Dedicated Yoga Hall for Mind & Body Wellness
• Playground spanned over 5 Acres of in house land for All-round Development



**Sivananda Centenary Boys' School**
Chidanandavihar, Khandagiri, Bhubaneswar-30
For Admission Session 2026-27
Contact: 91244 93507 I 82491 47219 I 93480 66330 I 70083 70269

ଚାଷୀ ଭାଇ ମାନଙ୍କ ପାଇଁ ଇଫକୋର ନୂତନ ଉପହାର
IFFCO
ନାନୋ ୟୁରିଆ ପ୍ଲସ (ତରଳ) ଏବଂ ନାନୋ ଡିଏପି (ତରଳ)ର ସମାହାର
"ଦାମ କମ୍ ଅଧିକ ଉପଯୋଗୀ"




AM/NS INDIA
ArcelorMittal Nippon Steel India
REIMAGINEERING AVIATION
#RE/MAGINEERING BHARAT
SMARTER STEELS BRIGHTER FUTURES






## ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ଓଡ଼ିଶା ଦଳଗତ ଚାମ୍ପିଅନ

ଭୁବନେଶ୍ୱର,୩୦।୧୧(ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍ ରବିବାର ଶେଷ ହୋଇଛି। ଏଥିରେ ଓଡ଼ିଶା ସମସ୍ତ ୩ଟି ବିଭାଗ ଯଥା ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ବିଭାଗରେ ୮ଟି ବର୍ଗରେ ଖେଳ ହୋଇଥାଏ। ଏହା ମଧ୍ୟରୁ ଯୁବ ବର୍ଗରେ ଓଡ଼ିଶାର ବନିତା ନାଏକ, ଅଙ୍କିତା ପ୍ରଧାନ, ପ୍ରୀତିମୟୀ ମହାନ୍ତି, ପ୍ରତିଭାରାଣୀ ପାତ୍ର ଓ ମୌସୁମୀ ଦାସ ୫ଟି ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ବିଭାଗରେ ମିନା ସାନ୍ତା-ବି’ ଓ ଶ୍ୱେତଲିନା ମହାନ୍ତି ୨ଟି ରୌପ୍ୟ ପଦକ ପାଇଥିଲେ। କନିଷ୍ଠ ବର୍ଗରେ ବନିତା ନାଏକ, ଶ୍ୱେତଲିନା ମହାନ୍ତି, ରିମ୍‌ଝିମ୍ ନାଏକ ୩ଟି ରୌପ୍ୟ ପଦକ ପାଇଥିଲେ। ଏହି ବିଭାଗରେ ମୀନା ସିଂ, ଅଙ୍କିତା ପ୍ରଧାନ, ଆଲିଶା ବେହେରା ଓ ଟିନା ରାଉତ ୪ଟି କାଂସ୍ୟ ପଦକ ଜିତିବା ଫଳରେ ଦଳଗତ ଟାଇଟଲ କବ୍‌ଜା କରିଥିଲେ। ବରିଷ୍ଠ ବିଭାଗରେ ମୌସୁମି ଦାସ ଗୋଟିଏ ସ୍ୱର୍ଣ୍ଣ, ରୋମାଲି ପ୍ରଧାନ ଓ ରିମ୍‌ଝିମ୍ ନାୟକ ୨ଟି ରୌପ୍ୟ, ବନିତା ନାଏକ, ମୀନା ସିଂ ଓ ଅଙ୍କିତା ପ୍ରଧାନ ୩ଟି କାଂସ୍ୟ ପଦକ ଜିତି ଦଳଗତ ଟାଇଟଲ ଜିତିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ମଣିପୁର, ଆସାମ, ତ୍ରିପୁରା, ମେଘାଳୟ, ମିଜୋରାମ ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



## ଆଇକନିକ ଓପନ୍ ଗେଟବଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୩୦।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମନ୍ତ୍ରୀ ରବି ନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସୁଜିତ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଇଣ୍ଡୋନେସିଆ ଓ ତାଇୱାନ ସମେତ ଭାରତର ୧୮ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ଲାସିକ ଓ ଡବଲ୍ସ ବର୍ଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

## ସୟଦ ମୁସ୍ତାକ ଅଲି ଟି-୨୦

# ପରାଜୟରେ ଓଡ଼ିଶାର ହ୍ୟାଟ୍ରିକ୍

ଭୁବନେଶ୍ୱର, ୩୦।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓଡ଼ିଶା ହ୍ୟାଟ୍ରିକ ପରାଜୟବରଣ କରିଛି। ଏଲିଟ୍ ଗ୍ରୁପ୍-ଏ’ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ୩ୟ ମ୍ୟାଚରେ ୮ ୱିକେଟ୍‌ରେ ବିଦର୍ଭ ନିକଟରୁ ପରାସ୍ତ ହୋଇଛି। ଲକ୍ଷ୍ନୌରେ ଏକନ୍ନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମଧ୍ୟକ୍ରମରେ ସମ୍ବିତ ବରାଳ (୩୮ ବଲରେ ୪୬ ରନ) ଓ ନିମ୍ନଭାଗରେ ପ୍ରୟାସ କୁମାର ସିଂ (୨୬ ବଲରେ ଅପରାଜିତ ୪୦ ରନ)ଙ୍କ ଉପଯୋଗୀ ଇନିଂସ ବଳରେ ଓଡ଼ିଶା ୬ ୱିକେଟରେ ୧୬୦ ରନ ସଂଗ୍ରହ କରିଥିଲା। ବିଦର୍ଭର ଦର୍ଶନ ନାଲକଣ୍ଡେଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ଅମନ ମୋଖାଡେ ଓ ଧ୍ରୁବ ସୋରୀଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ବିଦର୍ଭ ୧୪.୫ ଓଭରରେ ମାତ୍ର ୨ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅମନ ୪୦ ବଲରେ ସର୍ବାଧିକ ୭୩ ରନ କରିଥିଲେ। ଏହି ପାଳିରେ ସେ ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେହିଭଳି ଧ୍ରୁବ ସୋରେ ୬ଟି ଚୌକା ଓ ୩ ଛକା ବଳରେ ୩୯ ବଲରୁ ୬୯ ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ୩ୟ ୱିକେଟ ଯୋଡ଼ିରେ ଅମନ ଓ ଧ୍ରୁବ ୧୩୯ ରନର ଭାଗୀଦାରି ଗଢ଼ି ବିଦର୍ଭଙ୍କୁ ସହଜ ବିଜୟ ଦେଇଥିଲେ। ଓଡ଼ିଶାର ରାଜେଶ ମହାନ୍ତିଙ୍କୁ ୨ଟି ଯାକ ୱିକେଟ୍ ମିଳିଥିଲା। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୧୦ ୱିକେଟରେ କେରଳ ନିକଟରୁ ଏବଂ ଦ୍ୱିତୀୟ ମ୍ୟାଚରେ ୬୬ ରନରେ ଆନ୍ଧ୍ର ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା।






PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

# ୮ ସ୍କୁଲର ୧୦ ଶିକ୍ଷକଙ୍କ ଦରମା ବନ୍ଦ

**ହରଭଙ୍ଗା, ୩୦।୧୧(ସମିସ)**

## ଆକ୍ସନମୁଡ୍‌ରେ ହରଭଙ୍ଗା ବିଇଓ

## ମହଙ୍ଗା ପଡ଼ିଲା କର୍ତ୍ତବ୍ୟରେ ଅବହେଳା

ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ଏବେ ଏକଦମ ଆକ୍ସନମୁଡ୍‌ରେ। କର୍ତ୍ତ୍ୟବ୍ୟରେ ଅବହେଳା ଯୋଗୁଁ ପୁଣି ୧୦ଜଣ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି। ଏହାକୁ ନେଇ ସାରା ଜିଲ୍ଲାରେ ଆଲୋଚନା ଜୋର୍ ଧରିଛି। ଏହା ସହ ଶିକ୍ଷକଙ୍କ ମହଲରେ ଛନକା ପଶିଛି। ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଶ୍ରୀ ବେହେରା ଦାୟିତ୍ୱ ନେବା ପରେ ସ୍କୁଲ ଗୁଡିକୁ ଅଚାନକ ପରିଦର୍ଶନ କରୁଛନ୍ତି। ଗତ ୬, ୭, ୧୮, ୧୯, ୨୪ ଏବଂ ୨୫ ତାରିଖରେ ସେ ବ୍ଲକର ଖରଶଙ୍କୁଲେଇ, ଶାକୁସିଙ୍ଗା, ଝାରଖମଣ, ବାହାଲି, ବଲଣ୍ଡା, ସୁରୁଣ୍ଡି, ଗୋଠସାହି ଏବଂ କଣ୍ଠିପଦର ଆଦି ୮ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲ ଅଚାନକ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଶିକ୍ଷକମାନେ ଠିକ୍ ସମୟରେ ସ୍କୁଲ ନ ପହଞ୍ଚିବା, ବିନା ଅନୁମତିରେ ସ୍କୁଲରେ ଅନୁପସ୍ଥିତ ରହିବା ଏବଂ ଲେସନ ନୋଟ ଆଦିରେ ଅବହେଳା କରିଥିବା ୮ଟି ସ୍କୁଲର ୧୦ଜଣ ଶିକ୍ଷକଙ୍କ ଗୋଟିଏ ଦିନ ଲେଖାଏଁ ବିଇଓ ଦରମା ବନ୍ଦ କରିଛନ୍ତି। ବନ୍ଦ ଦରମା ତାଲିକାରେ ଥିବା ଶିକ୍ଷକମାନଙ୍କ ମଧ୍ୟରେ ସରକାରୀ ଝାରଖମଣ ପ୍ରାଥମିକ ବିଦ୍ୟାଳୟର ସୁରମଣି ମଲ୍ଲିକ, ବାହାଲି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦୟା କୁମାର ହଂସ, ସୁରୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଦୀପ ସାହୁ, ବଲଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଧୁଚରଣ ଦେହୁରୀ, ଖରଶଙ୍କୁଲେଇ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ବିରେନ୍ଦ୍ର ମହାକୁଡ, ଶାକୁଶିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରଞ୍ଜନ ପାତ୍ର, କଣ୍ଠିପଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାବୁଲି ସାହୁ, ଗୋଠସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଜିତେନ୍ଦ୍ର ଡାଲୁଆର ଜ୍ୟୋସ୍ନାରାଣୀ ମିଶ୍ର ଏବଂ ରାଜେନ୍ଦ୍ର ସାମଲ ଭଳି ୧୦ଜଣ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇରେ ବିଇଓ ବାଘପାଲି, ପନଖ୍ମାଲ ଓ ବିରିଗଡ଼ ଆଦି ସ୍କୁଲ ଅଚାନକ ପରିଦର୍ଶନ କରି କର୍ତ୍ତବ୍ୟରେ ଅବହେଳା କରିଥିବା ୯ଜଣ ଶିକ୍ଷକଙ୍କ ଦରମା ବନ୍ଦ କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ଯୋଗୁଁ ବ୍ଲକରେ କାର୍ଯରତ ଶିକ୍ଷକମାନଙ୍କ ମଧ୍ୟରେ ଛନକା ପଶିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍କୁଲରେ ପହଞ୍ଚିବା ଦିଗରେ ଶିକ୍ଷକମାନେ ଯତ୍ନବାନ ହେଉଥିବା ଦେଖିବାକୁ ମିଳୁଛି। ଆଗଭଳି ଏଠିସେଠି ସମୟ ଅତିବାହିତ କରି ଗପସପ ଦିଗରେ ଅନେକ ସୁଧାର ଆସିଛି। ବିଇଓଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ଶିକ୍ଷାକ୍ଷେତ୍ରରେ ଅନେକ ସୁଧାର ଆଣିପାରିବ ବୋଲି ବୁଦ୍ଧିଜୀବୀ ତଥା ଶିକ୍ଷାପ୍ରେମୀ ମହଲରେ ଆଲୋଚନା ଜୋର୍ ଧରିଛି।

## ବିଏମ୍‌ପୁରରେ ଡାଏଲିସିସି ବ୍ୟବସ୍ଥା ପାଇଁ ବିଧାନସଭାରେ ଦାବି

**ବୀରମହାରାଜପୁର, ୩୦।୧୧(ସମିସ):** ବୀରମହାରାଜପୁର ଉପଖଣ୍ଡ ଅଞ୍ଚଳରେ କିଡ୍‌ନି ରୋଗୀଙ୍କ ସଂଖ୍ୟା ବଢ଼ିବା ସହ ଅନେକ ଲୋକଙ୍କ ପ୍ରାଣ ଯାଉଛି। ଏଣୁ ବୀରମହାରାଜପୁର ଡାକ୍ତରଖାନାରେ ଏକ ଡାଏଲିସିସି ୟୁନିଟ୍ ସ୍ଥାପନ କରିବା ପାଇଁ ସ୍ଥାନୀୟ ବିଧାୟକ ରଘୁନାଥ ଜଗଦଳା ବିଧାନସଭାରେ ଦାବି ଉପସ୍ଥାପନ କରିଛନ୍ତି। ଏଥିସହ ରକ୍ତ ସଂଗ୍ରହ ଗୃହରେ ଲାଗିଥିବା ମେସିନ୍‌ଟି ପୁରୁଣା ହୋଇଥିବାରୁ ଏହାକୁ ପରିବର୍ତ୍ତନ କରାଇବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ସେ ଦାବି କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାଏଲିସିସି ୟୁନିଟ୍ ଦୀର୍ଘ ଦିନହେଲା ବନ୍ଦ ଅଛି। ଜିଲ୍ଲାର କେବଳ ଡୁଙ୍ଗୁରିପାଲିରେ ଏହି ବ୍ୟବସ୍ଥା ଅଛି ବୋଲି ବିଧାୟକ ମନ୍ତ୍ରୀଙ୍କୁ ଅବଗତ କରିଥିଲେ।

# ଧାନ ରଖିବାକୁ ଜାଗା ନାହିଁ



**ତରଭା, ୩୦।୧୧(ସମିସ):** ସୋନପୁର ଜିଲ୍ଲାର ତରଭା ଅଞ୍ଚଳର ପ୍ରାୟ ୭୦ଭାଗ ଧାନ ଅମଳ ସରିଗଲାଣି; ମାତ୍ର ଅମଳ ଧାନ ରଖିବା ପାଇଁ ଚାଷୀ ଘରେ ସେମିତି ସୁରକ୍ଷିତ ଜାଗା ନାହିଁ। ଅପରପକ୍ଷରେ ସୋନପୁର ଜିଲା ପ୍ରଶାସନ ଆସନ୍ତା ୯ ତାରିଖରେ ଧାନ ବିକ୍ରି ପାଇଁ ମଣ୍ଡି ଖୋଲିବ ବୋଲି ଘୋଷଣା କରିଛି; ହେଲେ ଆଜି ପର୍ଯ୍ୟନ୍ତ ଚାଷୀଙ୍କ ପାଖକୁ ଟୋକନର ମେସେଜ ଆସିନାହିଁ। ଏହା ଅଞ୍ଚଳର ଚାଷୀଙ୍କୁ ଚିନ୍ତାରେ ପକାଇଛି। ସେହିପରି ସାମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। କେତେକ ଚାଷୀ ସ୍ଥାନ ଅଭାବରୁ ନିଜର ଅମଳ ଧାନକୁ ବହୁତ କମ୍ ମୂଲ୍ୟରେ ବେପାରୀଙ୍କ ହାତରେ ଟେକି ଦେବାକୁ ବାଧ ହେଉଛନ୍ତି। ମଣ୍ଡି ଖୋଲିବାରେ ପ୍ରଶାସନର ବିଳମ୍ବ, ଅଭାବୀ ବିକ୍ରିକୁ ପ୍ରୋତ୍ସାହନ ଦେଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି।




## ଦୁର୍ଦ୍ଦୁରା ନଦୀଖଣ୍ଡିରେ ବନ୍ଧୁମିଳନ

**ବୀରମହାରାଜପୁର, ୩୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ପିତାମହୁଲ ପଞ୍ଚାୟତର ଦୁର୍ଦ୍ଦୁରା ନଦୀ ଖଣ୍ଡିରେ ସୁବଳୟା ମଣ୍ଡଳ ବିଜେପି ପକ୍ଷରୁ ଏକ ବନ୍ଧୁ ମିଳନ ପର୍ବ ଆୟୋଜିତ ହୋଇଯାଇଛି। ମଣ୍ଡଳ ସଭାପତି ଅଶୋକ ସାହୁ, ସାଧାରଣ ସମ୍ପାଦକ ସଞ୍ଜୀବ ପଧାନଙ୍କ ସମେତ ୨୫୦ରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ସ୍ଥାନୀୟ ବିଧାୟକ ରଘୁନାଥ ଜଗଦଳା, ବିଜେପି ଜିଲ୍ଲା ସଭାପତି ବେଣୁଧର ଦାସ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ବିଧାୟକ ପ୍ରତିନିଧି ପଦାର୍ଥ ଜଗଦଳା, ପୂର୍ବତନ ବିରାମହରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ପୂର୍ବତନ ସୁବଳୟା ମଣ୍ଡଳ ସଭାପତି ଶରତ ମିଶ୍ର, ବିରାମହରାଜପୁର ମଣ୍ଡଳ ସଭାପତି ସୁମନ୍ତ୍ର ଜଗଦଳା, ରାମପ୍ରସାଦ କର୍ଣ୍ଣ, ସପନ ପଧାନ, ଭୀଷ୍ମଦେବ ଦନ୍ତା, ରଘୁବୀର ସେଠି ପ୍ରମୁଖ ଯୋଗ ଦେଇଥିଲେ।









● ବାଇକ୍-ସାଇକଲ ମଧ୍ୟରେ ଧକ୍କା

# ଜଣେ ଗୁରୁତର; ୨ ଆହତ

ବିନିକା, ୩୦।୧୧(ସମିସ): ବିନିକା-ସୋନେପୁର ମୁଖ୍ୟ ରାସ୍ତାର ଫୁଲମୁଠି ଛକ ନିକଟ ମାରୱାଡ଼ିଗୁଠାରେ ଏକ ସାଇକଲ ଓ ବାଇକ ମଧ୍ୟର ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ୨ ଜଣ ଆହତ ହୋଇଛନ୍ତି। ଫୁଲମୁଠି ଗ୍ରାମର ଗଦାଧର ପୁଟେଲ ଓ ତାଙ୍କ ପତ୍ନୀ ରୁକ୍ମଣୀ ପୁଟେଲ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଆଗରେ ଶଙ୍କରା ଗ୍ରାମର ଜୟରାମ ପାଣ୍ଡେ ସାଇକଲ ଯୋଗେ ଆସୁଥିଲେ। ସାଇକଲଟି ଏପଟ ସେପଟ ହେବାରୁ ବାଇକ ଭାରସାମ୍ୟ ହରାଇ ସାଇକଲରେ ପିଟି ହୋଇଯାଇଥିଲା। ଏହାଫଳରେ ବାଇକ୍ ଆରୋହୀଙ୍କ ମୁହଁ ରାସ୍ତାରେ ବାଡ଼େଇ ହୋଇ ନାକରୁ ରକ୍ତସ୍ରାବ ହୋଇଥିଲା। ତାଙ୍କ ପତ୍ନୀ ଓ ସାଇକଲ ଆରୋହୀ ସାମାନ୍ୟ ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ବିନିକା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଗଦାଧରଙ୍କ ନାକ ଓ କାନରୁ ରକ୍ତ ବାହାରୁଥିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ତାଙ୍କ ପତ୍ନୀ ରୁକ୍ମଣୀ ଓ ସାଇକଲ ଆରୋହୀ ଜୟରାମ ବିନିକା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

# ପରିସ୍ରା କରୁଥିବାବେଳେ ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

ବୌଦ୍ଧ, ୩୦।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ରୁଣ୍ଡିମହୁଲ ପଞ୍ଚାୟତ କେଙ୍କମଞ୍ଜି ଗ୍ରାମରେ ଦୁର୍ଘଟଣା ଘଟିଛି। ହାର୍ଭେଷ୍ଟର ବୋଝେଇ ଏକ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର କୁମର ଅଦାବର (୨୭)। ସେ ରାସ୍ତା ପାର୍ଶ୍ୱରେ ପରିସ୍ରା କରୁଥିବା ସମୟରେ ହାର୍ଭେଷ୍ଟର ଲୋଡ୍ ହୋଇଥିବା ଓଡ଼ି୨୭ ସି ୭୭୧୦ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଏହା ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ କଣ୍ଟାମାଳ ଥାନାରେ ତାଙ୍କ ବାପା ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କଣ୍ଟାମାଳ ଥାନା ଅଧିକାରୀ ରଞ୍ଜିତ ମୁନି ସୂଚନା ଦେଇଛନ୍ତି।

# ପିତେଇପାଲି ସ୍କୁଲ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ




ବିନିକା, ୩୦।୧୧(ସମିସ): ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ପିତେଇପାଲି ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟକୁ ୬୬ବର୍ଷ ପୂରିଛି; ହେଲେ ଏହି ସ୍କୁଲରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ମୌଳିକ ସୁବିଧା ନ ଥିବାରୁ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ରବିବାର 'ସକାଳ'ରେ ମୌଳିକ ସୁବିଧାରୁ ବଞ୍ଚିତ ପିତେଇପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ବରଗଡ଼ ଜିଲ୍ଲା ଭେଡେନ ବ୍ଲକ କେଶରୀପାଲି ଗ୍ରାମର ସାମାଜିକ କର୍ମୀ ରମେଶ ମେହେର ଏବଂ ପଦମପୁର ବ୍ଲକ ଟେମରି ଗ୍ରାମର ସାମାଜିକ କର୍ମୀ ଦୀପା ବାରିକ ପୃଥକ ପୃଥକ ଭାବେ ସରରକାରଙ୍କୁ ଏହି ଖବର 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ, ମନ୍ତ୍ରୀ ରବି ନାଏକ, ଗଣଶିକ୍ଷା ବିଭାଗ, ସୁବର୍ଣ୍ଣପୁର ଜିଲ୍ଲାପାଳ, ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ଅବଗତ କରି ତୁରନ୍ତ ଉକ୍ତ ସ୍କୁଲର ମୌଳିକ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ଭବାନୀଶଙ୍କର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା



ବୌଦ୍ଧ, ୩୦।୧୧(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ତରଫରୁ ବୌଦ୍ଧର ନାଟ୍ୟ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର ସମ୍ମାନିତ ହୋଇଛନ୍ତି।

ଏହି ଅବସରରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ସାଂସ୍କୃତିକ ପ୍ରକୋଷ୍ଠ ତରଫରୁ ରବିବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୌଦ୍ଧ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର ଯୋଗ ଦେଇ ବୌଦ୍ଧ ମାଟିର ଜଣେ ଯଶଶ୍ରୀ ନାଟ୍ୟ କଳାକାର ରାଜ୍ୟସ୍ତରୀୟରେ ସମ୍ବର୍ଦ୍ଧିତ ହୋଇଥିବାରୁ ଏହା ବୌଦ୍ଧ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ବୌଦ୍ଧ ଜିଲ୍ଲା ସଦସ୍ୟ ବସନ୍ତ ସାହୁ ଯୋଗ ଦେଇଥିଲେ। ଅରୁଣ ମେଣ୍ଡିଲି, ରମେଶ ପ୍ରସାଦ ମେହେର, ବାଞ୍ଛାନିଧି ପ୍ରଧାନ, ନିର୍ଗୁଣ ମହାକୁଡ, ଦେବାଙ୍ଗନ ମେହେର, ପ୍ରଶାନ୍ତ ଭାଇନା, ବିଶ୍ୱଜିତ ସାହୁ ଓ ଅରୁପ ମାହାନା ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆସର




ବୌଦ୍ଧ, ୩୦।୧୧(ସମିସ): ବୌଦ୍ଧ ସଦର ଟୁଟୁସିଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଶିଶୁ ସାହିତ୍ୟିକ ଧ୍ରୁବ ଚରଣ ଘିବେଲା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବରାଜ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ ପ୍ରତାପ ରଥ ଯୋଗଦେଇ ସମାଜ ହିତରେ ସାହିତ୍ୟର ଭୂମିକା ଉପରେ ଆଲୋଚନା କରିଥିଲେ। ଡିସେମ୍ବର ୨୮ରେ ହେବାକୁ ଥିବା ଅନୁଷ୍ଠାନର ବାର୍ଷିକ ଉତ୍ସବ ଉପରେ ସଦସ୍ୟମାନେ ନିଜ ନିଜର ମତବ୍ୟକ୍ତ କରିଥିଲେ। ସମ୍ପାଦକ ରାଧାମୋହନ ମାହାଣା ଅତିଥି ପରିଚୟ କରିଥବା ବେଳେ ଯୁଗ୍ମ ସମ୍ପାଦକ କାର୍ତ୍ତିକେଶ୍ୱର ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବି ଟଙ୍କଧର ସାହୁ, ରାଜକୁମାର ପ୍ରଧାନ, ବି କେ ନିର୍ମଳ, ଦେବେନ୍ଦ୍ର ଦେହୁରୀ, କାର୍ତ୍ତିକେଶ୍ୱର ନାୟକ, ସଂସାର ଅମାତ, କୃଷ୍ଣଚନ୍ଦ୍ର ସେଠୀ, ଧ୍ରୁବଚରଣ ଘିବେଲା, ପ୍ରତାପ ରଥ ଓ ରାଧାମୋହନ ମାହାଣା ପ୍ରମୁଖ କବିତା ଆବୃତ୍ତି କରିଥିଲେ। ସଦସ୍ୟ ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।


DSPL-388



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୫
(୧-୩ ଡିସେମ୍ବର ୨୦୨୫)



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଗରିମାମୟ ଉପସ୍ଥିତି
ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀମତୀ ସୁଲୋଚନା ଦାସ
ମେୟର, ବି.ଏମ.ସି, ଭୁବନେଶ୍ୱର

ପଦଯାତ୍ରା
କଳିଙ୍ଗ ଷ୍ଟୁଡିଓ ଛକରୁ ସୋଆ ଷ୍ଟାଡିୟମ୍
୧ ଡିସେମ୍ବର ୨୦୨୫ | ସକାଳ ୭:୩୦
ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨, ଭୁବନେଶ୍ୱର

OIPR-46001/13/0069/2526

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

BLOSSOMS SCHOOL
Estd. 1984
Bharatpur, Bhubaneswar Affiliated to CBSE, New Delhi,(No.: 1530220)
40 Years A Legacy of Nurturing
ADMISSIONS OPEN
(2026-27)
NURSERY – STD-XII
Avail Foundation Day Offer
(From 1st to 10th December 2025 for Nursery to STD-IX)



Bharatpur, Bhubaneswar, www.blossomsschool.in, Email: blossoms@blossomsschool.in
Contact us at : 9937478699, 8763837485

ASTHA
School of Management
Bhubaneswar
NAAC Accredited
(Approved by AICTE, Govt. of India & Affiliated to BPUT, Govt. of Odisha)
www.asthaeducation.in
ISO 9001 : 2015 NAAC Accredited
Gold Medalist - University Topper 2025
MEMBER AMDISA
Best Management Institute - 2024
Up Coming Program MCA
MBA
2 Years Full-Time Program
Approved Annual Intake 240
Up Coming Program MCA
❖ Felicitated with Prakruti Mitra Puraskar by Govt. Odisha, 2025.
❖ Best Management Institute, 2024.
❖ Best Academic Institution, 2023.
❖ Best College – Placement & Pedagogy, 2022.
❖ Best Management Institute – Pedagogy & Placement, 2021.
Recruiters:
Ujjivan, Reliance, Flipkart, Pantaloons, Reliance digital, Suryoday, Vivo, Jana Small Finance Bank, Dabur, HDFC, Godrej, muthoot, Utkarsh, Safexpress, Unigold Finance, V-Mart, Berger, Axis Bank, HDB, Trends, Empaxis, UltraTech, Repose, Gallagher, DTDC, ICICI Securities



Precision in Every Test,
Confidence in Every Diagnosis!
Over Two Decades of Quality Service
Since 2004

BP Laboratory, a complete medical diagnostic center, provides highly specialized tests backed by state-of-the-art technology and expert validation. We are an NABL-accredited laboratory, ensuring superior quality and accuracy in every step of the testing process. From pathological investigations to advanced radiology services (Digital X-ray, Endoscopy, Ultrasound, and CT Scan), our comprehensive diagnostic solutions deliver reliable results for confident clinical decision-making.

Advancing further into molecular diagnostics, we now offer critical diagnostic services using the BioFire FilmArray Torch 1.0, making us the only stand-alone laboratory in the state equipped with this advanced technology.

BP LABORATORY
A Unit of Bidyut Prava Healthcare Pvt.Ltd.
Mangalabag, Cuttack - 753001, Ph.: 0671-2307684/ 2424684
Central Lab : Ranihat cuttack
Ref Lab: Plot no -370, Damana Chowk, Bhubaneswar
email: admin@bplab.in, website : www.bplab.in
A COMPLETE MEDICAL DIAGNOSTIC CENTRE

TATA STEEL
#WeAlsoMakeTomorrow
TATA
IMBIBING SUSTAINABILITY IN EVERY STRIDE
FOR A BETTER TOMORROW



Effluent Treatment Plant, Sukinda

At Sukinda Chromite Mines, more than 70 % of treated water is used for domestic consumption, gardening and water sprinkling.

At Tata Steel, we believe in behaving responsibly towards the environment. We are ensuring that the natural resources in our mining locations are preserved.

RESPONSIBLE CHROMIUM
ACTING NOW FOR TOMORROW 2022/24

Tata Steel is the first Indian Company to be awarded the prestigious Responsible Chromium Label by ICDA for its Sustainability Initiatives.

www.tatasteel.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION,.BALLIGUDA.**
**No. 4425 //RWDBLG,. Date 28.11.2025** O-1630

Government of Odisha

**1st Corrigendum to the Bid Identification No. Online tender /13/EERWD BLG/ 2025-26**

The tender invited vide Bid Identification No. **Online tender/13/EERWD BLG/ 2025-26** vide T.O. Office Letter No.**4287 dt. 20.11.2025.** Due to unavoidable circumstances, the availability of tender online for bidding is from **01.12.2025** at **10.00A.M.** to **08.12.2025** upto **5.00P.M.** Instead of **25.11.2025** at 10.00AM to **02.12.2025** up to 5.00 P.M. **Opening Dt.09.12.2025.**

The other terms and conditions are remained unchanged.

**Further details , corrigendum(s) etc can be seen from the e-procurement portal "https:// www.tendersorissa.gov.in"**

Executive Engineer
R.W. Division, Balliguda

OIPR-25164/11/0020/2526

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**PUBLIC HEALTH DIVISION, BALANGIR.** C-1568
Email. ID – eephbgr@yahoo.co.in, Ph. No – (06652 – 234647)

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACEPHBGR 13 /2025-26 Dt. 20.11.2025**

| | | |
|---|---|---|
| 01. | Name of the Work | : 10 No. |
| 02. | Estimated Cost | : Approx Rs.5.78 Lakhs to 66.55 Lakh |
| 03. | Period of Completion | : 02 Months to 04 Months |
| 04. | Date & Time of availability of bid document in the portal | : From 11.00 AM of dt. 29.11.2025 to **5.00 PM of** dt. 15.12.2025 |
| 05. | Last date / time of receipt of bids in the portal | : 5 PM of dt. 15.12.2025 |
| 06. | Date & Time of opening of bids | : At 11.00 AM of dt. 16.12.2025 |
| 07. | Name and Address of the Officer Inviting Bid | : **The Superintending Engineer Office Of The Superintending Engineer Public Health Division, Balangir At-Tulasinagar, Po/Dist-Balangir Pin-767001, Odisha, Phone:-06652-234647 E-mail:-eephbgr@yahoo.co.in** |

**Further details can be seen from the web site https://tenders.ori.nic.in or www.tendersodisha.gov.in**

Addl. Chief Engineer
P.H. Division, Balangir

OIPR-13005/11/0046/2526

---

## ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର
## ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ନିବେଦନ**

- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫ୍ରି ନଂ ୧୪୪୨୦ ରେ ଯୋଗାଯୋଗକରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
- ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରିଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ **online** ମାଧ୍ୟମରେ **www.sujog.odisha.gov.in portal** ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ ।
- ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ଅଦରକାରୀ ଇଲୋକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ ।
- ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର **online** ମାଧ୍ୟମରେ **www.sujog.odisha.gov.in portal** ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
- ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

| ଶ୍ରୀମତୀ ସୀମା ଜେନା | ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ | ଶ୍ରୀମତୀ ଅର୍ଚ୍ଚନା ସିଂହ |
|---|---|---|
| ନିର୍ବାହୀ ଅଧିକାରୀ ପୌରପରିଷଦ, ଜଗତସିଂହପୁର | ଉପାଧ୍ୟକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ ପୌରପରିଷଦ, ଜଗତସିଂହପୁର | ଅଧ୍ୟକ୍ଷା ପୌରପରିଷଦ, ଜଗତସିଂହପୁର |

---

## ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

---

## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

* ମ୍ୟୁନିସିପାଲିଟିର ଦେୟ ତଥା ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡା ଠିକ ସମୟରେ ପଇଠ କରନ୍ତୁ ।
* ଘରର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ନିଜ ଘରେ ଶୁଖିଲା ଓ ଓଦା ଅଳିଆକୁ ଅଲଗା ଅଲଗା କରି ରଖନ୍ତୁ ଏବଂ ପୌର ପାଳିକା ଦ୍ୱାରା ପରିଚାଳିତ ଗାଡିକୁ ଦିଅନ୍ତୁ ।
* ଶୌଚାଳୟ ବ୍ୟବହାର କରନ୍ତୁ । ବାହାରେ ମଳତ୍ୟାଗ କରନ୍ତୁ ନାହିଁ ।
* ଗୋରୁ ଗାଈ, ଘୁଷୁରୀଙ୍କୁ ରାସ୍ତାରେ ଛାଡରୁ ନାହିଁ । ନିଜ ଦାୟିତ୍ୱରେ ରଖନ୍ତୁ । ନଚେତ ଆଇନାନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
* ଯଦି କୌଣସି ବ୍ୟକ୍ତି ବା ସଂଗଠନ ସ୍ୱେଚ୍ଛାକୃତ ଭାବେ ତାଙ୍କ ଅଞ୍ଚଳରେ ବସ୍ତି ସଫେଇ ଓ ବୃକ୍ଷ ରୋପଣ ଆଦି କାର୍ଯ୍ୟ କରିବାକୁ ଚାହାନ୍ତି, ତାଙ୍କୁ ପୌର ପରିଷଦ ତରଫରୁ ସମସ୍ତ ସହଯୋଗ ସହ ପୁରସ୍କୃତ କରାଯିବ ।
* ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନିଷେଧ ଆମର ଲକ୍ଷ୍ୟ । ପରିବେଶ ସୁରକ୍ଷା ପାଇଁ ଏଗୁଡିକୁ ବ୍ୟବହାର କରନ୍ତୁ ନାହିଁ ।
* ଡେଙ୍ଗୁ, ଡାଇରିଆ ଓ ମେଲେରିଆ ଜ୍ୱର ପ୍ରତି ଆତଙ୍କିତ ହୁଅନ୍ତୁ ନାହିଁ । ଲକ୍ଷଣ ଦେଖିବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରନ୍ତୁ ।

| ଶ୍ରୀଯୁକ୍ତ ଅଭିଷେକ ପଣ୍ଡା | ଶ୍ରୀମତୀ ଛବିଲତା ରାଉତ | ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ |
|---|---|---|
| ନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷ |
| ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ |

---

## ବିଜ୍ଞାପିତ ଅଂଚଳ ପରିଷଦ, ପୋଲସରା, ଗଂଜାମ

୧. ପରିଷଦର ଦେୟ ଯଥା ହୋଲଡିଂଟିକସ, ଦୋକାନଗୃହ ଟିକସ ଓ ୟୁଜର ଫି ଠିକ ସମୟରେ ପୈଠ କରନ୍ତୁ । ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ । ବିନା ଲାଇସେନ୍ସ ରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

୨. ନିଜ ଘରର ଅଳିଆ ଓଦା ଓ ଶୁଖିଲା ରୂପରେ ପରିଷଦର ସଫେଇ ଗାଡ଼ିରେ ଦିଅନ୍ତୁ । ନିଜର ପାଇଖାନା ଟାଙ୍କି ପ୍ରତି ତିନି ବର୍ଷରେ ସେସପୁଲ ଗାଡି ଦ୍ୱାରା ସଫା କରନ୍ତୁ ।ରାସ୍ତା ଉପରେ ଅଳିଆ ଫିଙ୍ଗନ୍ତୁ ନାହିଁ ଏବଂ ଗୃହ ପାଳିତ ପଶୁ ଛାଡ଼ନ୍ତୁ ନାହିଁ । ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ । ପଲିଥିନ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାରରୁ ଦୁରେଇ ରୁହନ୍ତୁ ।

୩. ସହରକୁ ପ୍ଲାଷ୍ଟିକ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ସହିତ ସହରକୁ ସବୁଜ ସୁନ୍ଦର କରିବା ନିମନ୍ତେ ବୃକ୍ଷ ରୋପଣ କରନ୍ତୁ । ବଗିଚାରେ ପରିଷଦ ଦ୍ୱାରା ପ୍ରସ୍ତୁତ " ମୋ ଖତ" ବ୍ୟବହାର କରନ୍ତୁ ।

୪ .ଟ୍ରେଡ୍ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତି ବର୍ଷ ନବୀକରଣ କରାଇ ନିଅନ୍ତୁ । ଦୋକାନ ସାଇନ ବୋର୍ଡ ୬୦% ଓଡ଼ିଆରେ ଲେଖିବା ବାଧତା ମୂଳକ ଅଟେ ।ଡ୍ରେନ ଅବରୋଧ କରି ତା ଉପରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

| କୈଳାଶ ଚନ୍ଦ୍ର ଜେନା | ସନ୍ତୋଷ କୁମାର ବେହେରା | ସଙ୍ଗିତା ବେହେରା |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷ | ଅଧ୍ୟକ୍ଷା |

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE** O-1592

**e-Procurement for Building works**
**Bid Identification No: EERWJYP – Online -07/2025-26**

| | | |
|---|---|---|
| 01. | Name of the work | :: Building works |
| 02. | Total Number of works | :: 06 (Six) Nos. |
| 03. | Approximate Estimated cost | :: Rs. 4.98 Lakhs to Rs. 1.99 lakhs (approximately) |
| 04. | Class of Contractor | : "D" & "C" Class |
| 05. | Period of Completion | :: within 1 Months |
| 06. | Other Details | |

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/07/ RWD-JYP/2025-26 | Sl No.01 to 6 | 01.12.2025 at 10.00 A.M | 07.12.2025 upto 5.00 P.M. | 06.12.2025 at 01.30 P.M | 08.12.2025 at 10.00 P.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

OIPR-25160/11/0027/2526

Executive Engineer,
Rural Works Division: Jeypore.

---

## ବିଜ୍ଞପ୍ତି

ଏତଦ୍ ଦ୍ୱାରା ଜେ.କେ.ପୁର ଚାନ୍ଦିଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟି, ରାୟଗଡର କୃଷକ ବଜାର ସମ୍ପୂର୍ଣ୍ଣ ଭାବେ ଭଗ୍ନ ଅବସ୍ଥାରେ ଥିବା ଯୋଗୁଁ ଏହା ତଳେ ଆଶ୍ରୟ ନେବା କିମ୍ବା ବ୍ୟବସାୟ କରିବା ବିପଦ ସଙ୍କୁଳ ଅଟେ । ଏଣୁ ନିୟନ୍ତ୍ରିତ ବଜାର କମିଟି ଅନୁରୋଧ କରୁଛି ଉକ୍ତ ଚାନ୍ଦିଲି ସ୍ଥିତ କୃଷକ ବଜାର ର କୌଣସି ବ୍ୟକ୍ତି ଆଶ୍ରୟ ନିଅନ୍ତୁ ନାହିଁ । ଏହା ସତ୍ତ୍ୱେ କୌଣସି ଅଘଟଣ ଘଟିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ସୌଜନ୍ୟ ନିୟନ୍ତ୍ରିତ ବଜାର କମିଟି, ରାୟଗଡ








ମୁଁ ଭାଷା, ଜାତି ଓ ଧର୍ମର ବନ୍ଧନ ଭିତରେ ବାନ୍ଧି ହେବାପାଇଁ ଚାହେଁ ନାହିଁ। ସଙ୍ଗୀତ କ୍ଷେତ୍ର ମତେ ଏହା କରିବାକୁ ସୁଯୋଗ ଦେଇଛି !
--ଏ ଆର ରେହମାନ

# ସମ୍ଭାବନାର 'ସକାଳ'

କୁହାଯାଏ ଅନେକ ଆଶା ଓ ଯୋଜନାର ସମ୍ଭାର ନେଇ ସକାଳ ଆସେ, ମଧ୍ୟାହ୍ନ ଯୋଜନାକୁ ରୂପାୟନର ସୁଯୋଗ ସୃଷ୍ଟି ଓ କ୍ଷେତ୍ର ପ୍ରସ୍ତୁତି କରେ, ସାୟାହ୍ନ ସମୀକ୍ଷାର ଅବକାଶ ସୃଷ୍ଟି କରେ। କିନ୍ତୁ ସାମ୍ପ୍ରତିକ ବିଶ୍ୱରେ ପ୍ରତିଟି ସକାଳ ଅବିଶ୍ୱାସର କୁହୁଡ଼ିରେ ଆଚ୍ଛନ୍ନ, ବିଦ୍ୱେଷର କଳରବରେ ମଧ୍ୟାହ୍ନ ବିଦୀର୍ଣ୍ଣ ଓ ଅଶାନ୍ତିର ଉପସ୍ଥିତିରେ ସାୟାହ୍ନ ଅବସନ୍ନ। ବର୍ତ୍ତମାନର ପ୍ରତିଟି ମୁହୂର୍ତ୍ତକୁ ଆମେ ହିଁ ବିପନ୍ନ କରିଚାଲିଛୁ, ଭବିଷ୍ୟତର ଅସ୍ଥିରତାକୁ ପ୍ରଶ୍ରୟ ଦେଉଛୁ। ଅତୀତକୁ ପରଖିବା ଓ ଶିଖିବାର ସମୟ ନାହିଁ, ସଦିଚ୍ଛା ମଧ୍ୟ ନାହିଁ। ବିଶ୍ୱର କୌଣସି ସଂସ୍ଥାନ, ଉପାଦାନ ଓ ଜୀବନ ନାହିଁ, ଯାହା ଏକ ଆସ୍ଥାହୀନ ପରିବେଷ୍ଟନୀ ଭିତରେ ଅହରହ ଦହନ ହୋଇଚାଲିନାହିଁ। ଆଜି ବାୟୁ ଦୂଷିତ, ଜଳ ବିଷାକ୍ତ, ମାନବିକ ଭାବନା କଳୁଷିତ। ଏଭଳି ବାତାବରଣ କେବଳ ଯୁଦ୍ଧ, ଦ୍ୱନ୍ଦ୍ୱ, ହିଂସା, ଈର୍ଷା, ଦ୍ୱେଷ, ଆତଙ୍କ, ରକ୍ତପାତ, କାତରତା, କାପୁରୁଷତା, ପରଶ୍ରୀକାତରତା, ଶଠତା, ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରତାରଣା, ପକ୍ଷପାତିତାକୁ ଜନ୍ମ ଦେଇପାରେ ଏବଂ ତାହା ହିଁ ଘଟୁଛି। ଏହି ପୃଷ୍ଠଭୂମିରେ ଯଦିବା କେବେ କେଉଁଠି କେତେବେଳେ ଶାନ୍ତି, ସହାବସ୍ଥାନ ଓ ସୁସ୍ଥତାର ସମ୍ଭାବନାଟିଏ ସୃଷ୍ଟି ହେଉଛି ତାହାର ପ୍ରଭାବ ସୁଦୂରପ୍ରସାରୀ ହେବା ସ୍ୱାଭାବିକ।

କୋଭିଡ୍ ମହାମାରୀରେ ସାମାଜିକ ଜନଜୀବନ ଓ ଅର୍ଥନୀତିର ଅସ୍ଥିର ପରିବେଶ ଭିତରେ ସେଭଳି ଏକ ଆଶାର ସମ୍ଭାବନା ନେଇ 'ସକାଳ' ଜନ୍ମ ନେଇଥିଲା ଆଜିକୁ ପାଞ୍ଚବର୍ଷ ତଳେ। ଆଜି ମାତ୍ର ଛଅବର୍ଷରେ ପାଦ ଦେଇଥିବା ଏହି ଦୈନିକ ଖବରକାଗଜର ଶୈଶବ କିନ୍ତୁ ଆନନ୍ଦମୁଖର ଓ ଉପଭୋଗ୍ୟ ନଥିଲା। ମାତ୍ର ଚାରିବର୍ଷ ବୟସରେ ସାମ୍ନା କରିଥିଲା ସାଧାରଣ ନିର୍ବାଚନ ରୂପକ ରାଜନୈତିକ ଝଡ଼କୁ। ରାଜ୍ୟରେ କ୍ଷମତା ବଦଳିବା ସହିତ 'ସକାଳ' ସମ୍ମୁଖୀନ ହେଲା ପକ୍ଷପାତିତାର। ଆଜିର ସମୟର ପ୍ରତିଯୋଗିତାପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ସରକାରୀ ସହଯୋଗିତା ଓ ପୃଷ୍ଠପୋଷକତା ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଥିଲା ବେଳେ 'ସକାଳ' ସେଥିରୁ ବଞ୍ଚିତ। ଶୈଶବରେ ନିୟତିର ଏହି କ୍ରୂର ପ୍ରହାରରେ ତଥାପି 'ସକାଳ' ଭାଙ୍ଗି ପଡ଼ିନାହିଁ; କାହା ପ୍ରତି ଅସୂୟା ମନୋଭାବ ପୋଷଣ କରିନାହିଁ। ପ୍ରତିଶୋଧପରାୟଣ ହୋଇନାହିଁ କି ବ୍ୟକ୍ତିଗତ କୁତ୍ସାରଟନା ପରି ଦୁର୍ବଳ ଓ କାମଳ ସାମ୍ବାଦିକତାର ସାହାରା ନେଇ ନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କେବଳ ଗଣଙ୍କ ହିତରେ ଏକ ସ୍ୱଚ୍ଛ, ନିରପେକ୍ଷ, ନିର୍ଭୀକ ସାମ୍ବାଦିକତାର ଭୂମିକା ନିଷ୍ଠାର ସହିତ ନିର୍ବାହ କରିଚାଲିଛି। ସଂଘର୍ଷରେ ମଧ୍ୟ ମୂଲ୍ୟବୋଧ, ଆଦର୍ଶ ଓ ନୀତି ସହିତ 'ସକାଳ' ସାଲିସ୍ କରିନାହିଁ; ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ। ନିଷ୍ପେଷିତ, ଅବହେଳିତ ଓ ପୀଡ଼ିତଙ୍କ ସ୍ୱର ହେବାର ସଂକଳ୍ପ ସହିତ ଜନ୍ମ ନେଇଥିବା 'ସକାଳ' ଆଜି ମଧ୍ୟ ତା'ର ଦାୟିତ୍ୱ ନିର୍ବାହନ ଓ କର୍ତ୍ତବ୍ୟ ସମ୍ପାଦନରେ ଅଟଳ ରହିଛି। ଲୋକଙ୍କର ସ୍ୱର ହୋଇଛି। ସର୍ବୋପରି ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ରାଜ୍ୟର ହିତକୁ ଅଗ୍ରାଧିକାର ଦେଇଛି। ତେଣୁ ସାମ୍ପ୍ରତିକ ବାତାବରଣର ପ୍ରଚ୍ଛଦପଟ୍ଟରେ 'ସକାଳ'କୁ ଗଣମାନଙ୍କର ନିଃସର୍ତ୍ତ ସମର୍ଥନ, ଅଭିନନ୍ଦନ, ଆଶିଷ ଓ ଶୁଭକାମନା ବଢ଼ିବାରେ ଲାଗିଛି। ସର୍ବୋପରି 'ସକାଳ'ର ବିକଳ୍ପହୀନ ସମ୍ପାଦକୀୟ ନୀତି, ସୁସ୍ଥ ସମାଲୋଚନା ଓ ନିଛକ ଖବର ପରିବେଷଣ କ୍ରମଶଃ ଗ୍ରହଣୀୟ ଓ ଆସ୍ଥାଭାଜନ ହେଉଛି।

ସୃଷ୍ଟିର ପରିବର୍ତ୍ତନଶୀଳ ଧାରାରେ ନୀତି ଓ ଆଦର୍ଶ ହିଁ ଚିରନ୍ତନ। ତେଣୁ 'ସକାଳ' ତା'ର ଶୈଶବରେ ଆଦରି ନେଇଥିବା ଆଦର୍ଶ ଯୌବନର ଉଦ୍ଦାମତାରେ ଭୁଲିଯିବ ନାହିଁ କି ଶତାୟୁରେ ବାର୍ଦ୍ଧକ୍ୟର ଚାପରେ ନଇଁଯିବ ନାହିଁ। ବରଂ ସମୟ ସହିତ ଆହୁରି ଅଧିକ ତେଜୀୟାନ୍, ପରିପକ୍ୱ ଓ ଉତ୍ତରଦାୟୀ ହେବ। ପାଠକମାନଙ୍କର ଶ୍ରଦ୍ଧା ହିଁ 'ସକାଳ'ର ପୁଞ୍ଜି। କର୍ମଚାରୀମାନଙ୍କର ନିଷ୍ଠା, ପରିଶ୍ରମ ଓ ସମର୍ପିତ ଅଂଶଗ୍ରହଣ ହିଁ ତା'ର ଶକ୍ତି। ଏହି ପୁଞ୍ଜିକୁ କେହି ଛଡ଼ାଇ ନେଇପାରିବ ନାହିଁ କି ଶକ୍ତିକୁ ପରାହତ କରିପାରିବ ନାହିଁ। ଯେଉଁ ଶୁଭଚିନ୍ତକମାନେ ଆମକୁ ନୈତିକ ସାହସ ଦେଇ ଆମର ମନୋବଳ ବୃଦ୍ଧି କରିଛନ୍ତି, ଆମକୁ ସାମର୍ଥ୍ୟ ଅନୁଯାୟୀ ସମର୍ଥନ ଓ ଅକୁଣ୍ଠ ସହଯୋଗ ପ୍ରଦାନ କରିଛନ୍ତି ସେମାନଙ୍କ ନିକଟରେ ଆମେ କୃତଜ୍ଞ।

ବର୍ତ୍ତମାନର ଶିଳାଖଣ୍ଡ ଉପରୁ କେବଳ ଏକ ବିପନ୍ନ, ଅନିଶ୍ଚିତ ଓ ଅଶାନ୍ତ ଭବିଷ୍ୟତର ରୂପ ହିଁ ଦେଖାଯାଉଛି। ସ୍ୱାର୍ଥାନ୍ୱେଷୀ ଓ ବିସ୍ତାରବାଦୀ ଆଭିମୁଖ୍ୟ ଆହୁରି ଉଗ୍ର ହେବାକୁ ଯାଉଛି। ବିଶ୍ୱ କ୍ରମଶଃ ଯୁଦ୍ଧବିଗ୍ରହର ପଙ୍କ ଭିତରକୁ ଚାଲିଯାଉଛି, ପରମାଣୁ ଯୁଦ୍ଧର ଆଶଙ୍କା ଘନୀଭୂତ ହେଉଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କରାଳ ଛାୟା ସବୁଜ ସୁନ୍ଦର ପୃଥିବୀକୁ ଆଚ୍ଛାଦିତ କରିଚାଲିଛି। ଅନାହାର, ଦାରିଦ୍ର୍ୟ, ପ୍ରାକୃତିକ ଦୁର୍ବିପାକର ଘନଘଟା ଆହୁରି ଉତ୍କଟ ହେବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତା ମାନବ ସଭ୍ୟତାର ସ୍ଥାୟିତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅସୀମ ଆହ୍ୱାନ ଓ ଅସ୍ଥିରତାର ତାଡ଼ନା ମଧ୍ୟରେ ଗଣମାଧ୍ୟମକୁ ମାର୍ଗଦର୍ଶକ ଓ ସତର୍କଘଣ୍ଟିର ଭୂମିକା ନିର୍ବାହ କରିବାକୁ ହେବ। ଅହିଂସାର ବାର୍ତ୍ତାବହ ହୋଇ ମାନବିକତାର ପ୍ରଚାର କରିବାକୁ ପଡ଼ିବ। ପକ୍ଷବାଦୀ ହେଉ କି ନିରପେକ୍ଷ, ଗଣମାଧ୍ୟମ ଏକ ସ୍ୱଚ୍ଛ ଦର୍ପଣର ଭୂମିକା ନିର୍ବାହ ନ କଲେ ଆଗାମୀ କାଲି ଲେଖାଯିବାକୁ ଥିବା ଆଜିର ଇତିହାସରେ ଉତ୍ତରଦାୟୀ କେବଳ ଗଣମାଧ୍ୟମ ହିଁ ରହିବ।

ଏଠାରେ କର୍ମ ଓ କାଳଖଣ୍ଡର ସେହି ଅମରଜୟୀ ଉକ୍ତିଟି ଉଦ୍ଧୃତ କରିବା ପ୍ରାସଙ୍ଗିକ ହେବ - 'ସୁନ୍ଦର ଯେତିକି ଅନ୍ଧାର ସେତିକି ଏହି ଯେ ଗହନ ବନ, ତେଣୁ ତୁ ଆପଣା ସଂକଳ୍ପେ ଅଟଳ ଅଚଳ ରହ ରେ ମନ / ଆଗରେ ପଡ଼ିଛି ପଥ ବହୁଦୂର ଆହୁରି କେତେ ଯେ ବାକି, ଚାଲିବି ଚାଲିବି ନ ପଡ଼ିବି ଥକି ମୁଦିବା ଆଗରୁ ଆଖି।' ଜୀବନଯୁଦ୍ଧରେ, ପରିସ୍ଥିତିର ତାଡ଼ନାରେ, ସମୟର ପ୍ରବାହରେ କୌଣସି ଗଣମାଧ୍ୟମ ସଂସ୍ଥା ସାମୟିକ ବିରତି ନେଇପାରେ; କିନ୍ତୁ ଗଣମାଧ୍ୟମର ମୃତ୍ୟୁ ନାହିଁ। ଗଣଙ୍କର ଉପସ୍ଥିତି ଥିବା ଯାଏଁ ଗଣମାଧ୍ୟମର ଅସ୍ତିତ୍ୱକୁ ବିଲୟ କରିବାର ଶକ୍ତି କାଳର ମଧ୍ୟ ନାହିଁ, ସରକାର ଆଜି ନ ହେଲେ କାଲି ବଦଳିବା ନିଶ୍ଚିତ। ଗଣଙ୍କର ସ୍ୱର ଭାବରେ ଯାହା କିଛି ଲେଖାଯାଇଛି, ଲେଖି ହୋଇଯାଉଛି ତାହା ଅବିନିଶ୍ୱର ଯୁଗାନ୍ତର ପର୍ଯ୍ୟନ୍ତ।

ସମ୍ଭାବନାର ସେହି ଅଫୁରନ୍ତ ଆଶା ନେଇ ଆଉ ଏକ ନୂଆ ସକାଳ ଅପେକ୍ଷାରେ!

# ନିର୍ବାଚନରେ ବ୍ୟାଖ୍ୟାନ ଓ ବାସ୍ତବତା

## ଗୌରୀ ପ୍ରସାଦ ମହାପାତ୍ର

ବିହାର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ପୁଣି ଥରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାରେ ପ୍ରଶ୍ନଚିହ୍ନ ଲାଗିଛି। ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ସର୍ବୋପରି ଓ ପ୍ରଶ୍ନାତୀତ। କିନ୍ତୁ ଜନମତକୁ ପ୍ରଭାବିତ କରିବା ପାଇଁ ଏହି ନିର୍ବାଚନରେ ଯେଭଳି ସାଧନମାନ ବ୍ୟବହାର ହେଲା, ତାହା ଭାରତୀୟ ଗଣତାନ୍ତ୍ରିକ ଓ ନିର୍ବାଚନ ଇତିହାସରେ ଏକ ନୂଆ ଅଲୋଡ଼ା ଅଧ୍ୟାୟ ଲେଖି ଦେଇଗଲା। ବିହାର ବିଧାନସଭା ଫଳାଫଳ ପରେ ବ୍ୟାଖ୍ୟାନ ସୃଷ୍ଟି ହେଲା ବିହାର ଜନତା ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ'କୁ ପ୍ରତ୍ୟାଖ୍ୟାନ କରି ନୀତୀଶ କୁମାର ନେତୃତ୍ୱାଧୀନ 'ବିକାଶର ଶାସନ'କୁ ଅଧିକ ପସନ୍ଦ କଲେ। ଏ କଥା ମଧ୍ୟ କୁହାଗଲା ଯେ ବହୁଚର୍ଚ୍ଚିତ 'ଏସ୍ଆଇଆର' ଓ 'ଭୋଟ ଚୋରି' ଅଭିଯୋଗକୁ ବିହାରବାସୀ ନାପସନ୍ଦ କରି ଜୀବନଜୀବିକାର ବାସ୍ତବତାକୁ ଗୁରୁତ୍ୱ ଦେଲେ। ବିହାର ନିର୍ବାଚନ ଫଳାଫଳ ଏତେଟା ଆଲୋଚିତ ହୋଇ ନଥା'ନ୍ତା, ଯଦି ଏହାର ପ୍ରଚ୍ଛଦପଟ୍ଟର ରଣକୌଶଳ ଦେଶର ସାମଗ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇନଥା'ନ୍ତା।

ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ନୀତୀଶ କୁମାରଙ୍କ ପ୍ରତ୍ୟକ୍ଷ ଏବଂ କିଛିଦିନ ପରୋକ୍ଷ ହେପାଜତରେ ଥିବା ବିହାର ବିକାଶଧାରାର ବାସ୍ତବ ଚିତ୍ର ବିଷୟରେ ଏବେ କିଞ୍ଚିତ ଆଲୋଚନା କରିବା। ୧୯୯୧ରେ ଯୁଗାନ୍ତକାରୀ ଆର୍ଥିକ ସଂସ୍କାରକୁ ପୁଞ୍ଜି କରି ଦେଶର ଅନ୍ୟାନ୍ୟ ରାଜ୍ୟମାନେ ନିଜନିଜର ସାମାଜିକ-ଅର୍ଥନୀତିରେ ଆଖିଦୃଶିଆ ଉନ୍ନତି ଆଣିବାରେ ଅନେକାଂଶରେ ସଫଳ ହୋଇଥିଲେ ହେଁ ବିହାର ଯେ ଏହାର ବିପରୀତ ସୁଅରେ ଯାଇ ସମ୍ପୂର୍ଣ୍ଣ ଅସଫଳ ହୋଇଛି, ତାହା ଯେ କେହି ସ୍ୱୀକାର କରିବେ। ୧୯୯୧ ମସିହାରୁ ବିହାରରେ ନିଯୁକ୍ତି ହାରର ଅଭିବୃଦ୍ଧି ଅତିନଗଣ୍ୟ। ପ୍ରତିଭୂତି ବଜାରରେ ପଞ୍ଜୀକୃତ କମ୍ପାନୀଙ୍କ ସଂଖ୍ୟା ବିହାରରେ ମାତ୍ର ୫। ଇଏସ୍ଆଇ ପ୍ରଦାନ କରିପାରୁଥିବା ସଂସ୍ଥାଙ୍କ ସଂଖ୍ୟା ମାତ୍ର ୯, ୨୧୭। ରାଜ୍ୟର ୯୯ ପ୍ରତିଶତ ଏମ୍ଏସ୍ଏମ୍ଇ ଅଣୁ ବା ଲଘୁ ବର୍ଗର। ମୋଟ ମାନବ ସମ୍ବଳର ମାତ୍ର ୫% ବିନିର୍ମାଣ, ୦.୫ % ବିତ୍ତୀୟ ସେବା, ୦.୪% ବୈଷୟିକ ଜ୍ଞାନକୌଶଳ, ୧%ରୁ କମ୍ ରିଟେଲ୍ ଓ ଫର୍ମା କମ୍ପାନୀରେ ନିଯୁକ୍ତ। ୨୦୨୩-୨୪ ସୁଦ୍ଧା ବିହାରରେ ମାତ୍ର ୩, ୩୮୬ କାରଖାନା ରହିଛି, ଯାହା ଦେଶର ମୋଟ ଶିଳ୍ପ ସଂସ୍ଥାର ୧.୩%। ଦେଶର ମୋଟ ଶିଳ୍ପ ଶ୍ରମିକଙ୍କ ମଧ୍ୟରେ ବିହାରୀଙ୍କ ସଂଖ୍ୟା ୦.୭୫%। ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ସେବା କ୍ଷେତ୍ରର ଅବଦାନ ହାର ବିଯୁକ୍ତାତ୍ମକ। ବିଗତ ଦଶନ୍ଧିରେ ସେଠାରେ ମାତ୍ର ୧୩ଟି ଅତିରିକ୍ତ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଛି ଏବଂ ଏବେସୁଦ୍ଧା ମାତ୍ର ୮୯୯ଟି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟରତ।

ନୀତୀଶଙ୍କ ଶାସନାଧୀନ ବିହାର ଅର୍ଥନୀତିର ଚିତ୍ର ଆହୁରି ନୈରାଶ୍ୟଜନକ। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ୯.୨ ପ୍ରତିଶତ। ମୁଣ୍ଡପିଛା ଆୟ ଦେଶରେ ସବୁଠାରୁ କମ୍। ଋଣ ଭାର ୨୦୦୫ରେ ୪୩ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪ ବେଳକୁ ୩, ୧୯, ୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବିହାର ନିଜେ କରିଥିବା ଜାତିଗଣନା ରିପୋର୍ଟର ତଥ୍ୟାନୁଯାୟୀ ୯୪ ଲକ୍ଷ ପରିବାରର ଦୈନିକ ଆୟ ୨୦୦ ଟଙ୍କାରୁ ମଧ୍ୟ କମ୍। ୨ କୋଟି ୨୦ ଲକ୍ଷ ଲୋକ ଶ୍ରମିକ ଭାବେ କାର୍ଯ୍ୟରତ। ୯୫% ପରିବାରର ନିଜସ୍ୱ ଯାନ ନାହିଁ। ପ୍ରାୟ ୧୨ କୋଟି ଜନସଂଖ୍ୟାରୁ ମାତ୍ର ୧୦% ଦ୍ୱାଦଶ-ଉତ୍ତୀର୍ଣ୍ଣ। ପ୍ରତି ୫ ଜଣ ସ୍ନାତକଙ୍କ ମଧ୍ୟରୁ ୪ ଜଣ ବେକାର। ତେଣୁ ଯୁବବର୍ଗର ସିଂହଭାଗ ଦାଦନ।

ନିତି ଆୟୋଗର ୨୦୨୩-୨୪ ରିପୋର୍ଟ ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ, ବୁଭୁକ୍ଷୁ ଓ ଦାରିଦ୍ର୍ୟ ଦୂରୀକରଣ, ଶ୍ରମ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବିହାରର ପ୍ରଦର୍ଶନ ଦେଶରେ ସବୁଠାରୁ ନୈରାଶ୍ୟଜନକ। ୨୦ ହଜାରରୁ ଅଧିକ ସ୍କୁଲ୍‌ରେ ବିଜୁଳି ନାହିଁ, ୭୬ ହଜାରରୁ ଅଧିକରେ କମ୍ପ୍ୟୁଟର ନାହିଁ। ସ୍କୁଲ୍ ଡ୍ରପ୍ ଆଉଟ୍ ହାରରେ ବିହାର ଦେଶର ପ୍ରଥମ ସ୍ଥାନରେ ରହିଛି। ରାଜ୍ୟର ୯୦% ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କିମ୍ବା ପାରାମେଡିକାଲ୍ କର୍ମୀ ନାହାନ୍ତି। ପ୍ରତି ତିନିଜଣରେ ଦୁଇଜଣ ମହିଳା ରକ୍ତହୀନତାର ଶିକାର। ମାତ୍ର ୧୧ ପ୍ରତିଶତ ଶିଶୁ ପୌଷ୍ଟିକ ଖାଦ୍ୟ ପାଉଥିବା ବେଳେ ୫ ବର୍ଷରୁ କମ୍ ୪୦% ଶିଶୁ ପୁଷ୍ଟିହୀନ ଜନିତ ବିଭିନ୍ନ ଶାରୀରିକ ବିକାରରେ ଆକ୍ରାନ୍ତ।

ନୀତୀଶଙ୍କ ଶାସିତ ବିହାରରେ ଦୁର୍ନୀତି, ମନମୁଖି କାର୍ଯ୍ୟକଳାପ, ଭ୍ରଷ୍ଟାଚାର ଏତେ ଅଧିକ ଯେ ଦୀର୍ଘ ଦଶବର୍ଷ ତଳୁ ଆରମ୍ଭ ହୋଇଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏବେ ମଧ୍ୟ ନିର୍ମାଣାଧୀନ କିମ୍ବା ଭାଙ୍ଗିରୁଜି ଗଲାଣି। ଗତ ଦୁଇବର୍ଷ ମଧ୍ୟରେ ବିହାରରେ ହତ୍ୟା ଘଟଣା ୨୫% ବୃଦ୍ଧି ପାଇଛି ଏବଂ ଅପରାଧିକ କାର୍ଯ୍ୟକଳାପରେ ବିହାର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଣୁ ରାଜ୍ୟରେ ବ୍ୟବସାୟ ଆରମ୍ଭ କିମ୍ବା ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକାଂଶ ନିବେଶକ, ଶିଳ୍ପପତି ଓ ବ୍ୟବସାୟୀ ଅନାଗ୍ରହୀ।

କେନ୍ଦ୍ର ପରିସଂଖ୍ୟାନ ଓ ଯୋଜନା ରୂପାୟନ ମନ୍ତ୍ରଣାଳୟର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ଦେଶର ସାମଗ୍ରିକ ଶ୍ରମଶକ୍ତିରେ ବିହାର ମହିଳାଙ୍କ ଅବଦାନ ମାତ୍ର ୮.୮ ପ୍ରତିଶତ, ଯାହା ଅନ୍ୟ ରାଜ୍ୟ ତୁଳନାରେ ସର୍ବନିମ୍ନ। ଅପରପକ୍ଷରେ ରାଜ୍ୟର ମହିଳା ଶ୍ରମଶକ୍ତିର ତିନି-ଚତୁର୍ଥାଂଶ କୃଷିରେ ନିୟୋଜିତ, ଯାହା ଦେଶରେ ସର୍ବାଧିକ। ସହରାଞ୍ଚଳରେ ବେରୋଜଗାର ମହିଳାଙ୍କ ହାର ୫୨.୩%। ତେଣୁ ନୀତୀଶ କୁମାରଙ୍କ ପର୍ଯ୍ୟାୟଭିତ୍ତିକ ମୋଟ ୨ ଲକ୍ଷ ଟଙ୍କା ନଗଦ ହସ୍ତାନ୍ତର ଯୋଜନା ବିହାର ମହିଳାମାନଙ୍କୁ କେତେ ସ୍ୱାବଲମ୍ବୀ କରିପାରିବ ଏବଂ ସେମାନଙ୍କ ପରିବାରର ଗରିବୀ କେତେ ହ୍ରାସ କରିପାରିବ ତାହା ବୁଝାଇ କହିବା ଆବଶ୍ୟକ ନାହିଁ।

୨୦ ବର୍ଷର ସମୟ କିଛି କମ୍ ନୁହେଁ। ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ସାମାଜିକ-ଅର୍ଥନୈତିକ ମାନଦଣ୍ଡରେ ବିହାର ସହିତ ପ୍ରାୟ ସମରେଖା ଥିବା ଓଡ଼ିଶା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ନିଷ୍ଠା, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ବଳରେ ସେହି ସମାନ ସମୟ ମଧ୍ୟରେ ଜାତୀୟସ୍ତରରେ ବିକାଶ ମଡେଲ୍‌ରେ ଉଦାହରଣୀୟ ହୋଇପାରିଛି ଏବଂ ବିଶ୍ୱସ୍ତରରେ ସମ୍ମାନିତ ହୋଇଛି। ଅଥଚ ବିହାରର ବିକାଶଧାରା ଆଜି ମଧ୍ୟ ସେହି ଜାତିବାଦରେ ସୀମିତ। ତେଣୁ ନୀତୀଶଙ୍କ ଜନକଲ୍ୟାଣମୁଖୀ କାର୍ଯ୍ୟଧାରା ଭୋଟରଙ୍କୁ ଆକୃଷ୍ଟ କରିଛି ବୋଲି ଯେଉଁ ବ୍ୟାଖ୍ୟାନ ସୃଷ୍ଟି ହୋଇଛି ତାହା କେତେ ବାସ୍ତବ ବିଚାରସାପେକ୍ଷ।

ଏହି ବ୍ୟାଖ୍ୟାନ ପଛର ବାସ୍ତବତା ହେଉଛି ଭୋଟଦାନରେ ମହିଳମାନଙ୍କର ଅଭୂତପୂର୍ବ ଯୋଗଦାନ। ଗତ ବିଧାନସଭା ନିର୍ବାଚନ ତୁଳନାରେ ଚଳିତ ଥର ବିହାର ମହିଳାଙ୍କ ଭୋଟଦାନ ହାର ୧୮% ବୃଦ୍ଧି ପାଇଛି। କିନ୍ତୁ ଏବେ ପ୍ରଶ୍ନ ଉଠୁଛି ଭୋଟଦାନରେ ମହିଳାଙ୍କ ଏହି ଆତିଶଯ୍ୟ ସ୍ୱତଃସ୍ଫୂର୍ତ୍ତ ନା ପ୍ରାୟୋଜିତ? ବିହାରରେ ମହିଳାମାନଙ୍କ ହାରାହାରି ମୁଣ୍ଡପିଛା ବାର୍ଷିକ ଆୟ ମାତ୍ର ୪୯, ୦୦୦ ଟଙ୍କା। ତେଣୁ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ନାମରେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଘୋଷଣା ସେମାନଙ୍କ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମାନସିକତାକୁ ପ୍ରଭାବିତ କରି ଭୋଟରେ ରୂପାନ୍ତରିତ ହୋଇଥିବା ନିଶ୍ଚିତ। ଚତୁରତାର ସହିତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏହି ଯୋଜନାର କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଅଭିଯୋଗ ଅନୁଯାୟୀ ଭୋଟଦାନ ପୂର୍ବଦିନ ପର୍ଯ୍ୟନ୍ତ ମହିଳାମାନଙ୍କ ଖାତାକୁ ପ୍ରଥମ ପର୍ଯ୍ୟାୟର ୧୦ ହଜାର ଟଙ୍କା ଲେଖାଏଁ ଆସୁଥିଲା। ତେଣୁ 'ନୋଟ୍ ଫର ଭୋଟ୍' ବା 'ଟଙ୍କା ବଦଳରେ ଭୋଟ' ରଣକୌଶଳଟି ବିହାରରେ ଏକପ୍ରକାର ବୈଧ ହୋଇଗଲା।

ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାରେ ଲୋକସଭା କିମ୍ବା କୌଣସି ରାଜ୍ୟ ବିଧାନସଭା ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରମାନେ ବଜେଟ୍‌ରେ ଉଦ୍ଦେଶ୍ୟମୂଳକ ବ୍ୟୟବରାଦ କରିପାରିବେ ନାହିଁ କି ପ୍ରଭାବଶାଳୀ ଜନକଲ୍ୟାଣମୂଳକ ଯୋଜନା ଘୋଷଣା କରିପାରିବେ ନାହିଁ। ଯଦି ଏଭଳି ହୁଏ ତେବେ ଆମ ସମ୍ବିଧାନ ଦ୍ୱାରା ଅଖଣ୍ଡ କ୍ଷମତାପ୍ରାପ୍ତ ନିର୍ବାଚନ ଆୟୋଗ ଏହାକୁ ଅସିଦ୍ଧ ଘୋଷଣା କରିପାରିବେ। ଅଥଚ ବିହାର ନିର୍ବାଚନରେ ଏହା ସିଦ୍ଧ ହୋଇଗଲା କେମିତି? ଏହି ପରିପେକ୍ଷୀରେ ୧୯୮୦ ଦଶକରେ କିମ୍ବଦନ୍ତୀ କ୍ରିକେଟ୍ ତାରକା ସୁନିଲ୍ ଗାଭାସ୍କରଙ୍କ ମନ୍ତବ୍ୟର ଉଦ୍ଧୃତି ଅଧିକ ପ୍ରାସଙ୍ଗିକ ହେବ। ସେହି ସମୟରେ ଇଂଲଣ୍ଡରେ ପାକିସ୍ତାନର ତତ୍କାଳୀନ କ୍ୟାପ୍ଟେନ୍ ଇମ୍ରାନ୍ ଖାନ୍‌ଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କଲେ- 'ଆପଣ ଭାରତର କେଉଁ ଦୁଇ ଖେଳାଳିଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବେ?' ଇମ୍ରାନ୍‌ଙ୍କ ଉତ୍ତର ଥିଲା- 'କପିଳ ଦେବ ଓ ସନ୍ଦୀପ ପାଟିଲ୍।' ସମାନ ପ୍ରଶ୍ନର ଉତ୍ତରରେ ଗାଭାସ୍କାର କହିଥିଲେ- 'ମୁଁ ପାକିସ୍ତାନର ଦୁଇ ଅମ୍ପାୟାରଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବି।' ଭାରତରେ ଗତ କିଛିମାସର ନିର୍ବାଚନ ଓ ଫଳାଫଳ ଧାରାକୁ ତର୍ଜମା କଲେ ଅମ୍ପାୟାରମାନଙ୍କର ପ୍ରଚ୍ଛନ୍ନ ଭୂମିକାକୁ ବୁଝିବା ଆହୁରି ପ୍ରାଞ୍ଜଳ ହେବ ଏବଂ ବିହାର ସମେତ ଅନ୍ୟାନ୍ୟ ନିର୍ବାଚନରେ ବ୍ୟାଖ୍ୟାନ-ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟର ଚିତ୍ର ଆହୁରି ଅଧିକ ସ୍ପଷ୍ଟ ହେବ। ଏଭଳି ଅମ୍ପାୟାରମାନଙ୍କ ବଶମ୍ବଦତା ଆଧାରିତ ନିର୍ବାଚନ ପରିଚାଳନା ପରମ୍ପରାଟି ଅଧିକ ସୁଦୃଢ଼ ହେଲେ ମ୍ୟାଚ୍ ଶତପ୍ରତିଶତ ଜିତାଯାଇପାରିବ; କିନ୍ତୁ ଦେଶର ଅବସ୍ଥା ପାକିସ୍ତାନ ପରି ହେବାକୁ ବେଶୀ ବିଳମ୍ବ ହେବ ନାହିଁ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ବଢ଼ୁଛି ଆଣ୍ଟିବାୟୋଟିକ୍ ସଙ୍କଟ

## ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ସଂପ୍ରତି ବିଶ୍ୱରେ ଚାଲିଛି ଏକ ଅସାଧାରଣ ମହାସମର। ମହାସମରଟି ପୁଣି କାହା କାହା ଭିତରେ? କିଏ ପକ୍ଷ କିଏ ପ୍ରତିପକ୍ଷ? ପକ୍ଷ ହେଉଛି ବୈଜ୍ଞାନିକମାନେ ଗବେଷଣାଗାରେ ତିଆରି କରି ଚାଲିଥିବା ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ଏବଂ ପ୍ରତିପକ୍ଷ ହେଉଛନ୍ତି ରୋଗ ସୃଷ୍ଟି କରିଚାଲୁଥିବା ଜୀବାଣୁକୁଳ। କୌଣସି ପକ୍ଷ ହାର ମାନିବା ପାଇଁ ନାରାଜ। ଏହି ସମର ଯୋଗୁଁ ରୋଗୀମାନେ ସନ୍ତୁଳି ହେବାର ସୀମା ନାହିଁ। ଜୀବାଣୁମାନଙ୍କର ଏହି ବିରୋଧୀକୁ ଡାକ୍ତରୀ ଭାଷାରେ କୁହାଯାଉଛି ଆଣ୍ଟିମାଇକ୍ରୋବିଆଲ ରେଜିଷ୍ଟାନ୍ସ। ଆଣ୍ଟିବାୟୋଟିକ କବଳରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଜୀବାଣୁମାନେ ବଦଳେଇ ଦେଉଛନ୍ତି ନିଜର ଶାରୀରିକ ଗଠନ(ବିଜ୍ଞାନର ଭାଷାରେ ଏଭଳି ରାସାୟନିକ ପରିବର୍ତ୍ତନକୁ ମ୍ୟୁଟେସନ କୁହାଯାଏ)। ବିଶ୍ୱରେ ସ୍ୱାସ୍ଥ୍ୟ ସାମର୍ଥ୍ୟ ଯେଉଁ ହାରରେ ପ୍ରଗତି ହୋଇଚାଲିଛି ତା'ଠାରୁ ଯଥେଷ୍ଟ ବେଶୀ ହାରରେ ପ୍ରସରି ଚାଲିଛି ଜୀବାଣୁ ବା ଅଣୁଜୀବମାନଙ୍କର ବିରୋଧୀ ସଂଗ୍ରାମ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ସତର୍କ କରି ଦେଲାଣି ଯେ ଯେଉଁ ହାରରେ ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ପ୍ରସ୍ତୁତ ହେଉଛି, ତା' ତୁଳନାରେ ଆଣ୍ଟିବାୟୋଟିକ ବିରୋଧିତାର ହାର ଅଧିକ ଦ୍ରୁତ।

ଆଣ୍ଟିବାୟୋଟିକ ଔଷଧମାନ ବାହାରିବାର ଆଦିକାଳରେ ଡାକ୍ତରମାନେ ହେଣ୍ଡିମାରି, ନିଶ ଫୁଲେଇ କହି ଚାଲିଲେ ଯେ ଅଣୁ ଜୀବମାନେ ଏବେ ଆମ କବଜାରେ, ଆମେ ବିଜୟୀ। ଜୀବାଣୁ ଜାତି ପରାଜିତ! ଏବେ କିନ୍ତୁ ଦୃଶ୍ୟପଟ୍ଟ ସଂପୂର୍ଣ୍ଣ ଓଲଟା। ଜୀବାଣୁମାନଙ୍କ ଆକ୍ରମଣ ଜାରି ରହିଛି। ରୋଗୀଙ୍କ ଉପରେ ଆଣ୍ଟିବାୟୋଟିକ ଔଷଧ କାଟୁକରୁନି। ବେଖାତିରିଆ ଜୀବାଣୁମାନଙ୍କ ବାହୁସ୍ଫୋଟ ଆଗରେ ମୁଣ୍ଡରେ ହାତଦେଇ ବସିଲେଣି ଚିକିତ୍ସକଗୋଷ୍ଠୀ। ବିଶ୍ୱସ୍ୱାସ୍ଥ୍ୟସଂସ୍ଥାର ଏକ ଅନୁଧ୍ୟାନ କହୁଛି ଯେ ଜୀବାଣୁ ସଂକ୍ରମିତ ପ୍ରତି ଛଅଜଣ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଜଣେ କୌଣସି ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହୋଇପାରିନାହିଁ।

ତେବେ ଏପରି ସଙ୍କଟଜନକ ପରିସ୍ଥିତି ଉପୁଜିବାର କାରଣ କ'ଣ? ଏବଂ କିପରି ଅବା ତାହା କାବୁ କରାଯାଇପାରିବ? ଏହାର ପ୍ରଧାନ କାରଣ ହେଉଛି ଆଣ୍ଟିବାୟୋଟି ଔଷଧଗୁଡ଼ିକରେ ପ୍ରଚୁର ଅପବ୍ୟବହାର ଏବଂ ମାତ୍ରାଧିକ ବ୍ୟବହାର। ଏଥିପାଇଁ ଦାୟୀ ହେଉଛନ୍ତି ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ବ୍ୟକ୍ତି ଓ ଜନସାଧାରଣ ଉଭୟେ। ସାଧାରଣ ସର୍ଦ୍ଦି, ଜ୍ୱର, ଫ୍ଲୁ, ଡେଙ୍ଗୁ ଓ ମ୍ୟାଲେରିଆର ଚିକିତ୍ସା କୌଣସି ଆଣ୍ଟିବାୟୋଟିକ ଆବଶ୍ୟକ କରେ ନାହିଁ। ଅଥଚ ଏହି ସବୁ ରୋଗରେ ଆଣ୍ଟିବାୟୋଟି ଔଷଧଗୁଡ଼ିକର ଅନିୟନ୍ତ୍ରିତ ବ୍ୟବହାର ଅବ୍ୟାହତ ରହିଛି। ରୋଗୀମାନେ ଡାକ୍ତରଙ୍କ ସହିତ ପରାମର୍ଶ ନ କରି ଔଷଧ ଦୋକାନରୁ କିଣି ନିର୍ବାଧରେ ଆଣ୍ଟିବାୟୋଟିକ ଔଷଧମାନ ଖାଇ ଚାଲିଛନ୍ତି। ଆପେ ଆପେ ଡାକ୍ତର ହୋଇଯାଇଥିବା ଔଷଧ ଦୋକାନୀମାନେ ମଧ୍ୟ ଡାକ୍ତରଙ୍କ ପ୍ରେସକ୍ରିପସନ ଆବଶ୍ୟକ କରୁନାହାନ୍ତି ଔଷଧ ବିକିବା ପାଇଁ। ସେହିପରି ପୂରା ସମୟ ପାଇଁ ଔଷଧ ନ ଖାଇ ଉପଶମ ମିଳିଗଲା ପରେ ଚିକିତ୍ସାର ଅଧାରୁ ଔଷଧର ବ୍ୟବହାର ବନ୍ଦ କରିଦେବା ଭାରତରେ ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁଗୁଡ଼ିକର ଅବାରିତ ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ।

ହସପିଟାଲଗୁଡ଼ିକରେ ମଧ୍ୟ ଆଣ୍ଟିବାୟୋଟିକ ପ୍ରତି ବିରୋଧିତା ଥିବା ଜୀବାଣୁମାନେ ହାଉଯାଉ। ତେଣୁ ସଂକ୍ରମଣ ଚିକିତ୍ସା ଉଭା ହୋଇପଡ଼ିଲାଣି ଏକ ଆହ୍ୱାନ ରୂପେ। ଯେଉଁ ରୋଗମାନ ଅତି ସାଧାରଣ ଆଣ୍ଟିବାୟୋଟିକ ଔଷଧ ପ୍ରୟୋଗ ଦ୍ୱାରା ଅତି ସହଜରେ ଆରୋଗ୍ୟ ହୋଇ ଯାଉଥିଲା, ସେସବୁ ଉଚ୍ଚଶକ୍ତି ସଂପନ୍ନ ଆଣ୍ଟିବାୟୋଟିକ ତଥା ଅତ୍ୟାଧୁନିକ ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହେଉ ନାହିଁ। ଜୀବାଣୁମାନେ ସାଧାରଣ ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ପ୍ରତି ବିରୋଧୀ ହୋଇପଡ଼ିବା ଫଳରେ ଡାକ୍ତରମାନେ ବାରମ୍ବାର ଆଣ୍ଟିବାୟୋଟିକ ବଦଳେଇବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ଜୀବାଣୁଗୁଡ଼ିକୁ ଆଣ୍ଟିବାୟୋଟିକଗୁଡ଼ିକ ପ୍ରତି ବେଶୀ ବେଶୀ ବିରୋଧୀ କରେଇ ଦେବାରେ ସହାୟକ ହେଉଛି।

ତା' ହେଲେ କ'ଣ ଏହାର ପ୍ରତିକାର? ଭାରତର ସମସ୍ୟା ହେଉଛି, ଏଠାରେ ଜନସାଧାରଣଙ୍କ ସଂଖ୍ୟାବୃଦ୍ଧିକୁ ଚାହିଁ ଯଥେଷ୍ଟ ସଂଖ୍ୟକ ହସପିଟାଲ ନାହିଁ। ଆବଶ୍ୟକତା ଅନୁପାତରେ ଚିକିତ୍ସକ ନାହାନ୍ତି। ସୁତରାଂ ଡାକ୍ତର-ରୋଗୀ ଅନୁପାତ ଅସ୍ୱାଭାବିକ ଭାବରେ ଅସନ୍ତୁଳିତ। ହସପିଟାଲର ପରିମଳ ବ୍ୟବସ୍ଥା ବଡ଼ ଅସନ୍ତୋଷଜନକ। ରୋଗୀ ସହିତ କାରବାର କରିବା ପୂର୍ବରୁ ଓ ପରେ ଭଲଭାବରେ ହାତ ଧୋଇବାର ଶୃଙ୍ଖଳାକୁ କଡ଼ାକଡ଼ି ଭାବରେ ପାଳନ ନ କରିବା ଫଳରେ ସଂକ୍ରମଣ ହାର ଦ୍ରୁତ ହେଉଛି। ସ୍ୱାସ୍ଥ୍ୟକର୍ମୀମାନେ ଏଥିପ୍ରତି ସତତ ସଚେତନ ରହିଲେ ଆଣ୍ଟିବାୟୋଟିକ ବିରୋଧିତାକୁ ବହୁଳାଂଶରେ ନିବାରିତ କରାଯାଇପାରିବ। ତା'ଛଡ଼ା ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ରୋଗୀଙ୍କୁ ପୃଥକୀକରଣ କରାଇ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ। ହସପିଟାଲରେ ସଂକ୍ରମଣରେ ପ୍ରସାରକୁ ରୋକିବା ପାଇଁ ରୋଗୀର ଶଯ୍ୟା, ବେଡସିଟ୍, କମ୍ବଳ, ରୋଗୀ ଚିକିତ୍ସାରେ ବ୍ୟବହୃତ ନାନା ଉପକରଣକୁ ଯେତେଦୂର ସମ୍ଭବ ଜୀବାଣୁମୁକ୍ତ ରଖାଯାଇପାରିବ ଆଣ୍ଟିବାୟୋଟିକ ବିରୋଧତାକୁ ସେତେ ପରିମାଣରେ ହ୍ରାସ କରାଯାଇ ପାରିବ। ଏ ସଂପର୍କରେ ଜନସାଧାରଣ, ସ୍ୱାସ୍ଥ୍ୟକର୍ମୀ, ଔଷଧ ଦୋକାନୀ, ରୋଗୀ, ଫାର୍ମାସିଷ୍ଟ, ନର୍ସ ଓ ଡାକ୍ତରମାନେ ସଚେତନ ନ ରହିଲେ ଆଣ୍ଟିବାୟୋଟିକ ବିରୋଧିତା ବିରୁଦ୍ଧରେ ସଂଗ୍ରାମ ଆଦୌ ସଫଳ ହୋଇପାରିବନି।

ସମ୍ପ୍ରତି ଭାରତ ଏ ଦିଗରେ ଅନ୍ତର୍ଜାତୀୟ ସହଯୋଗ ଲୋଡ଼ିବା, ଆଣ୍ଟିବାୟୋଟିକ ପ୍ରସ୍ତୁତି ସଂପର୍କରେ ଗବେଷଣା କରିବା, ନୂତନ ପିଢ଼ିର ଆଣ୍ଟିବାୟୋଟିକ ତିଆରି କରିବା ଇତ୍ୟାଦି ପାଇଁ ଭାରତର ପ୍ରଚେଷ୍ଟା ବେଶ୍ ଉତ୍ସାହଜନକ।। ତେବେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ପାରିବନି କି ଏଥିରେ କୌଣସି ପ୍ରକାରର ଅବହେଳା ଆଦୌ ବାଞ୍ଛନୀୟ ନୁହେଁ। ବେଳହୁଁ କଠୋର ପଦକ୍ଷେପ ଗ୍ରହଣ ନ କଲେ ଆଣ୍ଟିବାୟୋଟିକ ବିରୋଧିତା ଏକ ବିରାଟ ସମସ୍ୟା ରୂପେ ଉଭାହେବ। ଏ କ୍ଷେତ୍ରରେ ଦଣ୍ଡବିଧାନକୁ କଡ଼ାକଡ଼ି କରିବାକୁ ପଡ଼ିବ।

କଟକ, ମୋ: ୯୪୩୭୭୬୬୧୧୭

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ତୁଳସୀ
Holy Basil-Ocimum tenuiflorum

## ସୌଭାଗ୍ୟସୁନ୍ଦର

ତୁଳସୀ ଭାରତୀୟ ଉପମହାଦେଶର ମୂଳଜାତ ଉଦ୍ଭିଦ ଏବଂ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ବଢ଼ିଥାଏ। ଏହା ଆମେରିକାର ଅନେକ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ମଧ୍ୟ ପ୍ରାକୃତିକୀକରଣ ହୋଇସାରିଛି। ଔଷଧୀ ତଥା ଧାର୍ମିକ ବିଶେଷତ୍ୱ ଦୃଷ୍ଟିରୁ ତୁଳସୀ ସାଧାରଣତଃ ଏକ ବହୁଆଦୃତ ଉଦ୍ଭିଦ। ତୁଳସୀର ଶହେରୁ ଅଧିକ ପ୍ରକାରର ଉପଜାତି ଅଛି। କିନ୍ତୁ ଦୁଇଟି ସାଧାରଣ ଉପଜାତିର ନାମ ହେଉଛି ରାମ ତୁଳସୀ, ଯାହା ଧଳା ଏବଂ ସବୁଜ ଏବଂ ଶ୍ୟାମ ତୁଳସୀ, ଯାହା ଗାଢ଼ ଗୋଲାପୀ-ବାଇଗଣୀ। ତୁଳସୀର ଅନ୍ୟ ଲୋକପ୍ରିୟ ପ୍ରକାର ହେଉଛି କୃଷ୍ଣ ତୁଳସୀ, ବଣ ତୁଳସୀ, କର୍ପୁର ତୁଳସୀ ଇତ୍ୟାଦି।

ଆୟୁର୍ବେଦ ଜଡ଼ିବୁଟିର 'ରାଣୀ' ଭାବରେ ଜଣାଶୁଣା ତୁଳସୀକୁ ସାଧାରଣତଃ ପବିତ୍ରତା, ଭକ୍ତି ଏବଂ ଅନନ୍ତ ଜୀବନର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ପରମ୍ପରାରେ ତୁଳସୀ ଗଛ ଦେବୀ ତୁଳସୀ କିମ୍ବା ବୃନ୍ଦାଙ୍କ ଏକ ଭୌତିକ ଅବତାର, ଯାହାଙ୍କ ଉପସ୍ଥିତି ଆଶୀର୍ବାଦ, ଆଧ୍ୟାତ୍ମିକ ଶକ୍ତି ଓ ସୁରକ୍ଷା ପ୍ରଦାନ କରେ। ତୁଳସୀ ବାତାବରଣକୁ ପବିତ୍ର, ନକାରାତ୍ମକତାକୁ ଦୂର ଏବଂ ଉଭୟ ଶାରୀରିକ ଓ ମାନସିକ ଆରୋଗ୍ୟ ପ୍ରଦାନ କରେ। ଘରେ ଘରେ ପୂଜା ପାଉଥିବା ଉଦ୍ଭିଦ ମଧ୍ୟରେ ତୁଳସୀର ସ୍ଥାନ ସର୍ବାଗ୍ରେ। ଆୟୁର୍ବେଦ ଓ ସିଦ୍ଧ ଚିକିତ୍ସାରେ ବାହ୍ୟ ଓ ଆଭ୍ୟନ୍ତରୀଣ ଶରୀରକୁ ସଫା କରିବା ପାଇଁ ତୁଳସୀ ବ୍ୟବହାର କରାଯାଏ। ଏହା କୋଷ, ଟିସୁଗୁଡ଼ିକର ପ୍ରାକୃତିକ ସୁରକ୍ଷାକାରୀ ଭାବରେ କାର୍ଯ୍ୟ କରେ। ଏହା ବାୟୁ ପ୍ରଦୂଷକ, ଭାରୀ ଧାତୁ, ଶାରୀରିକ ଚାପ, ଇସ୍କେମିଆ (କ୍ଷୁଦ୍ର ରକ୍ତ ସଞ୍ଚାଳନ), ଥଣ୍ଡା, ଗରମ ଓ ଅତ୍ୟଧିକ ଶବ୍ଦ ଇତ୍ୟାଦି କାରଣ ଦ୍ୱାରା ସୃଷ୍ଟ ଚାପରୁ ରକ୍ଷା କରେ। ଚର୍ମ ସଂକ୍ରମଣ, କ୍ଷତ, ବ୍ରଣ, ଅନ୍ୟାନ୍ୟ ଚର୍ମ ଜ୍ୱଳନ, କାଶ, ଥଣ୍ଡା, ରକ୍ତସ୍ରାବ, ମଧୁମେହ, ଜ୍ୱର ଓ କର୍କଟ ନିବାରଣ ପାଇଁ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ତୁଳସୀ ଉତ୍ତମ ଘରୋଇ ଉପଚାର।

ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ବା ଭୂତାଣୁ ରୋଧୀ, ଆଣ୍ଟିଫଙ୍ଗାଲ୍(ପ୍ରଦାହରୋଧୀ) ଓ ଆନାଲ୍ଜେସିକ୍ (ବ୍ୟଥାନାଶକ) ଗୁଣ ରହିଛି। ଏଥିସହିତ ତୁଳସୀ ଗଛରେ ଟ୍ୟାନିନ୍, ଫ୍ଲାଭୋନଏଡ୍ସ, ୟୁଜେନୋଲ୍, ବିଟା-ଏଲିମେନ୍, ଟର୍ପେନ୍ସ, ଜର୍ମାକ୍ରେନ୍, କାରିଓଫାଇଲିନ୍, କାରଭାକ୍ରୋଲ୍, ଲିନାଲୁଲ୍, କର୍ପୁର ଓ ସିନାମିଲ୍ ଆସେଟେଟ୍ ସମେତ ବିଭିନ୍ନ ଫାଇଟୋକେମିକାଲ୍ସ ଆଦି ୬୦ ରୁ ଅଧିକ ବିଭିନ୍ନ ସୁଗନ୍ଧ ଯୁକ୍ତ ଯୌଗିକ ଜୈବ ରାସାୟନିକ ଉପାଦାନ ରହିଛି। ସ୍ୱାଦ ବୃଦ୍ଧି କରିବା ପାଇଁ ଯେକୌଣସି ଉପାଦାନରେ ତୁଳସୀ ପତ୍ର ବ୍ୟବହୃତ ହୁଏ। ତୁଳସୀ ଅତ୍ୟାବଶ୍ୟକୀୟ ତେଲର ଏକ ସାଧାରଣ ଉତ୍ସ, ଯାହା ୦.୨ ରୁ ୫.୨୨% ପର୍ଯ୍ୟନ୍ତ ଏହି ଉପକାରୀ ଉପାଦାନ ପ୍ରଦାନ କରେ। ସୁଗନ୍ଧିତ ଅତ୍ୟାବଶ୍ୟକୀୟ ତେଲ ଏବଂ ପଲିଫେନୋଲଗୁଡ଼ିକ ସ୍ୱାଦ, ସୁଗନ୍ଧ, ପ୍ରସାଧନ ସାମଗ୍ରୀ, ଆରୋମାଥେରାପି ଓ ଔଷଧ ଓ କୀଟନାଶକ ଉତ୍ପାଦନ ଶିଳ୍ପରେ ବ୍ୟବହୃତ ହୁଏ।

ଉତ୍ତର ପ୍ରଦେଶରେ ପବିତ୍ର ତୀର୍ଥକ୍ଷେତ୍ର ବୃନ୍ଦାବନ, ଓଡ଼ିଶାର କେନ୍ଦ୍ରାପଡ଼ା ବଳଦେବଜିଉ ସମେତ ଭାରତର ଅନେକ ଧାର୍ମିକ କ୍ଷେତ୍ରରେ ତୁଳସୀ ମନ୍ଦିରମାନ ଶୋଭା ପାଏ। ପ୍ରାୟତଃ ଏକ ଉତ୍ସର୍ଗୀକୃତ ଚାରିପାଖିଆ ଚଉଁରାରେ ଅଗଣାରେ, ସକାଳୁଆ ସୂର୍ଯ୍ୟ କିରଣ ପହଞ୍ଚ ଯାଗାରେ ସ୍ଥାପନା କରାଯାଏ। ଏହି ଉଦ୍ଭିଦଟି ଭଗବାନ ବିଷ୍ଣୁଙ୍କ ଅବତାର କୃଷ୍ଣ, ଜଗନ୍ନାଥଙ୍କ ପାଇଁ ବିଶେଷ ଭାବରେ ପବିତ୍ର; ବୈଷ୍ଣବ (ବିଷ୍ଣୁଙ୍କ ଭକ୍ତ) ମାନେ ଗଳାରେ ପବିତ୍ର ତୁଳସୀ କାଠ ମଣିର ଏକ ମାଳା ପିନ୍ଧନ୍ତି। କାର୍ତ୍ତିକ ମାସରେ ସନ୍ଧ୍ୟାରେ ଦୀପ ଜାଳିବା ସହିତ ତୁଳସୀ ଗଛ ମୂଳରେ ପୂଜା କରାଯାଏ। ହିନ୍ଦୁ ବିବାହ ଋତୁର ଆରମ୍ଭ ତୁଳସୀ ବିବାହ ନାମରେ ଜଣାଶୁଣା ଏକ ପର୍ବ ଦ୍ୱାରା ହୁଏ, ଯେଉଁଠାରେ ଘର ଓ ମନ୍ଦିରଗୁଡ଼ିକରେ ପବିତ୍ର ତୁଳସୀକୁ ବିଷ୍ଣୁଙ୍କ ସହିତ ବିବାହ କରାଯାଏ। ମୃତକଙ୍କ ଆତ୍ମାକୁ ଶାନ୍ତ କରିବା ପାଇଁ ପ୍ରାୟତଃ ତୁଳସୀ ପତ୍ର ମିଶା ଜଳ ଦିଆଯାଏ ଏବଂ ଶବଦାହରେ ସାଧାରଣତଃ ପବିତ୍ର ତୁଳସୀ ଡାଳ ଲଗାଯାଇଥାଏ, ଯାହା ଦ୍ୱାରା ମୃତକ ମୋକ୍ଷ ପାଇପାରିବେ ବୋଲି ବିଶ୍ୱାସ ରହିଛି।

ଏହା ଆର୍ଦ୍ର, ଭଲ ଜଳ ନିଷ୍କାସନ ହୋଇଥିବା ମାଟିରେ ପୂର୍ଣ୍ଣ ସୂର୍ଯ୍ୟକିରଣ ଲାଭ ଯାଗାରେ ବଢ଼ିବାକୁ ପସନ୍ଦ କରେ। ଏହା ବିଭିନ୍ନ ପ୍ରକାରର ମାଟି ଏବଂ ଅମ୍ଳତା ଅବସ୍ଥାକୁ ସହ୍ୟ କରେ, କିନ୍ତୁ ଜଳବନ୍ଦୀ ମାଟି ବିପରୀତ ପ୍ରଭାବ ପକାଏ। ଜାପାନୀ ପୋକମାନେ ପତ୍ରକୁ କଙ୍କାଳ କରି ନଷ୍ଟ କରିପାରନ୍ତି। ହାତରେ ସେଗୁଡ଼ିକୁ କାଢ଼ି ଅଲଗା କରି ଗଛକୁ ମୁକ୍ତ ରଖିବାକୁ ହେବ। ଏହାକୁ କିଛି ଅଞ୍ଚଳରେ ଏକ ଅନାବନା ତଥା ଆକ୍ରମଣକାରୀ ଜାତୀୟ ଉଦ୍ଭିଦ ଭାବରେ ବିବେଚନା କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୁର୍ଗମ ଅଞ୍ଚଳରେ ଶ୍ରମିକଙ୍କ ସମସ୍ୟା ବୁଝିଲେ ଶ୍ରମ ଅଧିକାରୀ

**ବୌଦ୍ଧ/ଶଗଡ଼ା, ୩୦।୧୧(ସମିସ):** ବୌଦ୍ଧ ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ ଦୁର୍ଗମ ଅଞ୍ଚଳରେ ପହଞ୍ଚି ଶ୍ରମିକଙ୍କ ସମସ୍ୟା ବୁଝିଛନ୍ତି। ଶ୍ରମ ଅଧିକାରୀ କଣ୍ଟାମାଳ ବ୍ଲକ ଅଧୀନ ଲମ୍ବସରି ପଞ୍ଚାୟତ ଦୁର୍ଗମ ତଥା ପାହାଡ଼ ଏବଂ ନାଳ ଘେରା ଧେଣ୍ଟିକୁଟି ଗ୍ରାମରେ ପହଞ୍ଚି ଥିଲେ। ସେଠାରେ ରହୁଥିବା ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ ବିଷୟରେ ସେ ଆଲୋଚନା କରିଥିଲେ। ବିଭିନ୍ନ ସମୟରେ ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ପ୍ରାୟ ୩୦ରୁ ଅଧିକ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପଞ୍ଜୀକକରଣ କରିବା ପାଇଁ ଆବଶ୍ୟକ



କାଗଜାତ ସଂଗ୍ରହ କରିଥିଲେ। ବାହାର ରାଜ୍ୟକୁ କାମ କରିବାକୁ ଯିବା ପାଇଁ ହେଲେ ଆଇନ୍‌ରେ ଥିବା ପ୍ରାବଧାନ ସମ୍ପର୍କରେ ଶ୍ରମିକଙ୍କୁ ବୁଝାଇଥିଲେ। ଏହା ସହିତ କିଭଳି ଭାବେ ଆଇନଗତ ଏବଂ ସୁରକ୍ଷିତ ଭାବେ ବାହାର ରାଜ୍ୟକୁ କାମ କରିବାକୁ ଯିବେ ତାହା ଶ୍ରମିକଙ୍କ ସହ ଆଲୋଚନା କରିଥିଲେ। ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସହାୟତା ଯଥା ବିବାହ ସହାୟତା, ଶିକ୍ଷା ସହାୟତା, ପ୍ରସୂତି କାଳୀନ ସହାୟତା, ମୃତ୍ୟୁ ସହାୟତା, ଅନ୍ତେଷ୍ଟିକ୍ରୀୟା ସହାୟତା ସମ୍ପର୍କରେ ଶ୍ରମିକଙ୍କୁ ସୂଚାଇଥିଲେ। ପଞ୍ଜିକରଣ ପରେ ପ୍ରତିବର୍ଷ ଶ୍ରମ କାର୍ଡକୁ ନବୀକରଣ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଶ୍ରମ କାର୍ଡ ପଞ୍ଜିକରଣ, ନବୀକରଣ ଏବଂ ମିଳୁଥିବା ବିଭିନ୍ନ ସହାୟତା ପାଇଁ କୌଣସି ବ୍ୟକ୍ତିବିଶେଷ, ମଧ୍ୟସ୍ଥି କିମ୍ବା ଦଲାଲଙ୍କ ସଂସ୍ପର୍ଶରେ ନ ଆସି ସିଧା ସଳଖ ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲେ।

# ଜୟ ଭୈରବୀ କ୍ଲବ୍‌ର ନୂତନ କର୍ମକର୍ତ୍ତା

**ବୌଦ୍ଧ, ୩୦।୧୧(ସମିସ):** ଜୟ ଭୈରବୀ କ୍ଲବ୍‌ର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନିରୋଦ ମେହେରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସମ୍ପାଦକ ଅପୂର୍ବ ପଟ୍ଟନାୟକ ଓ ସଦସ୍ୟ ରାମଚନ୍ଦ୍ର ନାଏକଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତେବେ ନୂତନ ସଭାପତି ଭାବେ ସୁବାସ ଚନ୍ଦ୍ର ପଣ୍ଡା, ସମ୍ପାଦକ ଭାବେ କୈଳାସ ବେହେରା, ଉପସଭାପତି ଭାବେ ଅନିଲ ବେହେରା, ସହ ସମ୍ପାଦକ ଭାବେ କାର୍ତ୍ତିକ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ବିନୟ ନାଏକ ଓ ଉପଦେଷ୍ଟା ଭାବେ ରାଜେଶ ନାଏକ, ଶ୍ୟାମସୁନ୍ଦର ମହାପାତ୍ର, ନିରୋଦ ମେହେର ଓ ସୁନୀଲ ପରିଡ଼ାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ମନମୁଣ୍ଡା, ୩୦।୧୧(ସମିସ):** ଦମାମୁଣ୍ଡା ଉପ୍ରା ବିଦ୍ୟାଳୟ ଓ ହାଇସ୍କୁଲରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କଣ୍ଟାମଳ ବିଇଓ ଅଶୋଭ ରଞ୍ଜନ ମାଳିଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ପ୍ରଧାନ ଶିକ୍ଷକ ଗୋବିନ୍ଦ ମହାକୁଡ଼, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିତା ମେହରେ, ମୁଖ୍ୟ ବକ୍ତା ଭାବେ ବିନିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମଞ୍ଚାସୀନ ଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ରମେଶ ସାମଲ, ଦେବବ୍ରତ ଦାସ, ସରୋଜ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରକଳ୍ପ ଗୁଡିକ ଚୟନ କରିଥିଲେ। ପୁରୁଣାପାଣିର ପ୍ରିୟଲ ସାହୁ, କଣ୍ଟାମଳର ସୁନିତା ପୁଟେଲ, ଘଣ୍ଟାପଡ଼ା ସମଲେଶ୍ୱରୀ ହାଇସ୍କୁଲର ସ୍ୱାଗତ ମଲ୍ଲିକ, ଶୁଣ୍ଠୀପଦରର ବର୍ଷାରାଣୀ ସିଂ, ବିଳାସପୁର ହାଇସ୍କୁଲର ପ୍ରୀତମ କର୍ମୀ, ବଡ଼କୁସଙ୍ଗର ସାଗରିକା ମଟାରି, ବିଚିକାର ଗୀତାଞ୍ଜଳି ଘିବେଲା ପ୍ରମୁଖଙ୍କ ପ୍ରକଳ୍ପ ଜିଲ୍ଲାସ୍ତରକୁ ଚୟନ କରାଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଯୋଜନାରେ ପ୍ରାଥମିକ ଓ ମାଧମିକରୁ ଶୈଳେନ୍ଦ୍ରୀ ରଣା, ସ୍ୱାଗତ କର୍ଣ୍ଣ, ଟ୍ୱିଙ୍କିଲ ରଣା ଓ ମାଧ୍ୟମିକରୁ ଅତନୁ ସବ୍ୟସାଚୀ ହରିଚନ୍ଦନ, ରାକ୍ଷୀ ସାହୁ, ବ୍ୟାସଦେବ ବରଗର୍ତ୍ତୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ. କମଳ ହରିପାଳ, ଅନ୍ୟତମ ଅତିଥି ଭାବେ ଏବିଇଓ ଦୁର୍ଗା ଚରଣ ପ୍ରଧାନ, ଲକ୍ଷ୍ମୀ ମଲ୍ଲିକ ଯୋଗ ଦେଇଥିଲେ। ଶିକ୍ଷକ ରଞ୍ଜୁ ଅମାତ, ସମୀର ପ୍ରଧାନ, ଅନୁପମା ମିଶ୍ର। ସଭାକାର୍ଯ୍ୟ ପରିଚାଳନା କରିଥିଲେ।
















## ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୯.୯୫
- ପାଉଣ୍ଡ ୧୧୮.୮୭
- ୟୁରୋ ୧୦୩.୧୮
- ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୧୯,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୮୫,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୫,୭୦୬.୦୦
- ନିଫ୍ଟି ୨୬,୨୦୨.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ମଣିଷର ଭବିଷ୍ୟତକୁ ଚୂରମାର କରିଦେବ ଏଆଇ

## ଆମାଜନ ସିଇଓଙ୍କୁ ଚିଠି ଲେଖି ଚେତାବନୀ ଦେଲେ ହଜାର ହଜାର କର୍ମଚାରୀ

**ୱାଶିଂଟନ୍, ୩୦।୧୧(ଏଜେନ୍ସି):** ଶେଷରେ ସତ ହେବାକୁ ଯାଉଛି ବୈଜ୍ଞାନିକଙ୍କ ଭବିଷ୍ୟବାଣୀ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମଣିଷ ସମାଜ ପାଇଁବଡ଼ ବିପଦ। ମଣିଷକୁ ନିଜ ଆୟତ୍ତରେ ରଖି ଆଙ୍ଗୁଳିରେ ନଚାଇବ ଏଆଇ। ଦିନେ ଏଆଇକୁ ନେଇ ଗଡଫାଦର ଦେଇଥିବା ଚେତାବନୀ ଏବେ ସତ ହେବାକୁ ଯାଉଛି। ଏଆଇ ମାନବତାର ଭବିଷ୍ୟତକୁ ଚୁରମାର କରିଦେବ। ଏପରି ଅଭିଯୋଗ ଆଣିଛନ୍ତି ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀ ଆମାଜନ୍‌ର ହଜାର ହଜାର କର୍ମଚାରୀ। ଆମାଜନ୍ କର୍ମଚାରୀ ମିଳିତ ଭାବରେ ସିଇଓ ଆଣ୍ଡି ଜାସିଙ୍କୁ ଖୋଲା ଚିଠି ଲେଖିଛନ୍ତି। ଏମାନେ ହେଉଛନ୍ତି ସେହି କର୍ମଚାରୀ ଯିଏ ପ୍ରତିଦିନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସିଷ୍ଟମକୁ ପରିଚାଳନା କରନ୍ତି। କିନ୍ତୁ କର୍ମଚାରୀମାନେ ଏଆଇ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଯାହାକୁ ନେଇ ଟେକ୍ ଶିଳ୍ପରେ ହଇଚଇ।

ସିଇଓ ଆଣ୍ଡି ଜାସିକୁ ଏହି ଖୋଲା ଚିଠିରେ, ଆମାଜନ୍ କର୍ମଚାରୀମାନେ ଲେଖିଛନ୍ତି ଯେ ଏଆଇ ଯେଉଁ ଗତିରେ ଆଗକୁ ବଢୁଛି ତାହା କେବଳ ମେସିନକୁ ନୁହେଁ ବରଂ ମାନବତାର ଭବିଷ୍ୟତକୁ ମଧ୍ୟ ଚୁରମାର କରିପାରେ। ସେମାନେ କହିଛନ୍ତି ଯେ ଯଦି ଏହି ଅନିୟନ୍ତ୍ରିତ ଏଆଇ ରେସକୁ ଏବେ ବନ୍ଦ କରା ନ ଯାଏ, ତେବେ ପରିଣାମ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ତାହା ଚାକିରି, ଗଣତନ୍ତ୍ର କିମ୍ବା ଆମ ଗ୍ରହର ଭବିଷ୍ୟତ ପାଇଁ ହେଉ। ଯଦି ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଏଆଇ କାଲିକୁ ମଣିଷକୁ ଗିଳିଦେବ। ଏହି ଖୋଲା ଚିଠିରେ ହଜାରରୁ ଅଧିକ କର୍ମଚାରୀ ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଇଞ୍ଜିନିୟର, ପ୍ରଡକ୍ଟ ମ୍ୟାନେଜମେଣ୍ଟ, ଗୋଦାମ କର୍ମଚାରୀ ଏବଂ ଏଆଇ ସିଷ୍ଟମରେ କାମ କରୁଥିବା ବୈଷୟିକ ବିଶେଷଜ୍ଞ ମଧ୍ୟ ସାମିଲ ଅଛନ୍ତି।

କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ କମ୍ପାନୀ ଏଆଇ ରେସରେ ଆଗକୁ ବଢ଼ିବା ପାଇଁ ଏହା ମାନବ କର୍ମଚାରୀଙ୍କ ମଙ୍ଗଳକୁ ଅଣଦେଖା କରୁଛି। ଚିଠିରେ ଦାବି କରାଯାଇଛି ଯେ ଅମାଜନ୍‌ର ଏଆଇ ଡାଟା ସେଣ୍ଟରଗୁଡ଼ିକ ଅତ୍ୟଧିକ ପରିମାଣର ପାଣି ଏବଂ ଶକ୍ତି ବ୍ୟବହାର କରିବ, ଯାହା ପରିବେଶ ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିବ। କର୍ମଚାରୀମାନେ ଏହା ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି ଯେ କମ୍ପାନୀର ଏଆଇର ବର୍ଦ୍ଧିତ ବ୍ୟବହାର ଚାକିରି ସୁରକ୍ଷାକୁ ଦୁର୍ବଳ କରିଛି, କର୍ମଚାରୀଙ୍କ କାର୍ଯ୍ୟଭାର ବୃଦ୍ଧି କରିଛି ଏବଂ କାର୍ଯ୍ୟକ୍ଷେତ୍ରରେ ନଜର ରଖିଛି। ସେମାନଙ୍କ ଅନୁଯାୟୀ, ଏହି ପରିବର୍ତ୍ତନଗୁଡ଼ିକ କେବଳ ମାନସିକ ଚାପ ବୃଦ୍ଧି କରୁନାହିଁ ବରଂ ଆମାଜନ୍‌ର ଦୀର୍ଘକାଳୀନ ମୂଲ୍ୟବୋଧକୁ ମଧ୍ୟ ବିରୋଧ କରୁଛି।

# ବକ୍ସାଇଟ୍ ଓଡ଼ିଶାର ଅଭିବୃଦ୍ଧିକୁ ଶକ୍ତିଶାଳୀ କରିପାରିବ

**ଭୁବନେଶ୍ୱର,୩୦।୧୧(ସମିସ):** ଓଡ଼ିଶାର ଅଭିବୃଦ୍ଧିର ଏହି ପରବର୍ତ୍ତୀ ଅଧ୍ୟାୟର କେନ୍ଦ୍ରବିନ୍ଦୁ ହେଉଛି ଆଲୁମିନିୟମ୍ ଏବଂ ଏହି ସୁଯୋଗର କେନ୍ଦ୍ରବିନ୍ଦୁରେ ଓଡ଼ିଶା ଅବସ୍ଥିତ। ଭାରତର ବକ୍ସାଇଟ୍ ସଂରକ୍ଷଣର ୫୯% ଓଡ଼ିଶାରେ ରହିଛି, ଯାହା ଏହାକୁ ଆଲୁମିନିୟମ୍ ଉତ୍ପାଦନ ପାଇଁ କଂଚାମାଲ ସୁରକ୍ଷିତ କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କରିଛି। ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଲୁମିନିୟମ୍ ଭିଜନ୍ ଡକ୍ୟୁମେଣ୍ଟ ଅନୁଯାୟୀ, ୨୦୪୭ ସୁଦ୍ଧା ଭାରତର ଆଲୁମିନିୟମ୍ ଚାହିଦା ୬ ଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ବାର୍ଷିକ ୪.୫ ନିୟୁତ ଟନ୍ ରୁ ୩୭ ନିୟୁତ ଟନ୍ ଉତ୍ପାଦନକୁ ବୃଦ୍ଧି କରିବ, ଓଡ଼ିଶାର ଭୂମିକା ଅପରିହାର୍ଯ୍ୟ ହୋଇପଡ଼େ। କଳାହାଣ୍ଡି ଭଳି ପ୍ରମୁଖ ବକ୍ସାଇଟ୍ ବେଲ୍ଟଗୁଡ଼ିକ ଏହି କ୍ଷମତାର ଏକ ବଡ଼ ଅଂଶକୁ ଅନଲକ୍ କରିବାର ସମ୍ଭାବନା ରଖେ, ଏହି ଅଞ୍ଚଳକୁ ଭାରତର ଆଲୁମିନିୟମ୍ ପ୍ରସାରଣରେ ଏକ ପ୍ରମୁଖ ଯୋଗଦାନକାରୀ ଭାବରେ ସ୍ଥାନିତ କରୁଛି। ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ବକ୍ସାଇଟ୍ ଖଣି ଏବଂ ଆଲୁମିନିୟମ୍ ଉତ୍ପାଦନ ସହିତ ଜଡିତ ଆର୍ଥିକ ସୁଯୋଗ ଯଥେଷ୍ଟ। ଏହାର ଶିଳ୍ପ ଗୁରୁତ୍ୱ ବ୍ୟତୀତ, ଆଲୁମିନିୟମ୍ ଦେଶର ସବୁଠାରୁ ଶକ୍ତିଶାଳୀ ନିଯୁକ୍ତି ଗୁଣକ ମଧ୍ୟରୁ ଗୋଟିଏ। ବିଶ୍ୱ ସ୍ତରରେ ଆଲୁମିନିୟମ୍ ଚାହିଦା ବୃଦ୍ଧି ପାଉଥିବାରୁ, ଓଡ଼ିଶାକୁ ଏହାର ନୀତିଗତ ପରିବେଶକୁ ସୁଗମ କରିବା ପାଇଁ ଅଧିକ ଜରୁରୀ ହୋଇପଡ଼ିଛି।

# ମଣିପାଲ ହସ୍ପିଟାଲ୍‌ରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୩୦।୧୧:** ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ଠାରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ ' ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେଟ୍ ଫୋରମର ୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ। ସେମାନଙ୍କୁ ଯାତାୟତ କରିବାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେଚତନ କାର୍ଯ୍ୟକ୍ରମ ଯୋଗ ଓ ଆସନ ଠାରୁ ଆରମ୍ଭ ହୋଇଥିଲା, ଯାହାକି ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଶାରୀରିକ ଫିଟ୍‌ନେସ୍‌କୁ ଧ୍ୟାନରେ ରଖି ଡାକ୍ତରଙ୍କ ପରାମର୍ଶରେ କରାଯାଇଥିଲା। ଆଗାମୀ ଦିନ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଏହି ପରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ବୟସ୍କଙ୍କ ମଧ୍ୟରେ ସ୍ୱାସ୍ଥ୍ୟଜୀବନ ଓ ସକ୍ରିୟତାକୁ ପ୍ରୋତ୍ସାହିତ କରିବାକୁ ଯୋଜନା ଥିବା ଅବସରରେ ମଣିପାଲ ହସ୍ପିଟାଲ୍‌ର କ୍ଲଷ୍ଟର ଡାଇରେକ୍ଟର (ସାଉଥ୍-ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି।

# ବନ୍ଧନ ସିଲଭର ଇଟିଏଫ୍‌ର ଶୁଭାରମ୍ଭ

**ମୁମ୍ବାଇ,୩୦।୧୧:** ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଦୁଇଟି ନୂଆ ଇଟିଏଫ, ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲଭର ଇଟିଏଫର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଓପନ-ଏଣ୍ଡେଡ ସ୍କିମଗୁଡିକ ଫିଜିକାଲ ଗୋଲ୍ଡ ଓ ସିଲଭରର ଘରୋଇ ମୂଲ୍ୟକୁ ଟ୍ରାକ କରିବେ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ସୋମବାର ୧ ଡିସେମ୍ବରରେ ଖୋଲିବ ଏବଂ ବୁଧବାର ୩ ଡିସେମ୍ବରରେ ବନ୍ଦ ହେବ। ଏହି ଇଟିଏଫଗୁଡିକ ଏକ ସ୍ମାର୍ଟ, ସ୍ୱଚ୍ଛ ଓ ଦକ୍ଷ ଉପାୟରେ ନିବେଶ କରିବା ପାଇଁ ସୁନା କିମ୍ବା ରୁପାର ପହଞ୍ଚ ହାସଲ କରିବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ସରଳ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ନିଜର ପୋର୍ଟଫୋଲିଓରେ ସ୍ଥିରତା ଓ ବିବିଧତାକୁ ସୁଦୃଢ କରିବାକୁ ଚାହୁଁଥିବା ନିବେଶକମାନେ ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲ୍‌ଭର ଇଟିଏଫ ସମ୍ପର୍କରେ ବିଚାର କରିପାରିବେ।

# ବିକ୍ରି ହେବ ଟ୍ରମ୍ପଙ୍କ ପିଲାଦିନର ଘର

**ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବର୍ତ୍ତମାନ ସାରା ବିଶ୍ୱରେ ଟାରିଫ୍ ବା ବାଣିଜ୍ୟ ଶୁଳ୍କ ପାଇଁ ବେଶ ଚର୍ଚ୍ଚାରେ ରହିଛନ୍ତି। ଏବେ ଆଉ ଏକ ଖବର ପାଇଁ ଟ୍ରମ୍ପଙ୍କୁ ନେଇ ଚର୍ଚ୍ଚା। ତାହା ହେଉଛି ଏବେ ଟ୍ରମ୍ପ୍‌ଙ୍କ ପିଲାଦିନର ଘର ପୁଣି ଥରେ ବିକ୍ରି ହେବାକୁ ଯାଉଛି। ଏହା ନ୍ୟୁୟର୍କର କୁଇନ୍ସରେ ଅବସ୍ଥିତ। ନ୍ୟୁୟର୍କ ଟାଇମ୍ସ ଅନୁଯାୟୀ, ଘରଟି ୨.୩ ନିୟୁତ ଡଲାର (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟରେ ନିର୍ମିତ। ଘରଟିର ନବୀକରଣ କରାଯାଇଛି। ଏହି ଟୁଡୋର-ଶୈଳୀର ଘରଟି ୧୯୪୦ ମସିହାରେ ଟ୍ରମ୍ପଙ୍କ ପିତା ରିଅଲ୍ ଇଷ୍ଟେଟ୍ ଡେଭଲପର ଫ୍ରେଡ୍ ଟ୍ରମ୍ପ୍‌ଙ୍କ ଦ୍ୱାରା ନିର୍ମିତ। ଏହା କୁଇନ୍ସର ପଶ ଜାମାଇକା ଇଷ୍ଟେଟ୍ସ ନିକଟରେ ଅବସ୍ଥିତ। ଟ୍ରମ୍ପ୍ ଚାରି ବର୍ଷ ବୟସ ପର୍ଯ୍ୟନ୍ତ ଏହି ଘରେ ରହୁଥିଲେ, ତା'ପରେ ତାଙ୍କ ପରିବାର ପାଖରେ ଥିବା ଏକ ବଡ଼ ବଙ୍ଗଳାକୁ ଚାଲିଯାଇଥିଲେ।

ରିଅଲ୍ ଇଷ୍ଟେଟ୍ ଡେଭଲପର ଟମି ଲିନ୍ ମାର୍ଚ୍ଚ ମାସରେ ୮୩୫,୦୦୦ ଡଲାରରେ ଘରଟି କିଣିଥିଲେ। ସେ ତୁରନ୍ତ ମରାମତି କରିଥିଲେ, ଯାହାର ଖର୍ଚ୍ଚ ପ୍ରାୟ ୫୦୦,୦୦୦ ଡଲାର ଥିଲା। ଲିନ୍ କହିଥିଲେ ଯେ ସେହି ସମୟରେ ଘରଟି ବାସଯୋଗ୍ୟ ନ ଥିଲା। ସେସଥିରେ ପାଣି ଏବଂ ବିଦ୍ୟୁତ୍ ସମସ୍ୟା ସହ ଫଟା ପାଇପ୍ ଥିଲା। ଗୋଟିଏ ସମୟରେ, ଏହା ଜଙ୍ଗଲୀ ବିଲେଇମାନଙ୍କ ବାସସ୍ଥଳ ପାଲଟିଥିଲା। ପ୍ରାୟ ୨୫୦୦ ବର୍ଗଫୁଟ ପରିମିତ ଏହି ଘରଟିର ବର୍ତ୍ତମାନ ସମ୍ପୂର୍ଣ୍ଣ ନବୀକରଣ କରାଯାଇଛି। ଏଥିରେ ୫ଟି ଶୟନ କକ୍ଷ, ତିନୋଟି ପୂର୍ଣ୍ଣ ସ୍ନାନାଗାର, ଦୁଇଟି ଛୋଟ ଶୌଚାଳୟ ଏବଂ ଏକ ବେସମେଣ୍ଟ ଏବଂ ଏକ ପୃଥକ ଦୁଇ-କାର ଗ୍ୟାରେଜ ଅଛି। ଏହି ଘରେ ଆଧୁନିକ ଏବଂ ବିଳାସପୂର୍ଣ୍ଣ ଅପଡେଟ୍ ସୁବିଧା ରହିଛି, ଯେପରିକି ହେରିଂବୋନ୍-ପାର୍ଟର୍ଣ୍ଣ କାଠ ମହଲା ଏବଂ ଏକ ଉଚ୍ଚମାନର ରୋଷେଇ ଘର।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାନ ଧର୍ମ କରନ୍ତୁ।

**ମୀନ:** ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

## ଆଜିର ଐତିହ୍ୟ

- ୧୯୩୩: କଲିକତା ଓ ଢାକା ମଧ୍ୟରେ ବିମାନ ସେବା ଆରମ୍ଭ ହେଲା।
- ୧୯୫୯: ମହାକାଶରୁ ପୃଥିବୀପୃଷ୍ଠର ପ୍ରଥମ ରଙ୍ଗିନ ଫଟୋ ନିଆଗଲା।
- ୧୯୬୩: ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟ ହେଲା।
- ୧୯୬୫: ସୀମା ସୁରକ୍ଷା ବଳର ସ୍ଥାପନା।
- ୧୯୯୧: ଏଡ୍‌ସ ସଚେତନ ଦିବସ ଆରମ୍ଭ।

# ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ମଲାଇକା



ଫିଟ୍‌ନେସ୍ କ୍ୱିନ୍ ମଲାଇକା ଅରୋଡ଼ା ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରୁହନ୍ତି। ଅର୍ଜୁନ୍ କପୁରଙ୍କ ସହ ବ୍ରେକ୍‌ଅପ୍ ପରେ ମଲାଇକାଙ୍କୁ କିଛି ଦିନ ହେଲାଣି ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଦେଖିବାକୁ ମିଳୁଛି। ନିକଟରେ ମଲାଇକାଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ସେ ମୁମ୍ବାଇର ବିମାନବନ୍ଦରରେ ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ନଜର ଆସିଛନ୍ତି। ମଲାଇକା କଳା ରଙ୍ଗର ଟିସାର୍ଟ ସହ ଟ୍ରାଉଜର୍ ପିନ୍ଧିଥିବାବେଳେ ଯୁବକ ଜଣକ ତାଙ୍କୁ ମ୍ୟାଚ୍ କଲାଭଳି ଜିନ୍ସ, ସାର୍ଟ ଓ ବ୍ଲେଜର୍ ପିନ୍ଧିଥିଲେ। ମଲାଇକାଙ୍କ ସହ ନଜର ଆସିଥିବା ଯୁବକ ଜଣକ ମୁହଁରେ ମାସ୍କ ପିନ୍ଧି ଚେହେରା ଲୁଚାବାକୁ ଚେଷ୍ଟା କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଏବେ ଏହି ମିଷ୍ଟ୍ରି ମ୍ୟାନ୍‌ଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ଯୁବକ ଜଣକ ହୀରା ବ୍ୟବସାୟୀ ହର୍ଷ ମେହେତା ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ମୁମ୍ବାଇର ଏକ କନସର୍ଟ ସମୟରେ ମଧ୍ୟ ହର୍ଷଙ୍କୁ ମଲାଇକାଙ୍କ ସହ ଦେଖାଯାଇଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୁଣିଥରେ ମଲାଇକା ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେବାକୁ ଲାଗିଲାଣି।

# ବିଶ୍ୱ ଏଡ୍‌ସ ଦିବସ



ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ 'ବିଶ୍ୱ ଏଡସ୍ ଦିବସ' ଭାବେ ପାଳନ କରାଯାଉଛି। ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଉଦ୍ଦେଶ୍ୟରେ ଏହି ଦିବସ ସମର୍ପିତ। ଏହି ଦୂରାରୋଗ୍ୟ ବ୍ୟାଧିରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। କେବଳ ସଚେତନତା ହିଁ ଏଡ୍‌ସ କବଳରୁ ବର୍ତ୍ତିବାର ଏକ ମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଏଚ୍‌ଆଇଭି ଏକ ଗମ୍ଭୀର ଓ ମାରାତ୍ମକ ରୋଗ। ଡାକ୍ତରୀ ଭାଷାରେ ଏହାକୁ ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍ (HIV) କୁହାଯାଏ। ସାଧାରଣ ଲୋକେ ଏହାକୁ ଏଡ୍‌ସ ଅର୍ଥାତ୍ ଏକ୍ୱାୟର୍ଡ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ୍ ଭାବରେ ଜାଣନ୍ତି। ଏଥିରେ ଥିବା ମାରାତ୍ମକ ସଂକ୍ରମଣ ବ୍ୟକ୍ତିର ଶରୀରର ପ୍ରତିରୋଧକ କ୍ଷମତା ଉପରେ ଆକ୍ରମଣ କରିଥାଏ, ଯେଉଁ କାରଣରୁ ଶରୀର ସାଧାରଣ ରୋଗ ବିରୁଦ୍ଧରେ ଲଢ଼ିବାକୁ ସକ୍ଷମ ହୁଏ ନାହିଁ। ଏଚ୍‌ଆଇଭି ପଜିଟିଭ୍ ଲୋକଙ୍କ ବିଷୟରେ ସାଧାରଣ ଲୋକଙ୍କର ଅନେକ ଭୁଲ ଧାରଣା ରହିଛି, ଏହି ଦିନ ସେମାନଙ୍କର ଏହି ଭୁଲ୍ ଧାରଣାକୁ ହଟାଇବା ପାଇଁ ପ୍ରୟାସ କରାଯାଏ। ଏହି ଦିବସ ପାଳନ ଅବସରରେ ଏଡ୍‌ସ ପୀଡ଼ିତମାନଙ୍କୁ ବାଛବିଚାର ନ କରି ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଜାତିସଂଘର ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଡ୍‌ସ ଦିବସ ଅବସରରେ ଅନେକ ସରକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରିବାକୁ ପ୍ରୟାସ କରାଯାଏ।

# ସ୍ତ୍ରୀ ମାଗିଲେ ସ୍ୱାମୀଙ୍କୁ ପୋଷା ବିଲେଇର ଖର୍ଚ୍ଚ



ଦାମ୍ପତ୍ୟ ଜୀବନରେ ବେଳେବେଳେ ସମସ୍ୟା ଯୋଗୁ ସ୍ୱାମୀ ସ୍ତ୍ରୀ ଅଲଗା ରହିବାକୁ ବାଧ୍ୟ ହୋଇଥାନ୍ତି। ଆଇନ ବ୍ୟବସ୍ଥାରେ ଏହାକୁ ଛାଡ଼ପତ୍ର କୁହାଯାଇଥାଏ। ତୁର୍କୀରେ ଛାଡ଼ପତ୍ରକୁ ନେଇ ଏକ ବିଚିତ୍ର ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ହେଲେ ଛାଡ଼ପତ୍ର ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ବିଲେଇର ଦେଖାଶୁଣା ପାଇଁ ବିଲେଇ ଭତ୍ତା ମାଗିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ବୁଗ୍ରା ନାମକ ଏହି ବ୍ୟକ୍ତିଙ୍କ ବିବାହ ଏଜ୍‌ଗୀଙ୍କ ସହିତ ହୋଇଥିଲା। ହେଲେ ବିବାହର ଦୁଇ ବର୍ଷ ପରେ ପତିପତ୍ନୀ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିଲେ। ଛାଡ଼ପତ୍ର ପରେ ସେମାନଙ୍କର ଦୁଇ ପୋଷା ବିଲେଇର ଯତ୍ନ ଏଜ୍‌ଗୀ ନେବେ ବୋଲି ଅଦାଲତରେ ସ୍ଥିର ହୋଇଥିଲା। ହେଲେ ବିଲେଇ ଦୁଇଟିର ଖର୍ଚ୍ଚ ଏଜ୍‌ଗୀ କିପରି ଉଠାଇବେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କଲା। ଏଭଳି ସ୍ଥିତିରେ ଅଦାଲତ କହିଲେ ଯେ, ବୁଗ୍ରା ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତି ତିନି ମାସରେ ବିଲେଇ ଖର୍ଚ୍ଚ ବାବଦକୁ ୨୧ ହଜାର ୫ଶହ ଟଙ୍କା ଏଜ୍‌ଗିଙ୍କୁ ଦେବେ। ଏହି ଅର୍ଥ ବୁଗ୍ରା ବିଲେଇର ଦେଖାଶୁଣା, ଟିକାକରଣ ଏବଂ ଖାଦ୍ୟ ବାବଦକୁ ପ୍ରଦାନ କରିବେ। କେବଳ ସେତିକି ନୁହେଁ, ପ୍ରତିବର୍ଷ ମୁଦ୍ରାସ୍ଫୀତି ଅନୁସାରେ ଏହି ପରିମାଣକୁ ନିୟନ୍ତ୍ରିତ କରାଯିବ ଏବଂ ବିଲେଇ ଦୁହିଁଙ୍କ ମୃତ୍ୟୁ ପରେ ଏହି ଧାରା ବନ୍ଦ ହେବ। ଅନ୍ୟପଟେ ବୁଗ୍ରାଙ୍କୁ ବିଲେଇ ଭତ୍ତା ସମେତ ଏଜ୍‌ଗୀଙ୍କୁ ଅତିରିକ୍ତ ୧୧.୫ ଲକ୍ଷ ଟଙ୍କା ଭରଣପୋଷଣ ବାବଦରେ ଦେବାକୁ ପଡ଼ିବ। ଏନେଇ ଆଇନ ବିଶେଷଜ୍ଞ ଅୟଲିନ୍ ଏସରା ଏରେନଙ୍କ କହିବା କଥା, ତୁର୍କୀରେ ପୋଷା ପ୍ରାଣୀଙ୍କୁ ଏକ ମାଇକ୍ରୋଚିପ୍ ସହିତ ପଞ୍ଜୀକୃତ କରାଯାଏ ଏବଂ ଯାହାଙ୍କ ନାମରେ ସେମାନେ ପଞ୍ଜୀକୃତ ହୋଇଥାନ୍ତି, ସେମାନେ ପୋଷା ପ୍ରାଣୀର ଆଇନଗତ ମାଲିକ ହୋଇଥାନ୍ତି। ତେବେ ତୁର୍କୀରେ ପ୍ରାଣୀଙ୍କୁ ଛାଡ଼ିଦେବା ଏବଂ ଦେଖାଶୁଣା ନ କରିବାକୁ ଅପରାଧ ବୋଲି ବିବେଚନା କରାଯାଏ। କାରଣ ସେଠାକାର ପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ, ପୋଷା ପ୍ରାଣୀଙ୍କୁ ସମ୍ପତ୍ତି ଭାବରେ ନୁହେଁ, ବରଂ ଜୀବନ୍ତ ପ୍ରାଣୀ ଭାବରେ ଦେଖାଯାଏ। ଏ ଦୃଷ୍ଟିରୁ କେହି ନିଜ ପୋଷା ପ୍ରାଣୀଙ୍କୁ ରାସ୍ତାରେ ଛାଡ଼ି ଦେଲେ ୧୪୦୦ ଡଲାର ଜରିମାନା ଦେବାକୁ ପଡ଼ିଥାଏ। ଏରେନ୍ କହିଛନ୍ତି ଯେ, 'ଏହି ମାମଲା ତୁର୍କୀର ପାରିବାରିକ ଆଇନ ପାଇଁ ଐତିହାସିକ। କାରଣ ପ୍ରଥମ ଥର ପାଇଁ ଅଦାଲତ ପୋଷା ପ୍ରାଣୀଙ୍କ ଯତ୍ନ ପାଇଁ ଆଇନଗତ ଦାୟିତ୍ୱ ନେବାର ନିଷ୍ପତ୍ତି ନେଇଛନ୍ତି।'







# ଭାରତକୁ ଜିତାଇଲେ କୋହଲି, କୁଲଦୀପ

ରାଞ୍ଚି,୩୦।୧୧(ଏଜେନ୍ସି)



ବିରାଟ କୋହଲି
ରନ୍- ୧୩୫
ବଲ୍ - ୧୨୦
ଚୌକା- ୧୧
ଛକା - ୭

ବିରାଟ କୋହଲି (୧୩୫)ଙ୍କ ଶତକ, କୁଲଦୀପ ଯାଦବ (୪/୬୮) ଓ ହର୍ଷିତ ରାଣା (୩/୬୫)ଙ୍କ ସୁନ୍ଦର ବୋଲିଂ ସହାୟତାରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଥିଲାବେଳେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରାୟପୁରରେ ଡିସେମ୍ବର ୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ଦିନିକିଆ କ୍ରିକେଟରେ ରେକର୍ଡ ୫୨ତମ ଶତକ ହାସଲ କରିଥିବା ଭାରତର କୋହଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଭାରତ କ୍ରମାଗତ ୧୯ତମ ଥର ଲାଗି ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୯ ରନ୍ କରିଥିଲା। ଦଳ ପକ୍ଷରୁ କୋହଲି ଶତକ ହାସଲ କରିବା ସହ ଦ୍ୱିତୀୟ ୱିକେଟରେ ରୋହିତ ଶର୍ମାଙ୍କ ସହ ୧୩୬ ରନ୍‌ର ଭାଗୀଦାରି କରିଥିଲେ। ରୋହିତ ୫୭, କାମଚଳା ଅଧିନାୟକ ଲୋକେଶ ରାହୁଲ ୬୦ ଓ ରବୀନ୍ଦ୍ର ଜାଡେଜା ୨୦ ବଲ୍‌ରୁ ୩୨ ରନ୍ କରିଥିଲେ। ଜବାବରେ ୩୫୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓଭରରେ ୨ୱିକେଟ ହରାଇ ବିପଦରେ ପଡ଼ିଥିଲା। ୧୧ ରନ୍‌ରେ ଦଳ ତୃତୀୟ ୱିକେଟ ହରାଇଥିଲା। ୧୩୦ରନ୍‌ରେ ପ୍ରଥମ ୫ଜଣ ଖେଳାଳି ଆଉଟ ହେବା ପରେ ମାଥ୍ୟୁ ବ୍ରିଜ୍‌କେ ୭୨ ଓ ମାର୍କୋ ଜାନ୍‌ସେନ୍ ୭୦ରନ୍ କରିବା ସହ ୬ଷ୍ଠ ୱିକେଟରୁ ୬୯ବଲ୍‌ରୁ ୯୭ରନ୍ ଉଠାଇ ଭାରତୀୟ ଶିବିରରେ ନିରାଶା ଭରିଥିଲେ। ଏହି ସମୟରେ ବା ୩୪ତମ ଓଭର ବୋଲିଂ କରିବାକୁ ଆସି କୁଲଦୀପ ଯାଦବ ପ୍ରଥମ ୩ଟି ବଲ୍‌ରେ ଉଭୟଙ୍କୁ ଆଉଟ କରି ଭାରତକୁ ମ୍ୟାଚ୍‌କୁ ଫେରାଇଆଣିଥିଲେ। ଶେଷ ଭାଗରେ ଅଲରାଉଣ୍ଡର କୋର୍ବିନ ବୋଶ୍ଚ ୫୧ବଲ୍‌ରୁ ୬୭ରନ୍ ଉଠାଇ ଭାରତର ବିଜୟ ବିଳମ୍ବିତ କରିଥିଲେ। ଟୋନି ଡି ଜୋର୍ଜି ୩୯, ଡିୱାଲ୍ଡ ବ୍ରେଭିସ୍ ୩୭ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ଟି, ହର୍ଷିତ ରାଣା ୩ଟି ଏବଂ ଅର୍ଶଦୀପ ସିଂହ ୨ଟି ୱିକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ:** ୩୪୯/୮, ୫୦ ଓଭର (କୋହଲି- ୧୩୫, ରାହୁଲ-୬୦, ରୋହିତ- ୫୭, ବାର୍ଟମ୍ୟାନ୍-୨/୬୦, ବର୍ଗର-୨/୬୫, ବୋଶ୍ଚ-୨/୬୬, ଜାନସେନ୍-୨/୭୬)
**ଦକ୍ଷିଣ ଆଫ୍ରିକା:** ୩୩୨/୧୦, ୪୯.୨ ଓଭର (ବ୍ରିଜ୍‌କେ- ୭୨, ଜାନସେନ-୭୦, ବୋଶ୍ଚ- ୬୭, କୁଲଦୀପ- ୪/୬୮, ହର୍ଷିତ-୩/୬୫, ଅର୍ଶଦୀପ-୨/୬୪)।

## ରୋ-କୋ'ଙ୍କ ବିଶ୍ୱରେକର୍ଡ

**ରାଞ୍ଚି,୩୦।୧୧(ଏଜେନ୍ସି):** ଭାରତୀୟ କ୍ରିକେଟର ଦୁଇ ପ୍ରବାଦ ପୁରୁଷ ରୋହିତ ଶର୍ମା ଓ ବିରାଟ କୋହଲି ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ୫୭ ରନ୍ କରିଥିବା ରୋହିତ ଶର୍ମା ୩ଟି ଛକା ମାରିଥିଲେ। ଏହା ଫଳରେ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ୩୫୨ଟି ଛକା ମାରି ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ଆଫ୍ରିଦୀ ୩୫୧ଟି ଛକା ମାରିଥିଲେ। ସେହିପରି ବିରାଟ କୋହଲି ଏଠାରେ ୫୨ତମ ଦିନିକିଆ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ସର୍ବାଧିକ ଶତକରେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଦେଇଛନ୍ତି। ସଚିନ ଟେଷ୍ଟ କ୍ରିକେଟରେ ୫୧ଟି ଶତକ ହାସଲ କରିଛନ୍ତି। ଭାରତର ସମ୍ମାନ ରକ୍ଷା କରିଥିବା ରୋ-କୋ (ରୋହିତ ଶର୍ମା- ବିରାଟ କୋହଲି) ଏଠାରେ ଆଜି ଦୁଇଟି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି।

## ତ୍ରିସା-ଗାୟତ୍ରୀ ଯୋଡ଼ି ଚାମ୍ପିଅନ; ଶ୍ରୀକାନ୍ତ ରନର୍ସ

**ଲକ୍ଷ୍ନୌ, ୩୦।୧୧ (ଏଜେନ୍ସି):** ଟପ୍ ସିଡ୍ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଏଠାରେ ଚାଲିଥିବା ୨.୧୪ କୋଟି ପୁରସ୍କାର ରାଶିବିଶିଷ୍ଟ ସୟଦ ମୋଦି ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ଡବଲ୍ସ ଫାଇନାଲରେ ତ୍ରିସା-ଗାୟତ୍ରୀ ଯୋଡ଼ି ୧୭-୨୧, ୨୧-୧୩, ୨୧-୧୫ ଗେମରେ ଜାପାନର କାହୋ ଓସାୱା ଓ ମାଇ ତାନାବେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ଭାରତୀୟ ଯୋଡ଼ି କ୍ରମାଗତ ୨ୟ ଦ୍ୱିତୀୟଥର ଲାଗି ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ଘରୋଇ ତାରକା କିଦାମ୍ବୀ ଶ୍ରୀକାନ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ଫାଇନାଲରେ ଶ୍ରୀକାନ୍ତ ୧୬-୨୧, ୨୧-୮, ୨୦-୨୨ ଗେମରେ ହଂକଂର ଜାସନ ଗୁନାୱାନଙ୍କ ନିକଟରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି।

## ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ

### ୧୨ ବଲ୍‌ରେ ଅର୍ଦ୍ଧଶତକ, ୩୨ ବଲରେ ଶତକ

**ହାଇଦରାବାଦ, ୩୦।୧୧ (ଏଜେନ୍ସି):** ଭାରତୀୟ ଦଳର ଯୁବ ଓପନର୍ ଅଭିଷେକ ଶର୍ମା ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ପଞ୍ଜାବ ପକ୍ଷରୁ ଖେଳୁଥିବା ଅଭିଷେକ ରବିବାର ଏଠାରେ ବେଙ୍ଗଲ ବିପକ୍ଷରେ ୫୨ ବଲରେ ୧୪୮ ରନର ମାରାଥନ ଶତକ ହାସଲ କରିଛନ୍ତି। ଯେଉଁଥିରେ ୧୬ ଛକା ଓ ୮ ଚୌକା ସାମିଲ ରହିଥିଲା। ଫଳରେ ପଞ୍ଜାବ ୨୦ ଓଭରରେ ୫ ୱିକେଟରେ ୩୧୦ ରନର ବିଶାଳ ସ୍କୋର କରିଥିଲା। ଜବାବରେ ବେଙ୍ଗଲ ଅଭିମନ୍ୟୁ ଈଶ୍ୱରନ (୬୬ ବଲରେ ୧୩୦ ରନ) ଅପରାଜିତ ଶତକ ସତ୍ତ୍ୱେ ୯ ୱିକେଟରେ ୧୯୮ ରନ କରି ପରାସ୍ତ ହୋଇଥିଲା। ୧୨ଟି ବଲରେ ଅର୍ଦ୍ଧଶତକ ଓ ୩୨ ବଲରେ ଶତକ ହାସଲ କରି ଅଭିଷେକ ଏକାଧିକ ରେକର୍ଡ ଏହି ଇନିଂସରେ କରିଛନ୍ତି। ଟି-୨୦ରେ ଦ୍ରୁତତ୍ତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ସେ ଆଶୁତୋଷ ଶର୍ମା (୧୧ ବଲ୍)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ ଭାବେ ଦ୍ରୁତତ୍ତମ ଟି-୨୦ ଶତକ ହାସଲ କରିବାରେ ସେ ୩ୟ ସ୍ଥାନରେ ରହିଛନ୍ତି। ଓପନିଂ ୱିକେଟ ଯୋଡ଼ିରେ ପ୍ରଭସିମରନ ସିଂହ (୭୦ ରନ)ଙ୍କ ସହ ମିଶି ସେ ୨୦୫ ରନର ଭାଗୀଦାରି ଗଢ଼ିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଇତିହାସରେ ଓପନିଂ ୱିକେଟ ଏହା ରେକର୍ଡ ଭାଗୀଦାରି ହୋଇଛି।

## ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଲୋପା ଲିପସାନୀ ସ୍ୱର୍ଣ୍ଣ, ବର୍ଷା ସେଠୀ ରୌପ୍ୟ, ଆଦ୍ୟାଶା ରାଉତରାୟ ଓ ଅଶ୍ୱିନ ଦିଗଲ କାଂସ୍ୟ ପଦକ ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଲିପ୍‌ସାରାଣୀ ପ୍ରଧାନ ସ୍ୱର୍ଣ୍ଣ, ଆଦିପ୍ତା ସାହୁ ରୌପ୍ୟ, ଅର୍ଚ୍ଚନା ମହାପାତ୍ର ଓ ତନୁସ୍କା ନାୟକ କାଂସ୍ୟ ପଦକ ପାଇଥିଲେ। ୨୧ ବର୍ଷରୁ କମ୍ ବାଳିକା ବିଭାଗରେ ଆରୁନିକା ମେହେଟା ସ୍ୱର୍ଣ୍ଣ, ରଷିକା ନନ୍ଦ ରୌପ୍ୟ, ଦିବ୍ୟାଙ୍କା ମେହେର ଓ ତାନିଆ ଜେନା କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

## ଆଇପିଏଲ୍‌ରୁ ଅବସର ନେଲେ ରସେଲ୍

**କୋଲକାତା, ୩୦।୧୧ (ଏଜେନ୍ସି):** ୱେଷ୍ଟଇଣ୍ଡିଜର ବିସ୍ଫୋରକ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ ଆଇପିଏଲ୍‌ରୁ ଅବସର ଘୋଷଣା କରିଛନ୍ତି। ଆଗାମୀ ୧୯ତମ ସିଜନ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ ରସେଲଙ୍କୁ ଦଳରୁ ରିଲିଜ କରିଥିଲା। ରସେଲ ଏବେ କେକେଆର୍‌ର ପ୍ରଶିକ୍ଷକ ମଣ୍ଡଳୀରେ ଯୋଗଦେବେ ବୋଲି ଜଣାପଡ଼ିଛି। ଆଇପିଏଲ୍‌ରେ ସେ ମୋଟ୍ ୧୪୦ଟି ମ୍ୟାଚ୍ ଖେଳି ୨୬୫୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨ଟି ଅର୍ଦ୍ଧଶତକ ସାମିଲ ରହିଛି।

## ସୁଲତାନ ଆଜଲାନ ଶାହ କପ୍ ହକି ଭାରତ ରନର୍ସଅପ୍

**ଇପୋ, ୩୦।୧୧ (ଏଜେନ୍ସି):** ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟର ୩୧ତମ ସଂସ୍କରଣରେ ଭାରତ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବେଲ୍‌ଜିୟମ ୧-୦ ଗୋଲ୍‌ରେ ଭାରତକୁ ପରାସ୍ତ କରି ପ୍ରଥମଥର ଲାଗି ଚାମ୍ପିଅନ ହୋଇଛି। ମ୍ୟାଚର ୩ୟ କ୍ୱାର୍ଟର ତଥା ୩୪ତମ ମିନିଟରେ ଥିବାଉ ଷ୍ଟୋକବୋଏକ ବେଲ୍‌ଜିୟମ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପରାଜୟ ସହ ଭାରତ ୪ର୍ଥ ଥର ଲାଗି ରନର୍ସଅପ୍ ହୋଇଛି। ଏଥିପୂର୍ବରୁ ୨୦୦୮, ୨୦୧୬ ଓ ୨୦୧୯ରେ ଭାରତ ରନର୍ସଅପ୍ ହୋଇଥିଲା। ପୂର୍ବରୁ ଭାରତ ମୋଟ୍ ଉପରେ ୫ଥର ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ହାସଲ କରିଛି।

## ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ ଭୁବନେଶ୍ୱର କେଭି ନଂ-୧ର ଆୟୁଷ୍ମାନ ବେହେରା ରନର୍ସଅପ୍ ହୋଇଛନ୍ତି। ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବିଜେଇଏମ୍ ସ୍କୁଲ-୧ର ସାଇ କ୍ରିଷ୍ଣା ସାମଲ ତୃତୀୟ, ବିଜେଇଏମ୍-୨ର କୁମାର ପ୍ରଥମ ଚତୁର୍ଥ, ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ବାରବାଟୀ ଟି-୨୦ ଆଜି ଦିନ ୨ଟାରୁ ଅନଲାଇନ୍ ଟିକଟ ବୁକିଂ

**କଟକ,୩୦।୧୧(ସମିସ):** ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ଟିକଟ୍ ବିକ୍ରି ଆରମ୍ଭ ହେବ। ଦିନ ୨ଟାରୁ ଆରମ୍ଭ ହେବ ଅନଲାଇନ୍ ଟିକଟ ବୁକିଂ। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ କ୍ରିକେଟପ୍ରେମୀ ଟିକଟ ବୁକ୍ କରିପାରିବେ। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍‌ରେ ଉପଲବ୍ଧ ହେବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଅନଲାଇନ୍ ଟିକଟ କ୍ରେତାମାନଙ୍କ ପାଇଁ ଡିସେମ୍ବର ୮ ଏବଂ ୯ ତାରିଖରେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ। ସେଠାରୁ ସେମାନେ ଟିକଟ୍‌ର ହାର୍ଡକପି ସଂଗ୍ରହ କରିବେ। ତେବେ ଗ୍ୟାଲେରୀ ନଂ-୨, ୪, ୭ ସହିତ ନ୍ୟୁ ପ୍ୟାଭିଲିୟନ, ସ୍ପେଶିଆଲ ଏନକ୍ଲୋଜର ଏବଂ ଏସି ଗ୍ୟାଲେରୀ ବକ୍ସର ଟିକଟ କେବଳ ଅନଲାଇନ୍‌ରେ ବୁକିଂ ହୋଇପାରିବ। ଜଣେ ବ୍ୟକ୍ତି ୨ଟି ଟିକଟ ହିଁ ଅନଲାଇନ୍‌ରେ କିଣି ପାରିବେ। ଆସନ୍ତା ୭ ତାରିଖରେ ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଦଳ ଭୁବନେଶ୍ୱରରେ ପହଞ୍ଚିବେ। ୮ ତାରିଖରେ ଉଭୟ ଦଳ ଅଭ୍ୟାସ ପାଇଁ କଟକ ଆସିବେ। ଦିନ ସମୟରେ ଭାରତ ଏବଂ ସନ୍ଧ୍ୟା ସମୟରେ ଦକ୍ଷିଣଆଫ୍ରିକା ଦଳର ଅଭ୍ୟାସ ସୂଚୀ ଧାର୍ଯ୍ୟ କରାଯାଇଛି। ଅଭ୍ୟାସ ଦେଖିବା ନିମନ୍ତେ ଗ୍ୟାଲେରୀ ନଂ-୬ ଏବଂ ୭ ଫାଟକ ଖୋଲା ରଖାଯିବ। ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟ ଗୁଡ଼ିକୁ ଟିକଟ ବିକ୍ରି କରାଯିବ। ମୋଟ୍ ୪୨ହଜାର ଟିକଟ ଭିତରୁ ୧୧ହଜାର ଟିକଟ ଅନୁବନ୍ଧିତ ୟୁନିଟ କିଣିବେ। ୧୦ହଜାର ଟିକଟ କାଉଣ୍ଟରକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ଡିସେମ୍ବର ୫ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟରେ ଟିକଟ କାଉଣ୍ଟର ଖୋଲିବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ।




